ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୩/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 3/2023 Page 20 ₹ 7.00
୫୦ଶ ଭାଗ ୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 10 ମୂଲ୍ୟ₹୭/-

# ଘଣ୍ଟଘୋଡ଼ାଇ ଅଡୁଆରେ ଚୟନୀ

ମହାନଦୀ ଓ କାଠଯୋଡ଼ି ନଦୀର ମଧ୍ୟସ୍ଥଳରେ ରହିଛି କଟକ ସହର। ଏଠାରେ ବାଲି ଚୋରାଚାଲାଣ ସହ ତଦ୍‌ଜନିତ ଅପରାଧ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। ପ୍ରତ୍ୟହ ଦିନଦ୍ୱିପ୍ରହରରେ ମେଶିନ ଲଗାଇ ବାଲି ଚୋରି ହେଉଛି। ଏସବୁ ଜାଣି ମଧ୍ୟ ଜିଲା ପ୍ରଶାସନ ବାଲି ଚାଲାଣ ଠିକ୍ ଭାବେ ହେଉଥିବା ନେଇ ସତ୍ୟପାଠରେ ଦର୍ଶାଇଥିଲା। ତେବେ ଏହି ସତ୍ୟପାଠକୁ ଉଚ୍ଚ ଅଦାଲତ ଗ୍ରହଣ କରିପାରିନାହାନ୍ତି। କାଠଯୋଡ଼ି ନଦୀରେ ହେଉଥିବା ବାଲି ଉତ୍ତୋଳନ ସମ୍ପର୍କରେ ତତ୍କାଳୀନ ଜିଲାପାଳ ଭବାନୀ ଶଙ୍କର ଚୟନୀ ଦେଇଥିବା ସତ୍ୟପାଠକୁ ମିଥ୍ୟା ଦର୍ଶାଇ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବେଆଇନ ବାଲି ଚାଲାଣ ନେଇ ଜନସ୍ୱାର୍ଥ ମାମଲା

- ତତ୍କାଳୀନ ଜିଲାପାଳଙ୍କ ସତ୍ୟପାଠକୁ ମିଥ୍ୟା ଦର୍ଶାଇଲେ ହାଇକୋର୍ଟ
- ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ କହିଲେ ଅଦାଲତ

କଟକ,୨।୧୨(କାର୍ତ୍ତିକ ସାହୁ)

ବେଆଇନ ବାଲି ଚାଲାଣ ଓ କଟକ ସହରରେ ତତ୍‌ଜନିତ ସୃଷ୍ଟି ହେଉଥିବା ଜଟିଳ ସମସ୍ୟାକୁ ପ୍ରଶାସନ ପ୍ରୋତ୍ସାହିତ କରୁଛି। ଲୋକଦେଖାଣିଆ ଭାବେ ଆଇନ ଉଲ୍ଲଂଘନକାରୀଙ୍କଠାରୁ ପ୍ରଶାସନ ଜରିମାନା ଆଦାୟ କରି ସେମାନଙ୍କୁ ବେଆଇନ ବାଲି ଚାଲାଣ ନିମନ୍ତେ ଉତ୍ସାହିତ କରୁଛି। ଏପରି କି କେତେକ ଲୋକଙ୍କୁ ସୁରକ୍ଷା ଦେବାକୁ କଟକର ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗତ ଜୁଲାଇ ୧୯ ତାରିଖରେ ଏକ ଜନସ୍ୱାର୍ଥ ମାମଲାରେ ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଜଣେ ଦାୟିତ୍ୱସମ୍ପନ୍ନ ଅଧିକାରୀ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି କହିବା ସହ ତାଙ୍କ ଉପରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍, ଯାହା ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପଛରେ ରହିଛୁ**



## ୨ କଳା ମହାବଳ ଠାବ

ଭୁବନେଶ୍ୱର, ୨।୧୨(ଅସମାପିକା ସାହୁ)

ରାଜ୍ୟରେ ପୁଣିଥରେ ଦେଖାଯାଇଛି କଳାଲୋମଯୁକ୍ତ ମହାବଳ ବାଘ। ବାଘ ଗଣନା ଚାଲିଥିବାବେଳେ ୨ ବାଘର ଫଟୋ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ଶନିବାର ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଏକ୍ସ'ରେ ସୂଚନା ଦେଇଛନ୍ତି। ଫଟୋରେ ଥିବା ଦୁଇ ବାଘ ମଧ୍ୟରୁ ଗୋଟିଏର ଉଚ୍ଚତା କମ୍ ଥିବାବେଳେ ତାହା ଏକ ଛୁଆ ବାଘ ବୋଲି ଅନୁମାନ କରାଯାଉଛି। ତେବେ କେଉଁ ଜଙ୍ଗଲରେ ଏହି ବାଘ ଦେଖାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଏକ କଳା କଲରାପତରିଆ ବାଘ ଦେଖାଯାଇଥିଲା।

DSPL-438
ଓଡ଼ିଶା ସରକାର
ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଆପଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ସମାଜ ତଥା ବିକାଶର ପ୍ରତ୍ୟେକ ସ୍ତରରେ ଭିନ୍ନକ୍ଷମମାନଙ୍କ ଅଧିକାର ତଥା କଲ୍ୟାଣକୁ ପ୍ରୋତ୍ସାହିତ କରିବା ତଥା ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର ସବୁ କ୍ଷେତ୍ରରେ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ । ଭିନ୍ନକ୍ଷମ ବ୍ୟକ୍ତିମାନେ ଆଜି ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସମାଜର ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇପାରିଛନ୍ତି । ଭିନ୍ନକ୍ଷମମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଉପଯୁକ୍ତ ପରିବେଶ ଓ ପ୍ରୋତ୍ସାହନ ସୃଷ୍ଟି କରିବା ନିମନ୍ତେ ମୋ ସରକାର ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ମୋ ସରକାରର ଉଦ୍ୟମ ଜାରି ରହିବ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-46001/13/0027/2324

DSPL-434
ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ, ୨୦୨୪
(୨୭ ଅକ୍ଟୋବର, ୨୦୨୩ ରୁ ୯ ଡିସେମ୍ବର, ୨୦୨୩)
ନିଜକୁ ଭୋଟର୍ ଲିଷ୍ଟରେ ପଞ୍ଜୀକୃତ କରାନ୍ତୁ
ଏବଂ ନିଜର ମତଦାନ କରି ଦେଶ ପ୍ରତି କର୍ତ୍ତବ୍ୟ ପାଳନ କରନ୍ତୁ ।



Voter Helpline App
For More Information:
Download App From
App Store
Google Play
ନିଜ ନାମ ଭୋଟର୍ ଲିଷ୍ଟରେ ଖୋଜନ୍ତୁ ।
ନିଜ ବୁଥ୍‌ସ୍ତରୀୟ ଅଧିକାରୀ(BLO)ଙ୍କୁ ଜାଣନ୍ତୁ ।
ନିଜ ଫର୍ମର ସ୍ଥିତି ପରଖନ୍ତୁ ।
ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରନ୍ତୁ ।
ନିଜ ଫର୍ମ ଡାଉନ୍‌ଲୋଡ୍ କରନ୍ତୁ ।
ଭାରତ ନିର୍ବାଚନ ଆୟୋଗଙ୍କ ଜାତୀୟ ଆଇକନ୍
ଶ୍ରୀ ରାଜ କୁମାର ରାଓ
भारत निर्वाचन आयोग
Election Commission of India
Follow us on :
CEO Odisha Ceoodisha
odishaceo Chief Electoral Officer Odisha
ଅଧିକ ଜାଣିବା ପାଇଁ QR code ସ୍କାନ୍ କରନ୍ତୁ ।
OIPR-12113/13/0017/2324



PATANJALI
ସତ କହିବାକୁ କାହିଁକି ଡରିବୁ?
ସଷ୍ଟେନେବଲ୍ ହେଲ୍‌ଥର ବୈଜ୍ଞାନିକ ସତ
ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବା ଏକ କୋଟିରୁ ଅଧିକ ରୋଗୀଙ୍କ ଡାଟାବେସ୍, ଲକ୍ଷ ଲକ୍ଷ ଲୋକଙ୍କ ସେଲ୍‌ଫ ଏଭିଡେନ୍ସ, ରିୟଲ୍ ୱାର୍ଲଡ୍ ଏଭିଡେନ୍ସ ଏବଂ କ୍ଲିନିକାଲ୍ ଏଭିଡେନ୍ସ ଆମ ପାଖରେ ଅଛି, ଯାହାକୁ କେହି ମିଛ ସାବ୍ୟସ୍ତ କରିପାରିବେ ନାହିଁ ।

ପ୍ରଶ୍ନ: ବି.ପି., ସୁଗାର୍, ଥାଇରଏଡ୍, ଆର୍ଥ୍ରାଇଟିସ୍ ଓ ଆଜ୍‌ମା ଭଳି ରୋଗକୁ କ'ଣ କେବଳ ନିୟନ୍ତ୍ରଣ ହିଁ କରାଯାଇପାରିବ ନା ଏହିସବୁ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସମ୍ଭବ?
ଉତ୍ତର: ହଁ, ଏଲୋପାଥିର ଆଧୁନିକ ବିଜ୍ଞାନରେ ଏଭଳି ସିଦ୍ଧାନ୍ତ ଓ ସମସ୍ୟା ଅଛି କି ରୋଗକୁ ନିୟନ୍ତ୍ରଣ ତ କରାଯାଇପାରିବ, କିନ୍ତୁ ଆରୋଗ୍ୟ ପ୍ରକ୍ରିୟା ସେଠାରେ ନାହିଁ । କାରଣ ଔଷଧ ତିଆରି କରୁଥିବା କମ୍ପାନୀଗୁଡ଼ିକ ନିକଟରେ ଏପର୍ଯ୍ୟନ୍ତ ଏପରି କୌଣସି ଗବେଷଣା କିମ୍ବା ସମାଧାନ ନାହିଁ । କିନ୍ତୁ ଏହି ସମସ୍ୟା କେବଳ ଏଲୋପାଥିର । ଆମେ ଯୋଗ, ଆୟୁର୍ବେଦ ଏବଂ ନେଚୁରୋପାଥିର ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କୁ ବି.ପି., ସୁଗାର୍, ଥାଇରଏଡ୍, ଆର୍ଥ୍ରାଇଟିସ୍ ଓ ଆଜ୍‌ମା ଭଳି ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ । ଏହାର ରିୟଲ୍ ୱାର୍ଲଡ୍ ଏଭିଡେନ୍ସ ଏବଂ ରିସର୍ଚ୍ଚ ତଥା ପ୍ରମାଣ ଆଧାରିତ ସାଇଣ୍ଟିଫିକ୍, ଅଥେଣ୍ଟିକ୍ ଚିକିତ୍ସା ପଦ୍ଧତି ଆମ ପାଖରେ ଅଛି, ଏହା ଆମର ସନାତନ ସାଂସ୍କୃତିକ, ଜ୍ଞାନ-ବିଜ୍ଞାନ, ପ୍ରଜ୍ଞାନ, ଅନୁସନ୍ଧାନର ବୈଶିଷ୍ଟ୍ୟ ଅଟେ ।

ପ୍ରଶ୍ନ: ଲିଭର, କିଡ୍‌ନୀ, ହାର୍ଟ, ବ୍ରେନ୍, ନର୍ଭସ୍ ସିଷ୍ଟମ୍, ଇନ୍‌ଫର୍ଟିଲିଟି ଏବଂ କ୍ୟାନ୍ସର୍ ଭଳି ରୋଗଗୁଡ଼ିକର ମଧ୍ୟ କୌଣସି ସାଇଣ୍ଟିଫିକ୍, ଅଥେଣ୍ଟିକ୍, ସଷ୍ଟେନେବଲ୍ ଓ ସ୍ଥାୟୀ ସମାଧାନ ସମ୍ଭବ କି?
ଉତ୍ତର: ଆଧୁନିକ ଚିକିତ୍ସା ବିଜ୍ଞାନରେ ଲିଭର, କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ, ହାର୍ଟ ସର୍ଜରୀ, ଆଇଭିଏଫ୍ ତଥା କ୍ୟାନ୍ସରରେ ଅସ୍ତ୍ରୋପଚାର, ରେଡିଏସ୍, କେମୋଥେରାପି ଆଦିର ବ୍ୟବସ୍ଥା ଅଛି, ଯାହାଦ୍ୱାରା କେବଳ ଆଂଶିକ ଲାଭ ମିଳିଥାଏ । ଅକାମୀ ହୋଇଥିବା ଲିଭର, କିଡ୍‌ନୀ, ହାର୍ଟ, ବ୍ରେନ୍‌ର ରୋଗୀମାନଙ୍କୁ ଆମେ ଯୋଗ, ଆୟୁର୍ବେଦ ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ କରିଛୁ ଏବଂ ଲୋକମାନଙ୍କୁ ଟ୍ରାନ୍ସପ୍ଲାଣ୍ଟ, ଅଣ-ଅତ୍ୟାବଶ୍ୟକ ଅସ୍ତ୍ରୋପଚାର, ଅଣ-ଅତ୍ୟାବଶ୍ୟକ ଔଷଧ ଆଦିରୁ ରକ୍ଷା କରିଛୁ । ଲିଭର୍, କିଡ୍‌ନୀ, ହାର୍ଟ, ବ୍ରେନ୍ ଆଦିର କୋଷିକା ଏବଂ ସମଗ୍ର ଅର୍ଗାନ୍ସକୁ ପୁନରୁଜ୍ଜୀବିତ କରାଯାଇପାରିବ, ସାଇଣ୍ଟିଫିକ୍ ରିସର୍ଚ୍ଚ ସହିତ ଆମେ ଅନ୍ତର୍ଜାତୀୟ ଜର୍ନାଲ୍ସରେ 500ରୁ ଅଧିକ ରିସର୍ଚ୍ଚ ପେପର୍ ପ୍ରକାଶିତ କରି ଏହି ତଥ୍ୟକୁ ସତ୍ୟାପିତ କରିଛୁ ।

ପତଞ୍ଜଳିର 3000ରୁ ଅଧିକ ରିସର୍ଚ୍ଚ ପ୍ରୋଟୋକଲ୍ ଓ 500ରୁ ଅଧିକ ପ୍ରକାଶିତ ରିସର୍ଚ୍ଚ ପେପର୍ ଦେଖିବା ପାଇଁ ପରିଦର୍ଶନ କରନ୍ତୁ: www.patanjali.res.in
ନିଜ ଇଚ୍ଛାରେ ଔଷଧ ଖାଆନ୍ତୁ ନାହିଁ । ରୋଗଗୁଡ଼ିକର ଉପଚାରର ସମ୍ପୂର୍ଣ୍ଣ ଲାଭ ପାଇବା ପାଇଁ ଆପଣ ଆମ ପତଞ୍ଜଳି ୱେଲ୍‌ନେସ୍, ଯୋଗଗ୍ରାମ, ନିରାମୟମ୍‌କୁ ଆସିପାରିବେ କିମ୍ବା ନିଜର ସ୍ଥାନୀୟ ପତଞ୍ଜଳି କେନ୍ଦ୍ରକୁ ଯାଇ ଆପଣ ରୋଗଗୁଡ଼ିକର ଉପଚାର ସମ୍ପର୍କରେ ପୂର୍ଣ୍ଣ ସୂଚନା ପ୍ରାପ୍ତ କରିପାରିବେ ।

ବଢୁଥିବା ଶୀତରେ ଆଜ୍‌ମା, କଫ-ଥଣ୍ଡା ଆଦିର ସ୍ଥାୟୀ ସମାଧାନ
ଆର୍ଥ୍ରାଇଟିସ୍‌ର ସ୍ଥାୟୀ ସମାଧାନ
ବି.ପି., ସୁଗାର୍ ଓ ଲିଭର୍ ସମସ୍ୟାର ସ୍ଥାୟୀ ସମାଧାନ




PATANJALI wellness
Yoga, Ayurveda & Naturopathy
ସମସ୍ତ ଅସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ଥରେ 7 ଦିନ ପାଇଁ ପତଞ୍ଜଳି ୱେଲ୍‌ନେସ୍‌ରେ ରେସିଡେନ୍ସିଆଲ୍ ଯୋଗ, ଆୟୁର୍ବେଦ ଏବଂ ପଞ୍ଚକର୍ମ ଆଦି ଚିକିତ୍ସା ନିମନ୍ତେ ନିଶ୍ଚୟ ଆସନ୍ତୁ ।
ପତଞ୍ଜଳି ୱେଲ୍‌ନେସ୍‌ରେ ସାପ୍ତାହିକ ଉପଚାର ଓ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ
8954666111, 8954666222, 8954666333 (କଲ୍ କରିବାର ସମୟ ସକାଳ 6 ଘଟିକାରୁ ରାତି 10 ଘଟିକା ପର୍ଯ୍ୟନ୍ତ)
କିମ୍ବା ପରିଦର୍ଶନ କରନ୍ତୁ: www.patanjaliwellness.com | booking@patanjaliwellness.com
ଯଦି ଆପଣ ଅନ୍‌ଲାଇନ୍ ପେମେଣ୍ଟ କରିବା ଜାଣିନାହାନ୍ତି, ତେବେ ଏଠାକୁ ଆସି ଡାଇରେକ୍ଟ ପଞ୍ଜୀକରଣ କରାଇପାରିବେ ।
ବିଶେଷ: ପତଞ୍ଜଳିର ହେଲ୍‌ଥ ସେକ୍ଟରରେ ବିଶାଳ ଯୋଗଦାନ - ଟାଇପ୍ 1 ଡାଇବେଟିସ୍, DMD, MND, SLE, MS, ଅଟୋ ଇମ୍ୟୁନ୍ ଡିଜିଜ୍, ଲିଭର୍ ସିରୋସିସ୍, ହେପାଟାଇଟିସ୍, ଲିଭର୍, କିଡ୍‌ନୀ ଫେଲ୍ୟୋର୍, କ୍ୟାନ୍ସର ଭଳି ରୋଗରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ ପତଞ୍ଜଳି ରିସର୍ଚ୍ଚ ଓ ଏଭିଡେନ୍ସ ଆଧାରିତ ଔଷଧ ତିଆରି କରି ମାନବଜାତିକୁ ଉପକୃତ କରିଛି ।
'ଯୋଗ, ଆୟୁର୍ବେଦ, ଫୁଡ୍-ଫାଷ୍ଟିଂ ଏବଂ ଥେରାପିଜ୍' ଏହି ଚାରିଟି ଜିନିଷକୁ ସମ୍ପୂର୍ଣ୍ଣ ପାଳନ କରିଲେ ସମ୍ପୂର୍ଣ୍ଣ ଲାଭ ମିଳିବ ।
ବିଶ୍ୱର ସବୁଠାରୁ ବଡ଼ ଯୋଗ ଗୁରୁ ସ୍ୱାମୀ ରାମଦେବ ଜୀଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗାଭ୍ୟାସ ଏବଂ ଶତାଧିକ ପ୍ରକାର ଇଣ୍ଟିଗ୍ରେଟେଡ୍ ଥେରାପିଜ୍‌ରୁ ରୋଗର ଉପଚାର ସମ୍ପର୍କରେ ଲାଇଭ୍ ଦେଖନ୍ତୁ ଓ ଶିଖନ୍ତୁ ।
आस्था LIVE ପ୍ରତିଦିନ ସକାଳ 5.00ରୁ 7.30 ଏବଂ ରାତି 8.00ରୁ 9.30 ଘଟିକା
INDIA TV LIVE ପ୍ରତ୍ୟହ ସକାଳ 7.56 ଘଟିକା
ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ, ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଏବଂ ବଡ଼ ଷ୍ଟୋର୍ସରେ ଉପଲବ୍ଧ ।
ଉପରବର୍ଣ୍ଣିତ ଔଷଧର ଉପଯୋଗ ପ୍ରସ୍ତାବ ମାତ୍ର ଅଟେ । ଉପରୋକ୍ତ ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ଏହାର ମୁଖ୍ୟତଃ ପ୍ରୟୋଗ କରାଯାଏ । ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ । ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ ଔଷଧ ସେବନ କରନ୍ତୁ ।

# ୪ ସଂସ୍ଥାର କୋକେନ୍ ତନାଘନା

**ପାରାଦୀପ,୨।୧୨(ଶରତ ରାଉତ)**

ପାରାଦୀପ ବନ୍ଦରର ଘରୋଇ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ ଲାଗିଥିବା ପାନାମା ଜାହାଜରୁ କୋକେନ୍ ଜବତ ଘଟଣାକୁ ଶନିବାର ସନ୍ଧ୍ୟା ସୁଦ୍ଧା ୩୬ ଘଣ୍ଟା ଅତିକ୍ରମ କରିଛି। କିନ୍ତୁ ଏହି ୨୨ କିଲୋ କୋକେନ୍ କିପରି ଓ କେଉଁଠୁ ଆସିଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଅପରପକ୍ଷେ ଏହି ଘଟଣାରେ ଶନିବାର ସୁଦ୍ଧା ୪ ତଦନ୍ତକାରୀ ସଂସ୍ଥାର କଷ୍ଟମ୍ସ, ଆଇବି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ଏନ୍‌ସିବିର ବରିଷ୍ଠ ଅଧିକାରୀମାନେ ପହଞ୍ଚି ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ଏହି ସମୟରେ ଆଉ ଅଧିକ କିଛି ପ୍ୟାକେଟ ମିଳିଛି କି ନାହିଁ ତାହା ଅସ୍ପଷ୍ଟ ରହିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତକାରୀ ଅଧିକାରୀମାନେ ଯଥା ସମ୍ଭବ ଗଣମାଧ୍ୟମଠାରୁ ଦୂରେଇ ରହୁଛନ୍ତି।

■ ସ୍ଥାନୀୟ ଲିଙ୍କ୍ ଉପରେ ନଜର

■ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଡଗ୍ ସ୍କ୍ୱାଡ୍ ଜରିଆରେ ତଦନ୍ତ



ଏପରିକି ଉକ୍ତ ପିଆଇସିଟି ବର୍ଥକୁ ପରିଚାଳନା କରୁଥିବା କମ୍ପାନୀର ମାନବ ସମ୍ବଳ ଅଧିକାରୀ ଶାରଦା ନାୟକଙ୍କୁ ପଚାରିଲେ, ତଦନ୍ତ ଚାଲିଥିବାରୁ କିଛି ମତାମତ ଦେଇପାରିବୁ ନାହିଁ ବୋଲି କହିଛନ୍ତି। ସେହିପରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମଧ୍ୟ କିଛି କହିବେ ନାହିଁ ବୋଲି କହିଛନ୍ତି। କଷ୍ଟମ୍ସ କମିଶନର ମାଧବଚନ୍ଦ୍ର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ତଦନ୍ତ ପରେ ସବିଶେଷ ତଥ୍ୟ ପ୍ରେସ୍ ରିଲିଜ ଜରିଆରେ ଜଣାଇ ଦିଆଯିବ ବୋଲି କହିଛନ୍ତି।

ଶନିବାର ସକାଳୁ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଡଗ ସ୍କ୍ୱାଡ୍ ଯାଞ୍ଚ କରିଥିବା ଜଣାପଡିଛି। ଏନ୍‌ସିବି ସହକାରୀ ନିର୍ଦ୍ଦେଶକ କୁଲଦୀପ ଶର୍ମାଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଯାଞ୍ଚ କରୁଛନ୍ତି। କଷ୍ଟମ୍ସ ପକ୍ଷରୁ ଜାହାଜରେ ଲୋଡିଂ ଅନଲୋଡିଂ କରୁଥିବା ୧୨ ଜଣ ଅପରେଟରଙ୍କୁ ଅଲଗା ଅଲଗା ଭାବେ ମାରାଥନ ଜେରା କରାଯାଉଛି। ଏଥିସହ ଜାହାଜର ୨୧ ଜଣ ନାବିକ ଓ କ୍ୟାପଟେନଙ୍କୁ ମଧ୍ୟ ଜେରା କରାଯାଉଛି। ଆଇବି ଏହି ଘଟଣାରେ ଜଡ଼ିତ ସମସ୍ତଙ୍କ ଲିଙ୍କ୍ ଉପରେ ଖୋଳତାଡ଼ କରୁଛି। ଉକ୍ତ କୋକେନ୍ ଇଣ୍ଡୋନେସିଆରୁ ଆସିଥିଲା ନା ପାରାଦୀପରେ ରଖାଯାଇଥିଲା ତାହା ମଧ୍ୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।

ସୂଚନାଯୋଗ୍ୟ, 'ଏମଭି ଦେବୀ' ନାମକ ଜାହାଜ ଗୁରୁବାର ମଧ୍ୟାହ୍ନ ୧୨ଟାରେ ବର୍ଥ ହୋଇଥିଲା। କଷ୍ଟମ୍ସ ଯାଞ୍ଚ ପରେ ସେଥିରେ ଷ୍ଟିଲ କାର୍ଗୋ ଲୋଡିଂ ହେଉଥିଲା। ଦ୍ୱିତୀୟ ଶିଫ୍ଟରେ ଜାହାଜର ୨ ନମ୍ବର କ୍ରେନ୍ ଖରାପ ହୋଇଯାଇଥିଲା। ସେତେବେଳେ ଜଣେ ମେକାନିକ ଏହାକୁ ସଜାଡ଼ିବା ପାଇଁ କ୍ରେନ୍ ଉପରକୁ ଯାଇଥିଲେ। ସଜାଡ଼ିବା ପରେ ଅପରେଟର କ୍ରେନ ଚାଲୁ କରିବାକୁ ଏହାର ଉପରି ଭାଗରେ ଠିଆ ହୋଇ ଉପରକୁ ଦେଖିଥିଲେ। ଏହି ସମୟରେ ସେଠାରେ ଥିବା ଏକ ପ୍ୟାକେଟରେ ହାତ ବାଜିବାରୁ ତାହା ପଡ଼ିଯାଇଥିଲା। ତା'ପରଠାରୁ ସେହି ପ୍ୟାକେଟକୁ ନେଇ ଖୋଳତାଡ଼ ହେବା ପରେ ସେଥିରେ କୋକେନ୍ ଥିବା ଜଣାପଡ଼ିଥିଲା। ଯେଉଁ ଗୋଟିଏ ପ୍ୟାକେଟ ଖୋଲି ଓଜନ କରାଯାଇଥିଲା ତାହା ୧୨୭୦ ଗ୍ରାମ ଥିଲା। ଆଉ ଗୋଟିଏ ପ୍ୟାକେଟ ଓଜନ କରିବାରେ ତାହା ୧୪୧୦ ଗ୍ରାମ ଥିଲା।ଏମିତି ପ୍ରତି ପ୍ୟାକେଟ ୧୨୦୦ରୁ ୧୬୦୦ ଗ୍ରାମ କୋକେନ୍ ଥିବା ଜଣେ ଅଧିକାରୀ କହିଛନ୍ତି। କିନ୍ତୁ କଷ୍ଟମ୍ସ ୨୨ ପ୍ୟାକେଟକୁ ୧ କେଜି ହିସାବରେ ୨୨ କେଜି ବୋଲି ଦର୍ଶାଇ ଏହାର ମୂଲ୍ୟ ପ୍ରାୟ ୨୨୦ କୋଟି ଟଙ୍କା ବୋଲି ପ୍ରେସ୍ ରିଲିଜରେ ଦର୍ଶାଇଛି। ଏମିତି ଅନେକ ଅସାମଞ୍ଜସ୍ୟ ଏହି କୋକେନ୍ ଘଟଣାରେ ଦେଖିବାକୁ ମିଳିଛି।

**ପାରାଦୀପରେ ଜାହାଜରୁ ଜବତ ହୋଇଥିଲା ୨୨୦ କୋଟିର ଡ୍ରଗ୍ସ**

# ଆଜି ୪ ରାଜ୍ୟର ଭୋଟ ଫଳ

**ନୂଆଦିଲ୍ଲୀ,୨।୧୨**

ରବିବାର ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏବଂ ତେଲଙ୍ଗାନା ଭୋଟ ଗଣନା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ରାଜସ୍ଥାନର ୧୯୯ ନିର୍ବାଚନମଣ୍ଡଳୀର ଭୋଟଗଣନା ସକାଳ ୮ରୁ ୩୬ଟି କେନ୍ଦ୍ରରେ ହେବ। ମଧ୍ୟପ୍ରଦେଶର ୨୩୦ ଆସନ ଲାଗି ୨୫୨ ମହିଳାଙ୍କ ସମେତ ୨,୫୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଫଳାଫଳ ଗଣତିପରେ ଜଣାପଡ଼ିବ। ଛତିଶଗଡ଼ର ୯୦ ଆସନରେ ଭୋଟଗଣତି ପାଇଁ ୪,୬୦୦ ଅଫିସରଙ୍କୁ ନିୟୋଜିତ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ମୋଟ ୧,୧୮୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଥିଲେ। ତେଲଙ୍ଗାନାର ୪୯ଟି କେନ୍ଦ୍ରରେ ଭୋଟଗଣନା ହେବାକୁ ଯାଉଛି। ଭୋଟଗଣନା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଗତ ୩୦ ତାରିଖରେ ତେଲଙ୍ଗାନା ଭୋଟ ଶେଷ ହେବା ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବୁଥ୍ ଫେରନ୍ତା ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା। ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ ଏବଂ ମଧ୍ୟପ୍ରଦେଶ, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ଜିତିପାରେ ବୋଲି ଅଧିକାଂଶ ଗଣମାଧ୍ୟମ ପ୍ରକାଶ କରିଥିଲେ। ସେହିପରି ମିଜୋରାମ ଭୋଟଗଣନା ୩ ପରିବର୍ତ୍ତେ ୪ ତାରିଖରେ କରିବା ପାଇଁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଜୋରାମ୍ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ସହ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର କଡ଼ା ମୁକାବିଲା ହୋଇଥିବାବେଳେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ଭାଜପା ପଛରେ ପଡ଼ିଥିବା କୁହାଯାଇଥିଲା। ମଧ୍ୟପ୍ରଦେଶରେ ଭାଜପା ନେତା ତଥା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ସରକାରର କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପୁଞ୍ଜି କରି କ୍ଷମତା ବଜାୟ ରଖିବାକୁ ଆଶାବାଦୀ ଥିଲାବେଳେ କଂଗ୍ରେସ କଡ଼ା ଟକ୍କର ଦେଇଥିଲା। ରାଜସ୍ଥାନରେ ଫଳାଫଳ କଂଗ୍ରେସ ସରକାର ବିରୋଧରେ ଯାଇପାରେ।

# କୋଏଲ ନଦୀରେ ବୁଡ଼ିଗଲେ ୨ ଛାତ୍ର

**ରାଉରକେଲା,୨।୧୨(ସଙ୍ଗୀତା ଜେନା)**

ରାଉରକେଲା ଛେଣ୍ଡ ଥାନା ଅଧୀନ ପ୍ରଧାନପାଲ୍ଲୀ ରେଲୱେ ବ୍ରିଜ ତଳେ କୋଏଲ ନଦୀ ଘାଟରେ ଶନିବାର ଗାଧୋଇବା ବେଳେ ୨ଜଣ ଛାତ୍ର ବୁଡି ଯାଇଛନ୍ତି। ମୃତକ ହେଲେ ଲେବର ଟେନାମେଣ୍ଟ ଅଞ୍ଚଳର ପ୍ରିୟାଂଶୁ ଭୋଳ (୧୪) ଏବଂ ସେ ବାସନ୍ତୀ କଲୋନୀ ଡିଏଭି ପବ୍ଲିକ ସ୍କୁଲର ଛାତ୍ର। ଛେଣ୍ଡ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୩) ରୁଜୁ କରି ଆର୍‌ଜିଏଚ୍ ମର୍ଗରେ ମୃତଦେହ ରଖିଛି। ସେହିପରି ଅନ୍ୟ ଜଣେ ଛାତ୍ର ପ୍ରିୟରଞ୍ଜନ ପାଢ଼ୀ(୧୪) ନିଖୋଜ ଅଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) ତାଙ୍କୁ ଠାବ କରାଯାଇପାରିନାହିଁ।

ପୋଲିସ ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ବାସନ୍ତୀ କଲୋନୀ ଡିଏଭି ପବ୍ଲିକ ସ୍କୁଲର ପ୍ରିୟାଂଶୁ ଓ ପ୍ରିୟରଞ୍ଜନଙ୍କ ସମେତ ୪ଜଣ ଛାତ୍ର କୋଏଲ ନଦୀଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ସେମାନେ ଜଳସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ୨ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ପ୍ରିୟାଂଶୁଙ୍କ ମୃତଦେହ ମିଳିଥିଲା। ଉଦ୍ଧାର ନାବାଳକଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଗ୍ନିଶମ ଅଧିକାରୀ ସରୋଜ ବେହେରା କହିଛନ୍ତି, କୋଏଲ ନଦୀଘାଟରେ ଉକ୍ତ ଛାତ୍ରମାନେ ଗାଧୋଇବା ବେଳେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଓଡ୍ରାଫ ଟିମ୍ ପ୍ରିୟାଂଶୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରିନାହିଁ। ରବିବାର ପୁଣି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ବେହେରା କହିଥିଲେ।

**ଜଣେ ମୃତ, ଅନ୍ୟ ଜଣେ ନିଖୋଜ**

# ବିଶ୍ୱର ପ୍ରଥମ ଗ୍ରାଣ୍ଡମାଷ୍ଟର ଭଉଣୀ ଭାଇ ବୈଶାଳୀ-ପ୍ରଜ୍ଞାନନ୍ଦ

**ଚେନ୍ନାଇ, ୨।୧୨**

ବିଶ୍ୱ ଚେସ୍‌ରେ ଭାରତର ପ୍ରାଧାନ୍ୟ କ୍ରମେ ବଢ଼ିବାରେ ଲାଗିଛି। ଦେଶର ପ୍ରତିଭାସମ୍ପନ୍ନ ଗ୍ରାଣ୍ଡମାଷ୍ଟରମାନେ ବିଶ୍ୱର ଯେକୌଣସି ଖେଳାଳିଙ୍କୁ ଟକ୍କର ଦେବାରେ ସକ୍ଷମ ହେଉଛନ୍ତି। ଏବେ ଭାରତୀୟ ଖେଳାଳିମାନେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସେ ହେଉଛନ୍ତି ଗୋଟିଏ ପରିବାରର ଭଉଣୀ ଭାଇ, ଯାହାକି ବିଶ୍ୱରେ ପ୍ରଥମ। ପୂର୍ବରୁ ଆର୍. ପ୍ରଜ୍ଞାନନ୍ଦ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିସାରିଥିଲେ। ଏବେ ତାଙ୍କ ବଡ଼ ଭଉଣୀ ଆର୍. ବୈଶାଳୀ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗୋଟିଏ ପରିବାରର ଭଉଣୀ ଭାଇ ଗ୍ରାଣ୍ଡମାଷ୍ଟର ଜିତିବା ଏହା ବିଶ୍ୱରେ ପ୍ରଥମ ଦୃଷ୍ଟାନ୍ତ। ସ୍ପେନ୍‌ରେ ଅନୁଷ୍ଠିତ ଆଇଭିଇଏଲ୍ ଲୋବ୍ରେଗାଟ ଓପନ ଚେସ୍‌ରେ ଚମତ୍କାର



ଆର୍. ପ୍ରଜ୍ଞାନନ୍ଦଙ୍କ ସହ ଭଉଣୀ ଆର୍. ବୈଶାଳୀ

ଆରମ୍ଭ କରି ବୈଶାଳୀ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିବାର ସମସ୍ତ ଔପଚାରିକତା ପୂରଣ କରିଛନ୍ତି। ଶୁକ୍ରବାର ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ଆବଶ୍ୟକ ମ୍ୟାଜିକ୍ ୨୫୦୦ ରେଟିଂ ପଏଣ୍ଟ ପୂରଣ କରିବା ସହ ଏହି ସଫଳତା ପାଇଛନ୍ତି। ଚେନ୍ନାଇଭିତ୍ତିକ ୨୨ ବର୍ଷୀୟା ବୈଶାଳୀ ସ୍ପେନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ତୁର୍କୀ ଫିଡେମାଷ୍ଟର ତାମେର ତାରିକ ସେଲବେସଙ୍କୁ ହରାଇବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ପଥ ପରିଷ୍କାର କରିଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ ପାଇଁ ଖେଳାଳିଙ୍କୁ ୩ଟି ଗ୍ରାଣ୍ଡମାଷ୍ଟର ନର୍ମ ସହ ୨୫୦୦ ଇଲୋ ରେଟିଂ ସ୍ପର୍ଶ କରିବା ଆବଶ୍ୟକ ହୋଇଥାଏ। ବୈଶାଳୀ ଗତ ଅକ୍ଟୋବରରେ ଅନୁଷ୍ଠିତ କାତାର ମାଷ୍ଟର୍ସ ଟୁର୍ନାମେଣ୍ଟରେ ତୃତୀୟ ଜିଏମ୍ ନର୍ମ ପୂରଣ କରିଥିଲେ। ଟାଇଟଲ ପାଇଁ ତାଙ୍କୁ କେବଳ ୨୫୦୦ ରେଟିଂ ସ୍ପର୍ଶ କରିବା ଆବଶ୍ୟକ ହେଉଥିଲା, ଯାହାକି ସେ ସ୍ପେନ୍ ଟୁର୍ନାମେଣ୍ଟରେ ହାସଲ କରିଛନ୍ତି।

ଭାରତର ତୃତୀୟ ମହିଳା ଖେଳାଳିଭାବେ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଛନ୍ତି ବୈଶାଳୀ। ତାଙ୍କ ପୂର୍ବରୁ କୋନେରୁ ହମ୍ପି ଓ ଡି. ହାରିକା ଏହି ଟାଇଟଲ ହାସଲର କୃତିତ୍ୱ ଅର୍ଜନ କରିଛନ୍ତି। ବୈଶାଳୀ ଭାରତର ୮୪ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। କେବଳ ଗ୍ରାଣ୍ଡମାଷ୍ଟର ଟାଇଟଲ ନୁହେଁ, ବିଶ୍ୱର ପ୍ରଥମ ଭଉଣୀ ଭାଇ ଭାବେ ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାଲିଫାଇଂ ଇଭେଣ୍ଟରୂପେ ପରିଚିତ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ୨୦୨୪ ଏପ୍ରିଲରେ ଟରଣ୍ଟୋରେ ଅନୁଷ୍ଠିତ ହେବ। ବୈଶାଳୀଙ୍କ ସାନଭାଇ ପ୍ରଜ୍ଞାନନ୍ଦ ୨୦୧୮ରେ ମାତ୍ର ୧୨ ବର୍ଷ ବୟସରରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ଚେସ୍ ଲିଜେଣ୍ଡ ବିଶ୍ୱନାଥନ ଆନନ୍ଦ ସୋସିଆଲ୍ ନେଟ୍‌ୱର୍କିଂ ପ୍ଲାଟ୍‌ଫର୍ମ 'ଏକ୍ସ' ମାଧ୍ୟମରେ ବୈଶାଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୈଶାଳୀ ତାଙ୍କ ବାପା ରମେଶବାବୁଙ୍କଠାରୁ ଚେସ୍ ଶିଖିବା ଆରମ୍ଭ କରିଥିଲେ। ରମେଶବାବୁ ନିଜେ ମଧ୍ୟ ଜଣେ ଚେସ୍ ଖେଳାଳି।



Jackets . Sweaters . Sweatshirts . Shirts . Denims . Trousers . Tracksuits . Thermals . Lowers . Footwear & Socks

DUKE EXCLUSIVE SHOWROOMS AT CUTTACK: B.K. Road | Darga Bazar BHUBANESWAR: 132, Ashok Nagar, Janpath JAJPUR: Jajpur Road BERHAMPUR: Urban Bank Road | Kampali Square, Mahabali Market ANGUL: Shanti Bazar BARIPADA: Purunahatsahi, Near SBI Bank, W.No.06 BHADRAK: Salandi-Bye Pass ROURKELA: Udit Nagar, Main Road I NAC Market, Sector-2 BALASORE: Opp. Convent school, Vivekanand Marg SAMBALPUR: VSS Marg Road SUNDERGARH: Megha Malhar, Mission Road JATNI: Main Road, Opp. P.N.B Bank RAYAGADA: Lakshmi Kalyani Residency KAKATPUR: Collage Square, Balara KENDRAPADA: Tulsi Bazaar, Near Bus Stand TALCHER: Hatatota UDALA: Magurbhanj | ALSO AVAILABLE AT ALL LEADING STORES

Auth. Footwear Distributor at CUTTACK: M/s Bharat Footwear | KALAHANDI: M/s Sri Ganesh Distributors, Kesinga | For Footwear Enq.: 9888248506 For Trade Institutional & Showroom Enq:- 093372-67083, 098555-88080

Follow us on: | Also at: dukeindia.com MYNTRA Flipkart amazon AJIO FASHION FACTORY TRENDS

# ବାତ୍ୟା: ୫ ଜିଲାରେ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨।୧୨(ଅନିଲ ଦାସ)

- ୫ ଜିଲା କୃଷି ଅଧିକାରୀଙ୍କ ଛୁଟି ବାତିଲ
- ଧାନ, ମାଣ୍ଡିଆ, କପା ଅମଳ କରିନେବାକୁ ପରାମର୍ଶ
- ୬ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ସବୁ ବନ୍ଦରରେ ୧ ନଂ. ବିପଦ ସଙ୍କେତ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ(ଡିପ୍ରେସନ) ଶନିବାର ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୧୮କି.ମି. ବେଗରେ ଗତି କରୁଛି। ଗଭୀର ଅବପାତ ପୁଡୁଚେରିର ଦକ୍ଷିଣ-ପୂର୍ବ ଦିଗରେ ୪୦୦ କି.ମି., ନେଲୋରଠାରୁ ୫୦୦ କି.ମି. ଏବଂ ମଛଲିପଟନମ୍‌ଠାରୁ ୬୫୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତିକରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ବାତ୍ୟାରେ ପରିଣତ ହେବ। ଏହା ପରେ ବାତ୍ୟା ୪ ତାରିଖ ଅପରାହ୍ନରେ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ତାମିଲନାଡୁ କୂଳରେ ପହଞ୍ଚିବ। ୫ ତାରିଖ ପୂର୍ବାହ୍ନରେ ବାତ୍ୟା ଉତ୍ତର ଦିଗକୁ ଗତିକରି ଦକ୍ଷିଣ ଆନ୍ଧ୍ର ଉପକୂଳ ନେଲୋର ଏବଂ ମଛଲିପଟନମ୍ ଦେଇ ସ୍ଥଳଭାଗ ଅତିକ୍ରମ କରିପାରେ। ସ୍ଥଳଭାଗ ଛୁଇଁବା ବେଳକୁ ବାତ୍ୟାର ବେଗ ଘଣ୍ଟା ପ୍ରତି ୮୦ରୁ ୯୦ କି.ମି. ଓ ବେଳେ ବେଳେ ୧୦୦ କି.ମି. ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ବାତ୍ୟା ପ୍ରଭାବରେ ଆସନ୍ତା ୫ରୁ ୮ ତାରିଖ ଯାଏ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ୫ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ଅତି ପ୍ରବଳ (୭ରୁ ୨୦ ସେ.ମି.) ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ନବରଙ୍ଗପୁର, ନୟାଗଡ଼, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୬ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ବାତ୍ୟା ଯୋଗୁ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିପାରେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କୁ ଡିସେମ୍ବର ୧ରୁ ୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କୃଷି ଅଧିକାରୀମାନଙ୍କ ଛୁଟି ୨ରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସରକାର କୃଷକମାନଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ଶନିବାର କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଅମଳ ଉପଯୋଗୀ ଧାନ, ମାଣ୍ଡିଆ ଓ କପା ଆଦି ଫସଲକୁ ଅମଳ କରି ଯଥାସମ୍ଭବ ସୁରକ୍ଷିତ ସ୍ଥାନରେ ସାଇତି ରଖିବା ପାଇଁ ପରାମର୍ଶ ଦିଆଯାଇଛି। 'ଆମ କୃଷି' ପଞ୍ଜୀକୃତ ଚାଷୀମାନଙ୍କୁ ଆଇଭିଆର୍‌ଏସ୍‌ରେ ବାର୍ତ୍ତା ପଠାଇ ସଚେତନ କରାଯାଇଛି। ଏହାଛଡ଼ା ବିଭିନ୍ନ ଜିଲାଗୁଡ଼ିକରେ ମାଇକ ଜରିଆରେ ବାର୍ତ୍ତା ପ୍ରଚାର କରାଯାଇ ଚାଷୀମାନଙ୍କୁ ସଚେତନ କରାଯାଉଛି।

## ୯ ଯାଏ ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର,୨।୧୨(ଅନିଲ ଦାସ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲୁରହିବ। ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ନୂତନ ଭୋଟର ଭାବେ ପଞ୍ଜୀକରଣ ନିମନ୍ତେ ଆବେଦନପତ୍ର ଗ୍ରହଣ କରାଯିବ ବୋଲି ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ନଭେମ୍ବର ୫, ୧୧, ୧୯, ୨୫ରେ ସମସ୍ତ ବୁଥ୍‌ରେ ସ୍ୱତନ୍ତ୍ର ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଦିନଗୁଡ଼ିକରେ କୌଣସି ଭୋଟର ତ୍ରୁଟି ସଂଶୋଧନ, ଯୋଗ କିମ୍ବା ଭୋଟର ତାଲିକାରୁ ବାଦ୍‌ହେବା ପାଇଁ ଫର୍ମ ଦାଖଲ କରି ନ ଥିଲେ ଡିସେମ୍ବର ୯ (ଶନିବାର) ସୁଦ୍ଧା ଅନ୍‌ଲାଇନ୍ voters.eci.gov.in/Voters HelpLine App ଦ୍ୱାରା କିମ୍ବା ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଆବେଦନ କରିପାରିବେ।

## ଗାଁକୁ ଫେରିଲେ ଉଦ୍ଧାର ଶ୍ରମିକ



ବେଢାକୁଦ ଗ୍ରାମରେ ଧୀରେନ ନାୟକ ପହଞ୍ଚିବା ପରେ ଗ୍ରାମବାସୀ ଫୁଲ ଦେଇ ସ୍ୱାଗତ କରୁଛନ୍ତି।

### ସ୍ୱାଗତ କଲେ ପରିବାର ଲୋକେ ଓ ଗ୍ରାମବାସୀ

### କେନ୍ଦ୍ର , ରାଜ୍ୟ ଓ କମ୍ପାନୀ ପକ୍ଷରୁ ୫ ଲକ୍ଷ ସହାୟତା

ବାଙ୍ଗିରିପୋଷି(ସଞ୍ଜୟ କୁମାର ଅଗ୍ରୱାଲ)/ ରାଇରଙ୍ଗପୁର(ମାନସ ରଞ୍ଜନ ମହାନ୍ତି), ୨।୧୨

ଉତ୍ତରାଖଣ୍ଡ ଟନେଲରୁ ଉଦ୍ଧାର ହୋଇଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ଯୋଗିବନ୍ଧ, ବେଢାକୁଦର ୨ଜଣ ଓ ତିରିଂ ଥାନା କୁଲଡ଼ିହାର ଜଣେ ଶ୍ରମିକ ଗାଁକୁ ଫେରିଆସିଛନ୍ତି। ଉଦ୍ଧାର ଶ୍ରମିକମାନେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କୁ ସାକ୍ଷାତ କରି ତାଙ୍କର ଧୈର୍ଯ୍ୟ ଏବଂ ସାହସର ପ୍ରଶଂସା କରିଥିଲେ। ପରେ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଥିଲେ। ରାଜୁ ନାୟକ, ଧୀରେନ ନାୟକ ଓ ବିଶେଶ୍ୱର ନାୟକ ଗାଁକୁ ଫେରିବା ପରେ ଲୋକେ ଗାଁ ମୁଣ୍ଡରୁ ସ୍ୱାଗତ କରି ଘରକୁ ନେଇଯାଇଥିଲେ। ପାରମ୍ପରିକ ରୀତିନୀତିରେ ପରିବାର ଲୋକେ ସେମାନଙ୍କୁ ସ୍ୱାଗତ କରିଥିଲେ। ହଳଦୀ ପାଣିରେ ଗୋଡ଼ ଧୋଇ ଘରକୁ ପାଛୋଟି ନେଇଥିଲେ। ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ ସମସ୍ତେ। ଭାଜପାର ରାଷ୍ଟ୍ରୀୟ ସଦସ୍ୟ ସୁଗଦା ମୁର୍ମୁ, ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାର ସୀତାଂଶୁ ହଜ ଶେଖର ଦାସ, ଜିଲାପରିଷଦ ରାମଚନ୍ଦ୍ର ମୁର୍ମୁ, ବିଜେଡି କର୍ମୀ ବିଶ୍ୱଜିତ ଶର୍ମା, ସଞ୍ଜୀବ କିଶୋର ମହାନ୍ତିଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ସେହିପରି କୁଲଡ଼ିହା ଗ୍ରାମର ରାଜୁ ନାୟକ ରାଇରଙ୍ଗପୁର ମୁର୍ମୁ ଛକରେ ପହଞ୍ଚିବା ପରେ ବିଧାୟକ ନବଚରଣ ମାଝି, ରାଜ୍ୟ ଭାଜପା ସମ୍ପାଦକ ନବୀନ ରାମ, ବରିଷ୍ଠ ଭାଜପା ନେତା ବିକାଶ ମହାନ୍ତ ଏବଂ ଅନ୍ୟ ଦଳୀୟ ନେତୃବୃନ୍ଦ ପ୍ରମୁଖ ତାଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ରାଜୁ ଗାଁକୁ ଫେରିବା ପରେ ପରିବାର ଲୋକେ ତଥା ତାଙ୍କ ବାପା ମୋଚିରାମ ନାଏକ, ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା।

## ପୋଖରୀରେ ବୁଡ଼ି ଭଉଣୀ-ଭାଇ ମୃତ

ବାରିପଦା,୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଥାନା ଜ୍ୟୋତିପୁର ଗ୍ରାମ ମାଝିସାହିରେ ଭଉଣୀ ଓ ଭାଇ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇଛନ୍ତି। ମୃତକଦ୍ୱୟ ହେଲେ ଗ୍ରାମର ଲବ ମାଝିଙ୍କ ଝିଅ ମାଲ(୬) ଓ ପୁଅ କାର୍ତ୍ତିକ(୨)। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି ପିଆରଏମ୍ ହସ୍ପିଟାଲରେ ବ୍ୟବଚ୍ଛେଦ ହୋଇଛି। ସଦର ଥାନାରେ ଅପମୃତ୍ୟୁ ମାମଲା (ନଂ.୨୩୮/୨୩)ରେ ରୁଜୁ ହୋଇଛି।






## ବାତ୍ୟା ପାଇଁ ୫୪ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା): ବାତ୍ୟା 'ମିଚାଉଙ୍ଗ'କୁ ଦୃଷ୍ଟିରେ ରଖି ୫୪ଟି ଏକ୍ସପ୍ରେସ୍ ଟ୍ରେନ୍ ବାତିଲ କରାଯାଇଛି। ପୂର୍ବତଟ ରେଳପଥରୁ ବାହାରୁଥିବା ୬ ଯୋଡ଼ା ବା ୧୨ଟି ଟ୍ରେନ୍, ପୂର୍ବତଟ ରେଳପଥ ଦେଇ ଅତିକ୍ରମ କରୁଥିବା ୨୧ ଯୋଡ଼ା ଅର୍ଥାତ୍ ୪୨ଟି ଟ୍ରେନ୍ ଚଳାଚଳ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାତିଲ ହୋଇଛି। ୨ରୁ ୮ ତାରିଖ ମଧ୍ୟରେ ବିଭିନ୍ନ ରୁଟ୍‌ରେ ଏସବୁ ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଛି। ଏଥିରେ ପୁରୀରୁ ବାହାରୁଥିବା ପୁରୀ- ଚେନ୍ନାଇ ଏକ୍ସପ୍ରେସ୍, ଭୁବନେଶ୍ୱରରୁ ବାହାରୁଥିବା ବିବିଏସ୍-ତିରୁପତି ଏବଂ ବିବିଏସ୍- ବାଙ୍ଗାଲୋର ଏକ୍ସପ୍ରେସ୍ ଏବଂ ବିଶାଖାପାଟଣା-ଚେନ୍ନାଇ, ବିଶାଖାପାଟଣା-କୁଡ୍ଡପା ଏବଂ ବିଶାଖାପାଟଣା-ତିରୁପତି ଏକ୍ସପ୍ରେସ୍ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୁପୁ ଟୁପୁ ପାଣି ପଥର କାଟେ**
**ଟୁପୁ ଟୁପୁ କଥା ଅନ୍ତର କାଟେ।**

ଟପ ଟପ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରର କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଟୁପ ଟାପ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟିକି ପିଲାଟି**
**କେତେ ଅଭିଆଣ ଭେଇ ଦେଲାଟି।**

ଅଳ୍ପ ବୟସର ଧୃଷ୍ଟତା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇପାରି ନ ଥାଏ। ଛୋଟ ମୁହଁରେ ବଡ଼ କଥା ଶୋଭା ପାଇ ନ ଥାଏ। ବୟସର ସ୍ତରକୁ ଭୁଲି ବଡ଼ ବଡ଼ କରି କଥା କହିଲେ ସମାଜରେ ନିନ୍ଦିତ ହେବାକୁ ପଡ଼ିଥାଏ। ଅତି ବାହାଦୁରି ଦେଖାଇ କଥା କହୁଥିବା କମ୍ ବୟସର ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ପିଲାଙ୍କ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସମୟ ସୁବିଧା ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ଉପକୃତ ହେବେ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିବେ।

**ବୃଷ** ସ୍ଥଗିତ ଥିବା କାମଟି ବନ୍ଧୁଙ୍କ ସାହାଯ୍ୟରୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିବେ। ବନ୍ଧୁ ପରିଜନମାନଙ୍କ ସମ୍ବନ୍ଧରେ କୌଣସି ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଦିନସାରା କଠୋର ପରିଶ୍ରମ ଜନିତ ରାତ୍ରିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ଯାତ୍ରାରେ କୌଣସି ଜିନିଷ ନେବାକୁ ଭୁଲି ଯାଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ପୁନଶ୍ଚ ଏହା ସାଙ୍ଗକୁ ପରିବାରରେ ମଧ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଲାଭବାନ୍ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡ଼ିବ।

**କର୍କଟ** ଅତୀତର ସମସ୍ୟାଗୁଡ଼ିକର ସମୀକ୍ଷା କରି କାର୍ଯ୍ୟପନ୍ଥା ସ୍ଥିର କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ଆଶଙ୍କା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ନିଜର ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଯାନବାହନରେ ସତର୍କତା ବିଧେୟ। ଅନ୍ୟଥା ଯାନ୍ତ୍ରିକ ତ୍ରୁଟି ସାମୟିକ ଯାତ୍ରାରେ ପ୍ରତିବନ୍ଧକ ସାଜିବ।

**ସିଂହ** ଆଜି ଯେମିତି ଚାହୁଁଛନ୍ତି ସେହିଭଳି କାମ ସମ୍ପନ୍ନ ହେବାରେ ଅସୁବିଧା ହେବନାହିଁ। ଶ୍ରମଜୀବୀମାନେ କଠିନ ପରିଶ୍ରମ କରି ଉଚିତ ପାରିଶ୍ରମିକ ପାଇବେ। ସାମାନ୍ୟ ବଚସାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପିଲାମାନଙ୍କର କନ୍ଦଳକୁ କେନ୍ଦ୍ରକରି ଏକ ମାମୁଲି ଘଟଣାରେ ଉଇବାଚ ଘଟିପାରେ।

**କନ୍ୟା** ସମସ୍ୟା ମଧ୍ୟରେ ଗତି କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁସଙ୍ଗିକ ସୁବିଧା ସୁଯୋଗ ପାଇ ପଡ଼ୋଶୀଙ୍କଠାରୁ କାମ ହାସଲ କରିବେ। ପାରସ୍ପରିକ ମତଭେଦ କାରଣରୁ ଅପରାହ୍ନେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଉଚ୍ଚ ପ୍ରଶଂସା ମଧ ପାଇବେ।

**ତୁଳା** ମନକୁ ପାଇଲା ଭଳି ଜିନିଷମାନ କିଣିବାର ସୁଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ, କିନ୍ତୁ ବିଶେଷ କ୍ଷତି ହେବ ନାହିଁ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। ପ୍ରତ୍ୟେକ କଥାରେ ପଡ଼ୋଶୀଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ। ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହେବେ।

**ଧନୁ** ସହକର୍ମୀଙ୍କ ସାମ୍ନାରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କିନ୍ତୁ ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ମଉକା ପାଇପାରିବେ।

**ମକର** ଆଜି ସକାଳୁ ଇଚ୍ଛା କରିଥିବା ଜିନିଷଟି ନ ପାଇବାରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବନ୍ଧୁଙ୍କ ଅନାଦର ଭାବ ଯୋଗୁଁ ସାମୟିକ ମନ ଦୁଃଖ ଘଟିବ। କର୍ମକ୍ଷେତ୍ରରେ ସରକାରୀ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ମିଳିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିବେ। ତଥାପି ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ।

**ମୀନ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିଥିଲେ ମଧ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

ଆଜି ମାର୍ଗଶିର କୃଷ୍ଣ ଷଷ୍ଠୀ ରବିବାର ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ। ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୫୩ମି. ଗତେ ଘ.୦୯।୦୩ମି ମଧ୍ୟେ, ଘ.୧୨।୫୭ମି. ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଘ.୦୮।୫୨ମି. ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ।

# କିନ୍ନରଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଜିଲାସ୍ତରରେ ଗଠନ ହେବ ମେଡିକାଲ ବୋର୍ଡ

ଭୁବନେଶ୍ୱର, ୨।୧୨(ଅସମାପିକା ସାହୁ)

ରାଜ୍ୟରେ କିନ୍ନରଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଜିଲାସ୍ତରରେ ମେଡିକାଲ ବୋର୍ଡ ଗଠନ କରାଯିବ। ଏନେଇ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି) ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ପ୍ରତି ଜିଲାରେ ମେଡିକାଲ ବୋର୍ଡ କିନ୍ନରଙ୍କ ଆବଶ୍ୟକ ଚିକିତ୍ସା ଦିଗରେ ଦାୟିତ୍ୱ ତୁଲାଇବ। ତେବେ ଏହି ବୋର୍ଡରେ ୬ଜଣ ରହିବେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଓ ପବ୍ଲିକ୍ ହେଲ୍‌ଥ ଅଫିସର(ପିଏଚ୍‌ଓ) ଏହାର ଅଧ୍ୟକ୍ଷ ଥିବାବେଳେ ଡିଏମ୍‌ଓ (ଏମ୍‌ଏସ୍) ଆବାହକ ଏବଂ ସଦସ୍ୟ ଭାବେ ଜଣେ ଲେଖାଏ ସର୍ଜରି ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ ଓ କ୍ଲିନିକାଲ ମନୋବିଜ୍ଞାନୀ ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଯଦି ଜଣେ କିନ୍ନର କୌଣସି ସ୍ୱାସ୍ଥ୍ୟ ଅନୁଷ୍ଠାନ ବା ଅଧିକାରୀଙ୍କ ନିକଟରେ ନିଜ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆବେଦନ କରିବେ, ତା'ହେଲେ ସେମାନଙ୍କ ଆବେଦନକୁ ଆଧାର କରି କମିଟି ବୈଠକ ବସିବ। ସେଠାରେ କ'ଣ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଆଲୋଚନା କରାଯାଇ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯିବ। ରାଜ୍ୟରେ କିନ୍ନରଙ୍କ ଚିକିତ୍ସା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଥିବା ନେଇ ବିଭିନ୍ନ ସମୟରେ କିନ୍ନର ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଉଥିଲା। ଏଥିସହ କିନ୍ନରଙ୍କ ଲାଗି ସ୍ୱତନ୍ତ୍ର ଚିକିତ୍ସା ପାଇଁ ଦାବି ମଧ କରାଯାଉଥିଲା। ଶେଷରେ ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିଛି। ଅନ୍ୟପଟରେ ଏନ୍ଏଚ୍ଆରସିଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି। ଏହି କମିଟି କିନ୍ନରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ସମ୍ପର୍କିତ ମାମଲା ଉପରେ ନିଷ୍ପତ୍ତି ଗ୍ରହଣ କରିବ। ଚିକିତ୍ସା, ପରାମର୍ଶ ଓ କାଉନ୍‌ସେଲିଂ ଦିଗରେ କମିଟି କାର୍ଯ୍ୟ କରିବ। ସେପଟେ ସରକାରୀ ଡାକ୍ତରଖାନାରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ସେମାନଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଏନ୍ଏଚ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# ଫିଲିପାଇନ୍ସରେ କିସ୍ ମଡେଲ କାର୍ଯ୍ୟକାରୀ ହେବ


କିସ୍ ପରିସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଛାତ୍ରୀଛାତ୍ରଙ୍କ ସହ ଫିଲିପାଇନ୍ସ ସାଂସଦ ରୁଫସ୍ ବି ରୋଡ୍ରିଗେଜ୍।

ଭୁବନେଶ୍ୱର, ୨।୧୨(ଅସମାପିକା ସାହୁ)

ବିଶ୍ୱର ସର୍ବବୃହତ୍ ଜନଜାତି ଆବାସିକ ଅନୁଷ୍ଠାନ 'କିସ୍'ର ମଡେଲ୍ ଫିଲିପାଇନ୍ସରେ କାର୍ଯ୍ୟକାରୀ ହେବ। ଏ ନେଇ ଫିଲିପାଇନ୍ସ ସାଂସଦ ରୁଫସ୍ ବି ରୋଡ୍ରିଗେଜ୍ କହିଛନ୍ତି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ରୁଫସ୍ କହିଛନ୍ତି, କିସ୍ ମଡେଲ ହେଉଛି ବିଶ୍ୱର ଶ୍ରେଷ୍ଠ ମଡେଲ। ଏଥିପାଇଁ ସେ ଫିଲିପାଇନ୍ସ ସଂସଦରେ ଏକ ସ୍ୱତନ୍ତ୍ର ବିଲ୍ ଆଗତ କରିବେ। କିସ୍‌ର ୪୦ ହଜାର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବା ଅବସରରେ ସେ ମାନବ ସେବା ପ୍ରତି ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଗାନ୍ଧୀଙ୍କ ଦର୍ଶନ କିସ୍‌ରେ ଠିକ୍ ଭାବେ ପ୍ରତିଫଳିତ ହୋଇଛି। ମୁଁ ମୋ ଜୀବନରେ ଏ ପର୍ଯ୍ୟନ୍ତ ଏତେବଡ଼ ସଭାରେ ଉଦ୍‌ବୋଧନ ଦେଇ ନ ଥିଲି। ଭାରତ ଓ ଫିଲିପାଇନ୍ସ ମଧ୍ୟରେ ଦୀର୍ଘବର୍ଷ ଧରି ସୁସମ୍ପର୍କ ରହିଆସିଛି। ଭାରତର ସଂସ୍କୃତି ପରମ୍ପରା ଏବଂ ଫିଲିପାଇନ୍ସର ସଂସ୍କୃତି ପରମ୍ପରା ସମାନ। କଳିଙ୍ଗ ନାମ ସହ ଫିଲିପାଇନ୍ସର ସମ୍ପର୍କ ରହିଛି। ଫିଲିପାଇନ୍ସରେ ଷ୍ଟେଟ୍ ଅଫ୍ କଳିଙ୍ଗ ନାମରେ ଏକ ରାଜ୍ୟ ରହିଛି ବୋଲି ସେ ସୂଚନା ଦେଇଥିଲେ। କିଟ୍ ଓ କିସ୍‌ରେ ସୁନ୍ଦର ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଉ ଏକ ବାଛୁରୀ ଖାଇଲା ବାଘ

## ସାଙ୍ଗରେ ବୁଲୁଛନ୍ତି ୨ଛୁଆ

ନୂଆପଡ଼ା,୨।୧୨(ମକାରୁ ବେମାଲ)

ନୂଆପଡା ଜିଲାରେ ଗତ କିଛି ଦିନ ବ୍ୟବଧାନ ପରେ ପୁଣି କୋମନା ରେଞ୍ଜ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ବାଘ ଆତଙ୍କ ଦେଖାଦେଇଛି। ଶୁକ୍ରବାର ରାତି ପ୍ରାୟ ୯ଟାରେ ଏକ କଲରାପତରିଆ ବାଘ ଆସି ସୋସେଙ୍ଗ ପଞ୍ଚାୟତ ହୀରାପୁର ଗାଁର ଦୁର୍ଗା ମାଝିଙ୍କ ଗୁହାଳରେ ପଶି ଏକ ବାଛୁରୀକୁ ଆକ୍ରମଣ କରିଥିଲା। ବାଛୁରୀ ଚିତ୍କାର କରିବାରୁ ପରିବାର ଲୋକେ ଗୁହାଳ ପାଖକୁ ଦୌଡିଯାଇ ଦେଖିବା ବେଳକୁ କଲରାପତରିଆ ବାଘ ବାଛୁରୀକୁ ଆକ୍ରମଣ କରିଥିଲା। ପରିବାର ଏବଂ ଗାଁ ଲୋକେ ଠେଙ୍ଗା, ବାଡି ଧରି ଦୁର୍ଗା ଘର ପାଖକୁ ଦୌଡି ଆସିଥିଲେ। ଲୋକଙ୍କ ଚିତ୍କାର ଶୁଣି ବାଘ ଭୟରେ ବାଛୁରୀକୁ ଛାଡି ଜଙ୍ଗଲକୁ ପଳାଇ ଯାଇଥିଲା। ପରେ ମୃତ ବାଛୁରୀ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେହିପରି ନୂଆପଡା ସଦର ରେଞ୍ଜ ଧରମବନ୍ଧା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁ ରାସ୍ତା କଡରେ ଶୁକ୍ରବାର ବାଘୁଣୀ ସହ ଦୁଇ ଛୁଆ ବାଘ ବୁଲୁଥିବା ଦେଖିଥିବା ଗ୍ରାମବାସୀ କହିଛନ୍ତି। କଟିଙ୍ଗପାଣି ଗାଁର ଚାଷୀ ଧାନ ଧରି ଧରମବନ୍ଧା ମଣ୍ଡିକୁ ବିକ୍ରୟ ପାଇଁ ରାତ୍ରି ପ୍ରାୟ ୯ରୁ ୧୦ଟା ମଧ୍ୟରେ ନେଉଥିବା ବେଳେ ଲୋଦ୍ରା ଓ କଟିଙ୍ଗପାଣି ଗାଁ ମଧ୍ୟ ଭାଗ ରାସ୍ତାରେ ବାଘୁଣୀ ସହ ଦୁଇଟି ଛୁଆ ବାଘ ବୁଲୁଥିବା ଦେଖି ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟ ଆତଙ୍କ ଖେଳିଯାଇଛି। ବର୍ତ୍ତମାନ ସୁଦ୍ଧା ବନ ବିଭାଗ ଘଟଣାସ୍ଥଳକୁ ଯାଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ୪ ମୃତ

- ଟ୍ରକ୍ ପଛରେ ପିଟିହେଲା କାର୍
- ବାଇକ୍‌କୁ ଧକ୍କାଦେଲା ଟ୍ରକ୍

ଫୁଲନଖରା/ ନୂଆପଡ଼ା,୨।୧୨
(ସତ୍ୟ ରଞ୍ଜନ ଦାସମହାପାତ୍ର/ମକାରୁ ବେମାଲ)

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ପାହାଳ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ପିଟି ହୋଇଯାଇଛି। ଫଳରେ କାରରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କାର୍ ଡ୍ରାଇଭର ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ କଣ୍ଟାଝରି ଗ୍ରାମର ଅମୂଲ୍ୟ ଦାସ ଓ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାବନପୁର ଗ୍ରାମର ସୁଶୀଲ କୁମାର କର। ଗୁରୁତର ହୋଇଥିବା କଣ୍ଟାଝରି ଗ୍ରାମର ଜ୍ୟୋତିପ୍ରକାଶ ନାୟକଙ୍କୁ ଚିକିତ୍ସା ଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ପାହାଳସ୍ଥିତ ରାସ୍ତାପାର୍ଶ୍ୱରେ ଏକ ଟ୍ରକ୍ ଛିଡା ହୋଇଥିଲା। ଏହି ସମୟରେ ସୁଶୀଲ, ଜ୍ୟୋତିପ୍ରକାଶ ଓ ଡ୍ରାଇଭର ଅମୂଲ୍ୟ ଏକ କାର୍‌ରେ କଟକରୁ ଭୁବନେଶ୍ୱର ଯାଉଥିଲେ। ହେଲେ କାର୍ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ପିଟି ହୋଇଯିବାରୁ ଅମୂଲ୍ୟ ଓ ସୁଶୀଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିରେ କାରଟି ଭାଙ୍ଗି ଚୂରମାର ହୋଇଯାଇଛି। ପାହାଳ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ଥାନାରେ ଏକ ମାମଲା(ନଂ. ୩୭୩/୨୩) ରୁଜୁ କରି ଟ୍ରକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଦୁର୍ଘଟଣାର ଖବରପାଇ ପରିବହନ ବିଭାଗ କେନ୍ଦ୍ରୀୟ ଜୋନ୍ କଟକର ଡେପୁଟି କମିଶନର ବିରଞ୍ଚି ନାରାୟଣ ଅଧିକାରୀ ପାହାଳ ଥାନାରେ ପହଞ୍ଚି ଦୁର୍ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଦୁର୍ଘଟଣା ହ୍ରାସ ପାଇଁ ଆଗାମୀ ଦିନରେ ଅଧିକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ସେହିପରି ନୂଆପଡା ଜିଲା ଲଖନା ଥାନା ମେଣ୍ଡାଟାଲଠାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ୨ଜଣ ହେଲେ ସିଲଭା ପଞ୍ଚାୟତ ଠାକୁରପାଲି ଗାଁର ରାଜେଶ ଶବର (୩୫), ମନୀଷା ଶବର (୭)। ଗୁରୁତରଙ୍କ ନାମ ଜଣାପଡିନାହିଁ। ସୂଚନା ଅନୁସାରେ ଏକ ବାଇକ୍‌ରେ ୩ଜଣ ନୂଆଗାଁ ପଞ୍ଚାୟତ ଠୁଟିବର ଗାଁରୁ ନିଜ ଗାଁ ଠାକୁରପାଲିକୁ ଫେରି ମେଣ୍ଡାଟାଲ ଓ ଚଚରାଝରନ ଗାଁ ମଝିରେ ବାଇକ୍ ଛିଡା କରି ରହିଥିଲେ। ସେହି ସମୟରେ ଏକ ଜେସିବି ବୁହା ଟ୍ରକ୍ ବିପରିତ ଦିଗରୁ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଗାଡି ଉପରେ ବସିଥିବା ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବାଇକ୍‌ରୁ ଓହ୍ଲାଇ ପାଖରେ ଛିଡାହୋଇ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଲଖନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ମୃତଦେହ ଜବତ କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍‌କୁ ଅଟକ ରଖାଯାଇଛି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଥିବା ଜଣାପଡ଼ିଛି।

# ଘଣ୍ଟଘୋଡ଼ାଇ ଅଡୁଆରେ...

ପ୍ରଥମ ପୃଷ୍ଠାରୁ...

ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ୧୫ ଦିନ ପରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷରେ, ସରକାରଙ୍କ ପକ୍ଷରୁ ଜୁଲାଇ ୧୯ ତାରିଖର ସତ୍ୟପାଠକୁ ଫେରାଇ ନିଆଯାଇ ଆଉ ଏକ ସଦ୍ୟ ପ୍ରସ୍ତୁତ ସତ୍ୟପାଠ ଦାଖଲ ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏହାକୁ ଅନୁମତି ଦେବା ସହିତ ଏହି ସମୟ ମଧ୍ୟରେ ତ୍ରୁଟି ସଂଶୋଧନ କରି ପ୍ରତିଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରର କାଠଯୋଡ଼ି ସମେତ ବିଭିନ୍ନ ନଦୀପଠାରୁ ବେଆଇନ ବାଲି ଉଠାଣ ଓ ପରିବହନ କରାଯାଉଥିବା ନେଇ ପ୍ରଶାନ୍ତ କୁମାର ଦାସ ନାମକ ଜଣେ ସାମାଜିକ କର୍ମୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଲିଜ୍‌ଧାରୀଙ୍କ ପାଇଁ ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଆଖି ବୁଜିଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଜିଲା ପ୍ରଶାସନଠାରୁ ସତ୍ୟପାଠ ମାଗିଥିଲେ। ତତ୍କାଳୀନ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ସରକାରୀ ନୀତିନିୟମ ଅନୁସାରେ ବାଲି ଉଠାଣ ଓ ପରିବହନ କରାଯାଉଛି। ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ବେଆଇନ ବାଲି ଚାଲାଣ କରୁଥିବା ଲିଜ୍‌ଧାରୀ ଓ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି ବୋଲି ଜିଲାପାଳ ସତ୍ୟପାଠରେ ଦର୍ଶାଇଥିଲେ। ଅପରପକ୍ଷରେ କଟକ ସହରରେ ବେଆଇନ ବାଲିଚାଲାଣ କରାଯାଉଥିବା ନେଇ ବାସ୍ତବ ଚିତ୍ର ଭିନ୍ନ ଥିଲା ବୋଲି ହାଇକୋର୍ଟ କହିଛନ୍ତି। ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ପରିବହନ କରାଯିବାର ନିୟମ ଥିବାବେଳେ ସବୁ ସମୟରେ ବାଲି ପରିବହନ କରାଯାଉଛି। ବାଲି ପରିବହନ ସମୟରେ ରାସ୍ତାରେ ଗଦା ଗଦା ବାଲି ପଡ଼ିରହୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ବୋଲି ହାଇକୋର୍ଟ ଅବଗତ ଥିଲେ। ମାମଲାର ଶୁଣାଣି ବେଳେ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କେତେକ ସଦସ୍ୟ କଟକ ସହରରେ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ମତ ରଖିଥିଲେ। କୋର୍ଟ ଏସବୁ ବିଚାରକୁ ନେଇ ବାଲି ପରିବହନ ବାବଦରେ ଭବାନୀ ଶଙ୍କର ଚୟନୀ ଦାଖଲ କରିଥିବା ସତ୍ୟପାଠ ମିଥ୍ୟା ବୋଲି ଦର୍ଶାଇଥିଲେ। ଏଭଳି ସତ୍ୟପାଠରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ତତ୍କାଳୀନ କଟକ ଜିଲାପାଳଙ୍କ ଏତାଦୃଶ ଦାୟିତ୍ୱହୀନ ଆଚରଣ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଲୋକଙ୍କ ସ୍ୱାର୍ଥରକ୍ଷା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ। ହେଲେ ଏ କ୍ଷେତ୍ରରେ ଲୋକଙ୍କ ସ୍ୱାସ୍ଥ୍ୟ, ପରିବେଶ ଓ ଲୋକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ତୁଲାଇବାରେ ଅସଫଳ ହୋଇଛନ୍ତି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳେଇ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

Govt. of Uttarakhand | G20 ONE EARTH • ONE FAMILY • ONE FUTURE | Azadi Ka Amrit Mahotsav

# DESTINATION UTTARAKHAND
## GLOBAL INVESTORS SUMMIT 2023

8th - 9th December, 2023 Dehradun (Uttarakhand) Peace To Prosperity





*Unveiling Uttarakhand's Opportunities*

**YOUR GATEWAY FROM PEACE TO PROSPERITY**

**Pushkar Singh Dhami**
Chief Minister of Uttarakhand, India

"The construction of a developed india for the 21st century rests on two primary pillars, pride in our heritage and second, every possible effort for the development. Today, both these pillars are being strengthened by Uttarakhand. This decade will be the decade of uttarakhand."

**Narendra Modi**
Prime Minister

# Perfect Investment in a Perfect Destination

## MSME Policy 2023

### Eligible Projects

Micro, Small and Medium Enterprises as defined in the Micro, Small and Medium Enterprises Development Act, 2006 and its amendments from time to time.

| Type of project | Investment | Turnover |
|---|---|---|
| Micro | Up to ₹1 Cr. | Up to ₹5 Cr. |
| Small | Up to ₹10 Cr. | Up to ₹50 Cr. |
| Medium | Up to ₹50 Cr. | Up to ₹250 Cr. |

### INCENTIVES

**Capital Subsidy**

| Micro | Small | Medium |
|---|---|---|
| Up to ₹0.5 Cr | Up to ₹2.5 Cr. | Up to ₹4 Cr. |

| | |
|---|---|
| Stamp Duty Reimbursement | Up to 100% |
| DPR Assistance | Up to 75% |

**Interest Subsidy**

| Micro | Small | Medium |
|---|---|---|
| Upto ₹5 Lakh/Yr | Upto ₹6 Lakh/Yr | Upto ₹7 Lakh/Yr |

Mandi fee reimbursement : 50% up to ₹5 lakhs/unit/Yr

- Exemption on Electricity duty for 5 Years
- Up to Rs 15 lakhs additional Capital subsidy under the Most Priority category
- Reimbursement of Quality certification fee- 75% of cost incurred

## Private Industrial Estate Policy 2023

### Eligible Projects

- Private industrial estate/ area can be setup by an individual promoter/ developer/ partnership firm/LLP/Company or any entity registered under the company act/ society act etc. (with consent in writing from all the concerned land owners.
- For the establishment of a private industrial estate, it is necessary to have a minimum of 30 acres in the plain area and a minimum of 2 acres in the hilly region.
- The proposed land should be duly in full possession of the promoter & free from any encroachment.
- The rates of industrial plots will be determined and marketed by the promoter/ board of directors of the estate itself. The state Govt. will have no role in this.

### Fiscal incentive

**Capital Subsidy**

Capital grant of INR 10 lakh per acre on saleable area of infrastructure cost of each industrial park/estate promoted by any private sector investor, business entity, etc.

**CETP**

40% of capital subsidy, a maximum of INR 1 Crore of the fixed capital investment on plant for setting up a CETP

## Logistics Policy 2023

### Eligible Projects

All projects whether new or existing- going through an expansion in Logistics Park, Inland Container Depot, Warehousing facility, Truck Terminal, Fleet Operators, Cold Storage

### INCENTIVES

| Unit Type | Incentive |
|---|---|
| Warehousing facility | Upto 20 percent of the Project cost |
| Truck Terminal | Upto 20 percent of the Project cost |
| Vehicle Purchase Incentive (minimum three Trucks/ Small Trucks/Mini Pickup trucks/Reefer vans | Upto 10 percent on big trucks and upto 15 percent on small and medium trucks, up to Rs. 10 Lakhs |
| Cold Storage | Upto 15 percent of the Project cost |
| Infrastructure Facilities | 20 percent of the Project cost |
| Logistics Park (MMLP/Dry Port/Air Cargo/Integrated Logistics Park) | For project cost of up to Rs. 50 cr., subsidy upto Rs. 8 cr. |
| Inland Container Depot | For project cost of more between Rs50-150 cr., subsidy upto Rs. 24 cr. |
| Skill Development Incentive | For project cost of more than Rs.150 cr., subsidy upto Rs. 32 cr. |



*Be our growth partner*



For more detail please log on
investuttarakhand.uk.gov.in

/ukgis2023

Scan QR Code for Key Policies

Issued in Public Interest by Department of Information and Public Relations, Uttarakhand

www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା



# ପଛରେ ରହିଛୁ



**ଆକାର ପଟେଲ**

୧୯୯୦ରେ, ଅର୍ଥାତ୍ ୩୩ ବର୍ଷ ପୂର୍ବେ ଭାରତର ମୁଣ୍ଡ ପିଛା ଆୟ ୩୬୭ ଆମେରିକୀୟ ଡଲାର ଥିଲାବେଳେ ଚାଇନାର ଏହା ଥିଲା ୩୧୭ ଡଲାର। ସେ ସମୟରେ ଭାରତ ଶେଷଥର ପାଇଁ ଚାଇନା ଆଗରେ ରହିଥିଲା। ଲକ୍ଷ୍ୟ କରନ୍ତୁ, ଚାଇନା ଭାରତଠାରୁ ସାମାନ୍ୟ ପଛରେ ରହିଥିଲା ଏବଂ ସେହି ସମୟରେ ଉଭୟ ଦେଶ ଉଦାରୀକରଣ ଦେଇ ଗତି କରୁଥିଲେ। କିନ୍ତୁ ଉଦାରୀକରଣ ଆମକୁ ସେହି ସ୍ଥିତିର ପୁନରାବୃତ୍ତି କରିବାରେ ସାହାଯ୍ୟ କରିନାହିଁ। କିନ୍ତୁ ଚାଇନାକୁ ତାହା ସୁହାଇଛି। ୧୯୯୦ ଦଶକରେ ଚାଇନାର ଅଭିବୃଦ୍ଧି ଥିଲା ୧୧.୭% (ଏହି ସମୟରେ ଆମର ଥିଲା ୫.୬%)। ୨୦୦୦ ଦଶନ୍ଧିରେ ଚାଇନାର ଅଭିବୃଦ୍ଧି ୧୬.୫% ଥିଲାବେଳେ ଆମର ଥିଲା ୬.୫% ଏବଂ ୨୦୧୦ ଦଶନ୍ଧିରେ ଚାଇନାର ୮.୮% ଓ ଭାରତର ଏହା ଥିଲା ୫.୧%। ଚାଇନା ଗୋଟିଏ ସମୟରେ ଆମ ଭଳି ଗରିବ ଥିଲା। ବିଶ୍ୱବ୍ୟାଙ୍କର ତଥ୍ୟରୁ ଜଣାପଡ଼ିଛି ଯେ, ୧୯୬୦ରେ ଭାରତର ମୁଣ୍ଡ ପିଛା ଆୟ ୮୨ ଡଲାର ଓ ଚାଇନାର ୮୯ ଡଲାର ଥିଲା। ୧୯୭୦ରେ ଭାରତର ଥିଲା ୧୧୨ ଡଲାର ଓ ଚାଇନାର ୧୧୩ ଡଲାର। ୧୯୮୦ରେ ଭାରତର ୨୬୬ ଡଲାର ଥିଲାବେଳେ ଚାଇନା ଏହାଠାରୁ ବହୁତ କମ୍ ୧୯୪ ଡଲାର ଥିଲା। ୨୦୦୦ରେ ଭାରତର ମୁଣ୍ଡ ପିଛା ଆୟ ୧୩୫୭ ଡଲାର ଓ ଚାଇନାର ୪୪୫୦ ଡଲାର, ୨୦୨୨ରେ ଭାରତର ୨୩୮୮ ଡଲାର ଓ ଚାଇନାର ୧୨,୭୨୦ ଡଲାର ଥିଲା। ଚାଇନାର ବାର୍ଷିକ ୧୫% ହାରରେ ଅଭିବୃଦ୍ଧି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଯାହା ଆମେ କେବେ କି ହାସଲ କରିପାରିନାହୁଁ। ୧୯୬୦ ଦଶକରେ ଜାପାନ ୧୩.୭% ଅଭିବୃଦ୍ଧି ହାସଲକରି ୧୯୭୦ରେ ଆମର ଏବକାର ସ୍ତର (୨୦୫୬ ଡଲାର)ରେ ପହଞ୍ଚିଥିଲା। ୧୯୮୦ ସୁଦ୍ଧା ଗୋଟିଏ ଦଶନ୍ଧି ମଧ୍ୟରେ ପ୍ରତିବର୍ଷ ୧୬% ଅଭିବୃଦ୍ଧି ହାସଲ କରି ମୁଣ୍ଡ ପିଛା ଆୟ ୯୪୬୩ ଡଲାରରେ ପହଞ୍ଚିଥିଲା। ଏହାପର ୪ ଦଶନ୍ଧିରେ ହାରାହାରି ଅଭିବୃଦ୍ଧି ୩.୫%ରେ ୩୯,୦୦୦ ଡଲାର ଉପରେ ପହଞ୍ଚିଥିଲା। ଆଉ ଏକ ସଫଳତାର କାହାଣୀ ରହିଛି ଦକ୍ଷିଣ କୋରିଆର। ୧୯୬୦ରୁ ୧୯୭୦ ଏକ ଦଶନ୍ଧି ମଧ୍ୟରେ ଏହା ହାରାହାରି ୫.୮% ଅଭିବୃଦ୍ଧି ହାସଲ କରିଥିଲା। କିନ୍ତୁ ୧୯୭୦ରୁ ୧୯୮୦ ମଧ୍ୟରେ ଏହାର ବାର୍ଷିକ ଅଭିବୃଦ୍ଧି ଥିଲା ୨୦%। ପରବର୍ତ୍ତୀ ଦଶନ୍ଧିରେ ଏହାର ବାର୍ଷିକ ଅଭିବୃଦ୍ଧି ଥିଲା୧୪.୪%। ପରେ ୧୯୯୦ରୁ ୨୦୦୦ ମଧ୍ୟରେ ଏହାର ହାରାହାରି ଅଭିବୃଦ୍ଧି ଥିଲା ୬.୩%। ପୁନର୍ବାର ୨୦୦୦ରୁ ୨୦୧୦ ମଧ୍ୟରେ ଏହା ୬.୫% ଏବଂ ବିଗତ ଦଶନ୍ଧିର ୨୦୨୦ ସୁଦ୍ଧା ୩% ଥିଲା। ୧୯୭୦ରେ କୋରିଆର ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ ବା ପର୍ କ୍ୟାପିଟା ଜିଡିପି ଡଲାର ମୂଲ୍ୟରେ ଭାରତଠାରୁ ୨ଗୁଣରୁ ଅଧିକ ରହିଥିଲା। ଏବେ ଏହା ଭାରତ ତୁଳନାରେ ୧୫ ଗୁଣ ଅଧିକ।

ଇତିହାସର ଗୋଟିଏ ସମୟରେ ଏମାନଙ୍କ ମୁଣ୍ଡ ପିଛା ଜିଡିପି ଆମର ଏବକାର ମୁଣ୍ଡ ପିଛା ଜିଡିପି ସହ ସମାନ ଥିଲା। ପ୍ରତିବର୍ଷ ସେମାନେ ୨ଅଙ୍କ ଅଭିବୃଦ୍ଧି ହାସଲ କରୁଥିଲେ। ଆମେ ଏଭଳି କେବେ ବି ହାସଲ କରିନାହୁଁ, ଯେଉଁଥିପାଇଁ ଆମେ ଅନ୍ୟ ୩ ଦେଶ ସହ ସମକକ୍ଷ ହୋଇପାରିଲୁ ନାହିଁ। ତେବେ ଆମ ସ୍ଥାନ କେଉଁଠି ତାହା ଦେଖିବା। ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ ୧,୦୩୬ରୁ ୪,୦୪୫ ଡଲାର ମଧ୍ୟରେ ଥିଲେ ସେହି ଦେଶଗୁଡ଼ିକୁ ନିମ୍ନ ଆୟ ବର୍ଗର ଦେଶଭାବେ ବିଶ୍ୱବ୍ୟାଙ୍କ ସୂଚିତ କରିଛି। ଆମର ଏହା ୨୨୦୦ ଡଲାର ଓ ଆମେ ନିମ୍ନ ଆୟ ବର୍ଗର ଦେଶ ଭାବେ ୨୦୦୮ରୁ ରହିଛି, ଯେତେବେଳେ ମୁଣ୍ଡ ପିଛା ଆୟ ୧,୦୦୦ ଡଲାରକୁ ଟପିଥିଲା। ମୁଣ୍ଡ ପିଛା ଜାତୀୟ ଆୟ ୪,୦୦୦ ଏବଂ ୧୨,୩୦୦ ଡଲାର ମଧ୍ୟରେ ରହିଲେ ସେହି ଅର୍ଥ ବ୍ୟବସ୍ଥାଗୁଡ଼ିକ ହେଉଛନ୍ତି ଉଚ୍ଚ ମଧ୍ୟମ ଆୟବର୍ଗର ଦେଶ। କିନ୍ତୁ ଚାଇନା ତାହାକୁ ଟପି ୨୦୨୧ରେ ୧୨,୫୫୬ ଡଲାରରେ ପହଞ୍ଚିଛି। ଏହା ହେଉଛି ଉଚ୍ଚ ଆୟ ବର୍ଗର। କିନ୍ତୁ ବିଗତ ୬ ଦଶନ୍ଧି ଧରି ଆମର ହାରାହାରି ଅଭିବୃଦ୍ଧି ୫.୦୨% ରହିଛି। ବିଶେଷକରି ୨୦୧୪ ପରେ ଅଭିବୃଦ୍ଧି ହାରାହାରି ୫.୦୫% ରହିଆସିଛି। ଆମେ ଅସଙ୍ଗଠିତ ଭାବେ ଭୁଲ୍ କରିଛୁ ଓ କିଛି ହାସଲ କରିନାହୁଁ। କିନ୍ତୁ ବାଂଲାଦେଶ ଏବେ ଖରାପ ଅର୍ଥ ବ୍ୟବସ୍ଥାରୁ ବାହାରି ଆସିଛି। ମୁଣ୍ଡ ପିଛା ଜିଡିପିରେ ବାଂଲାଦେଶଠାରୁ ସାମାନ୍ୟ ପଛରେ ଅଛି ଭାରତ। ୧୯୭୧ ଏବଂ ୧୯୮୦ ମଧ୍ୟରେ ବାଂଲାଦେଶର ଜିଡିପି ଅଭିବୃଦ୍ଧିର ବାର୍ଷିକ ହାର ଥିଲା ମାତ୍ର ୧.୦୪%। ସେହି ୧୦ବର୍ଷ ମଧ୍ୟରୁ ୩ଟି ବର୍ଷରେ ଏହାର ଅଭିବୃଦ୍ଧି ନକାରାତ୍ମକ ଥିଲେ ବି ଏବେ ଭାରତ ସହ ସମକକ୍ଷ ହୋଇଛି। ଗତ ଦଶନ୍ଧିରେ ବାଂଲାଦେଶର ହାରାହାରି ଅଭିବୃଦ୍ଧି ୬.୪% ଥିଲା। ଅନ୍ୟପକ୍ଷରେ ପଡ଼ୋଶୀ ପାକିସ୍ତାନ ୧୯୬୦ ଦଶକରେ ଭାରତଠାରୁ ଭଲ ପ୍ରଦର୍ଶନ କରିଥିଲା। ୧୯୬୧ ଏବଂ ୧୯୭୦ ମଧ୍ୟରେ ଏହାର ଅର୍ଥ ବ୍ୟବସ୍ଥାରେ ବାର୍ଷିକ ହାରାହାରି ୭.୨୫% ଅଭିବୃଦ୍ଧି ହେଉଥିଲା। ୧୯୬୫ ଏବଂ ୧୯୭୦ ଏହି ୨ ବର୍ଷରେ ଅଭିବୃଦ୍ଧି ଥିଲା ୧୦%। ସେହି ସମୟରେ ଆମେରିକାର ରାଜନୈତିକ ବିଶେଷଜ୍ଞ ସାମୁଏଲ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାନ୍‌ଙ୍କୁ ଗ୍ରୀକ୍ ଆଇନ ନିର୍ମାତା ସୋଲୋନ ଏବଂ ଲିକୁରଗୁସ୍‌ଙ୍କ ସହ ତୁଳନା କରିଥିଲେ। କିନ୍ତୁ ପାକିସ୍ତାନ ଏବେ ମୁଣ୍ଡ ପିଛା ଜିଡିପିରେ ବାଂଲାଦେଶ ପଛରେ ରହିଯାଇଛି। ବିଶ୍ୱର ସବୁଠୁ ଗରିବ ଆଫ୍ରିକୀୟ ଦେଶଗୁଡ଼ିକ ତୁଳନାରେ ଏହା ଅଧିକ ଆଗରେ ନାହିଁ। ୨୦୧୧ରୁ ୨୦୨୦ ମଧ୍ୟରେ ପାକିସ୍ତାନର ଜିଡିପି ଅଭିବୃଦ୍ଧି ହାରାହାରି ୩.୭% ଯାହା ବୈଶ୍ୱିକ ହାରାହାରି ୨.୩୮%ରୁ ଅଧିକ।

ବିଶ୍ୱର ବାର୍ଷିକ ହାରାହାରି ମୁଣ୍ଡ ପିଛା ଜିଡିପି ହେଉଛି ୧୨,୨୬୨ ଡଲାର। ଚାଇନା ଏବେ ବୈଶ୍ୱିକ ହାରାହାରିଠାରୁ ସାମାନ୍ୟ ଆଗରେ ଅଛି ଏବଂ ବାଂଲାଦେଶ, ପାକିସ୍ତାନ ଓ ଭାରତରେ ଏହାର ଏକପଞ୍ଚମାଂଶ। ୧୯୬୦ ଦଶକରେ ବୈଶ୍ୱିକ ହାରାହାରିଠାରୁ ଆମର ୫ଗୁଣ କମ୍ ଥିଲା। ସେ ସମୟରେ ବିଶ୍ୱର ମୁଣ୍ଡ ପିଛା ଜିଡିପି ୪୫୯ ଡଲାର ଥିଲାବେଳେ ଭାରତର ଥିଲା ୮୨ ଡଲାର। ଉଲ୍ଲେଖନୀୟ, ଏହା ହେଉଛି ମୁଣ୍ଡ ପିଛା ଆୟ ଏବଂ ତାହା ବିଶ୍ୱର ୭୦୭ କୋଟି ଲୋକଙ୍କର। ଏଥିରେ ଦକ୍ଷିଣ ଏସିଆର ଯୋଗଦାନ ୨୩%। ଅର୍ଥାତ୍ ଆମେ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ଉତ୍ପାଦକତାର ପଛରେ ରହିଛୁ ଏବଂ ୬୦ ବର୍ଷ ହେଲା କମ୍ କିମ୍ବା ବେଶି ହେଉ ସମାନ ହାରରେ ରହିଆସିଛୁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 8 | | | | | | | |
| | | | | | 9 | 3 | | |
| | 5 | | 8 | | | | | |
| | 9 | | 6 | | 2 | | | 1 |
| | 7 | | | 3 | | 8 | 5 | |
| | | 8 | | | | | 6 | |
| | | | | 7 | | | | 4 |
| 7 | | | 9 | 6 | 5 | | | |
| 3 | | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 3 | 5 | 1 | 7 | 8 | 9 |
| 8 | 3 | 9 | 7 | 4 | 6 | 2 | 1 | 5 |
| 7 | 1 | 5 | 9 | 2 | 8 | 3 | 4 | 6 |
| 1 | 4 | 2 | 5 | 8 | 7 | 9 | 6 | 3 |
| 5 | 9 | 6 | 2 | 1 | 3 | 4 | 7 | 8 |
| 3 | 8 | 7 | 4 | 6 | 9 | 5 | 2 | 1 |
| 4 | 5 | 8 | 1 | 9 | 2 | 6 | 3 | 7 |
| 9 | 7 | 1 | 6 | 3 | 4 | 8 | 5 | 2 |
| 6 | 2 | 3 | 8 | 7 | 5 | 1 | 9 | 4 |

ଗତକାଲିର ଉତ୍ତର

# ଫାସିବାଦର ପୁନଃ ଅଭ୍ୟୁଦୟ



**ଜନାର୍ଦ୍ଦନ ପତି**

୧୯୨୨ରେ ମୁସୋଲିନି ତାଙ୍କର ଫାସିଷ୍ଟବାହିନୀକୁ ରୋମରେ ସଶସ୍ତ୍ର ପଟୁଆର କରିବାକୁ ନିର୍ଦ୍ଦେଶ ଦେଇ ଇଟାଲିର ରାଜା ଭିକ୍ଟର ଇମାନୁଏଲଙ୍କୁ ବାଧ୍ୟ କଲେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତି ଦେବା ପାଇଁ। ୨୯ ଅକ୍ଟୋବର ୧୯୨୨ରେ ମୁସୋଲିନି ଇଟାଲିର ଶାସନକୁ ହାତକୁ ନେଲେ ଓ ଇଟାଲିରେ ଫାସିଷ୍ଟ ଶାସନ ପ୍ରତିଷ୍ଠା କଲେ। ଠିକ୍ ଅନୁରୂପ ଭାବେ ହିଟ୍‌ଲରଙ୍କ ଏସ୍.ଏସ୍. ସଶସ୍ତ୍ର ବାହିନୀ ବର୍ଲିନରେ ପଟୁଆର କରି ଜର୍ମାନ ରାଷ୍ଟ୍ରପତି ହିଣ୍ଡନବର୍ଗଙ୍କୁ ବାଧ୍ୟ କଲେ ହିଟ୍‌ଲରକୁ ଜର୍ମାନର ଚାନ୍‌ସେଲର ପଦବୀରେ ନିଯୁକ୍ତି ଦେବାକୁ। ୧୯୩୩, ଜାନୁୟାରୀ ୩୦ରେ ହିଟ୍‌ଲର ଜର୍ମାନର ଚାନ୍‌ସେଲର ହେବା ପରେ ନାଜି ପାର୍ଟିର ବର୍ବର ଶାସନ ଆରମ୍ଭ ହେଲା। ୟୁରୋପରେ ପ୍ରଥମେ ଇଟାଲିରେ ଓ ପରେ ଜର୍ମାନରେ ଫାସିଷ୍ଟ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେଲା। ଯେଉଁଠି ସାଧାରଣ ମଣିଷଙ୍କ ନାଗରିକ ଅଧିକାର, ବଞ୍ଚିବାର ଅଧିକାରକୁ ଲୋପ କରାଗଲା।

ସେତେବେଳେ ସମଗ୍ର ୟୁରୋପରେ ଭୟଙ୍କର ସଂକଟ ଦେଖାଦେଇଥିଲା। ୧୯୩୦ରୁ ଏହି ମହାସଂକଟ ଗ୍ରେଟ ଡିପ୍ରେସନରେ ୟୁରୋପରେ ଅସହ୍ୟ ଦରବୃଦ୍ଧି, ବେକାରି, ଛଟେଇରେ ଉବୁଟୁବୁ ହେଉଥାଏ। ଲୋକଙ୍କ ମଧ୍ୟରେ କ୍ରୋଧ ଓ ଘୃଣା ବଢ଼ି ଚାଲିଥାଏ। ଫାସିବାଦୀମାନେ ଏହି ସଂକଟକୁ ବ୍ୟବହାର କରି ଲୋକଙ୍କ ଉପରେ ଆକ୍ରମଣ ଭିଆଇ ଥିଲେ। ସମଗ୍ର ୟୁରୋପରେ ଘୋର ଅରାଜକତା ଓ ଶେଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରେ ଆରମ୍ଭ ହେଲା, ଯେଉଁ ଦିନ ଜର୍ମାନର ନାଜିସେନା ପୋଲାଣ୍ଡକୁ ଆକ୍ରମଣ କରି ଦଖଲ କଲେ। ତା'ପରେ ସମଗ୍ର ୟୁରୋପ ଉପରେ ଜର୍ମାନର ଫାସିଷ୍ଟମାନେ ଦ୍ୱିତୀୟ ଯୁଦ୍ଧକୁ ଲଦି ଦେଇଥିଲେ। ଏହି ପଛଭୂମିରେ ୧୯୩୫ରେ ଜର୍ଜ ଡିମିଟ୍ରଭ ଫାସିବାଦର ହିଂସ୍ର ଚରିତ୍ର ସମ୍ପର୍କରେ ଯେଉଁ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ସେ କହିଥିଲେ- ''ବର୍ତ୍ତମାନର ଗଭୀର ଅର୍ଥନୈତିକ ସଂକଟର ବିସ୍ଫୋରଣ, ପୁଞ୍ଜିବାଦୀ ସଂକଟର ଅସାଧାରଣ ତୀବ୍ରତା ଓ ମେହନତି ଜନସାଧାରଣଙ୍କ ମଧ୍ୟରେ ବିପ୍ଳବୀ ମାନସିକତା ସହିତ ଫାସିବାଦ ଏକ ଜଘନ୍ୟ ଆକ୍ରମଣାତ୍ମକ ଅଭିଯାନରେ ମାତିଛି। ଶାସକ ପୁଞ୍ଜିବାଦୀ ଶ୍ରେଣୀ କ୍ରମଶଃ ବେଶି ବେଶି ଭାବେ ଫାସିଜିମ୍‌ର ଗଣ୍ଡି ଭିତରେ ନିଜର ମୁକ୍ତିର ରାହା ଖୋଜୁଛି।''

ଫାସିଜିମ୍‌ର ଉଦ୍ଦେଶ୍ୟ ହେଉଛି ଶ୍ରମଜୀବୀ ମଣିଷ ଓ କୃଷକ ସମୁଦାୟ ଉପରେ ଚରମ ଶୋଷଣ ଓ ଲୁଣ୍ଠନ ଚଳାଇ ରଖିବା। ବୈଦେଶିକ ନୀତି କ୍ଷେତ୍ରରେ ଫାସିବାଦ ହେଉଛି ସବୁଠାରୁ ହୀନ ତଥା ସଂକୀର୍ଣ୍ଣ ଜାତୀୟତାବାଦ। ଫାସିବାଦର କ୍ଷମତା ଆରୋହଣ ଏକ ପୁଞ୍ଜିବାଦୀ ସରକାର ପରିବର୍ତ୍ତେ ଆଉ ଏକ ପୁଞ୍ଜିବାଦୀ ସରକାରର ସ୍ଥାନ ଅଧିକାର ଭଳି ଘଟଣା ନୁହେଁ। ଏହା ହେଉଛି କର୍ପୋରେଟମାନଙ୍କର ନିଜର ଆଧିପତ୍ୟ ବଜାୟ ରଖିବାର ଏକ ହିଂସ୍ର ରାଷ୍ଟ୍ର ରୂପ। ଫାସିବାଦ ହେଉଛି ପୁଞ୍ଜିବାଦର ସବୁଠାରୁ ରକ୍ତପିପାସୁ ଦାନବୀୟ ରୂପ, ଶ୍ରମଜୀବୀ ମଣିଷ ଓ କୃଷକମାନଙ୍କର ଏବଂ ପ୍ରଗତିଶୀଳ ବୁଦ୍ଧିଜୀବୀମାନଙ୍କର ମାରାତ୍ମକ ଶତ୍ରୁ।



୧୯୩୦ ଦଶକରେ ସମଗ୍ର ବିଶ୍ୱରେ ଘୋର ଅର୍ଥନୈତିକ ସଂକଟ ସୃଷ୍ଟି ହୋଇଥିଲା। ଜିନିଷର ଦର ବଢ଼ିବା ସହିତ ବେକାରି ସମସ୍ୟା ଉତ୍କଟ ହୋଇଥିଲା। କାରଖାନାରେ ଉତ୍ପାଦନ କମିବା ସହିତ ଶ୍ରମିକ ଛଟେଇ ବ୍ୟାପକ ହୋଇଥିଲା। ଯୁବ ସମାଜ ଏକ ବିକଳ୍ପ ଖୋଜୁଥିଲା। ସେତିକିବେଳେ ଫାସିବାଦୀମାନେ ନିପଟ ମିଥ୍ୟା ଲୋଭନୀୟ ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲେ। ଫାସିବାଦ ଏକ ବର୍ବର ମତବାଦ। ଏକ ନିଷ୍ପେଷିତ ଜାତି ଓ ଦୁର୍ବଳ ଜାତିକୁ ଫାସିବାଦ ନିଜ ଆକ୍ରମଣର ଲକ୍ଷ୍ୟ ଭାବରେ ଉପସ୍ଥାପିତ କରିଥାଏ ଓ ଦୁର୍ବଳ ଜାତି ଯୋଗୁ ସଂଖ୍ୟାଗରିଷ୍ଠ ଜାତିର ସମସ୍ୟା ବୃଦ୍ଧି ପାଉଛି ବୋଲି ମନଗଢ଼ା କାହାଣୀ ପ୍ରଚାର କରେ। ଫାସିବାଦର ବଡ଼ କୌଶଳ ହେଉଛି ବାରମ୍ବାର ଓ ତୁହାକୁ ତୁହା ଅସତ୍ୟ ପ୍ରଚାର କରିବା, ପ୍ରଚାର ମାଧ୍ୟମକୁ କବ୍‌ଜା କରିବା ଏବଂ ତାହାକୁ ସତ୍ୟ ବୋଲି ଜନସାଧାରଣଙ୍କ ମନରେ ବିଶ୍ୱାସ କରାଇବା।

୧୯୨୦ ଦଶକ ଆରମ୍ଭ ପୂର୍ବରୁ ୟୁରୋପର ଇଟାଲି, ଜର୍ମାନ, ପର୍ତ୍ତୁଗାଲ, ଅଷ୍ଟ୍ରିଆ, ଗ୍ରୀସ୍, ସ୍ପେନ, ରୋମାନିଆ, ଚେକ୍ ଓ ସ୍ଲୋଭାକିଆ, ଫ୍ରାନ୍ସ, ୟୁଗୋସ୍ଲୋଭିଆ, ନରୱେ, ହଙ୍ଗେରୀ ଓ ବ୍ରିଟେନ ଆଦି ଦେଶଗୁଡ଼ିକରେ ଫାସିଷ୍ଟ ସପକ୍ଷବାଦୀ ସଂଗଠନ ଗଢ଼ି ଉଠିଥିଲା ଓ ଇଟାଲିରେ ପ୍ରଥମେ ମୁସୋଲିନି ଫାସିଷ୍ଟ ରାଷ୍ଟ୍ର ପ୍ରତିଷ୍ଠା କରିଥିଲେ। ୧୯୩୦ ଦଶକରେ ଫାସିଜିମ୍ କମ ବେଶି ପରିମାଣରେ ୟୁରୋପର ଅଧିକାଂଶ ଦେଶରେ ପ୍ରଭାବ ବିସ୍ତାର କରିସାରିଥିଲା।

ଫାସିଜିମ୍‌ର ଅନ୍ୟତମ ଲକ୍ଷ୍ୟ ହେଉଛି ପର ଦେଶ ଦଖଲ କରିବା। ଏହାର ପ୍ରତିଫଳନ ଘଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) କାଳରେ ସମଗ୍ର ବିଶ୍ୱକୁ ନିଜ ଭିତରେ ବାଣ୍ଟି ନେବା ପାଇଁ ଇଟାଲି, ଜର୍ମାନ ଓ ଜାପାନ ସ୍ଥିର କରିଥିଲେ। ଆଫ୍ରିକାକୁ ଇଟାଲି, ୟୁରୋପକୁ ଜର୍ମାନ ଓ ଏସିଆକୁ ଜାପାନ- ଏହିପରି ଭାବେ ସେମାନେ ନିଜ ଭିତରେ ବିଶ୍ୱକୁ ବଣ୍ଟାଆରା କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫାସିଜିମର ପରାସ୍ତ ହେବା ପରେ ବିଜୟୀ ମିତ୍ରଶକ୍ତି ସବୁ ଦେଶରେ ଫାସିଷ୍ଟ ପାର୍ଟିଗୁଡ଼ିକୁ ବେଆଇନ କରି ଦେଇଥିଲେ।

ମାତ୍ର ଏକବିଂଶ ଶତାବ୍ଦୀରେ ବିଶ୍ୱରେ ପୁଣି ଅର୍ଥନୈତିକ ସଂକଟ ୨୦୦୭-୨୦୦୮ରୁ ଦେଖା ଦେବା ସହିତ କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତି ରସାତଳକୁ ଖସିଯାଇଛି। ବିଭିନ୍ନ ପ୍ରକାର କଞ୍ଚାମାଲ ସମେତ ତୈଳ ସମ୍ପଦକୁ ନିୟନ୍ତ୍ରଣରେ ନେବା ପାଇଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚଳାଇ ରଖିଛି ଆମେରିକା ସାମ୍ରାଜ୍ୟବାଦ। ଗଣବିଧ୍ୱଂସୀ ଅସ୍ତ୍ର- ଇରାକ ପାଖରେ ଅଛି ବୋଲି ବାରମ୍ବାର ପ୍ରଚାର କରି ସମଗ୍ର ବିଶ୍ୱରେ ଇରାକକୁ ଏକ ଘାତକ ରାଷ୍ଟ୍ର ଭାବେ ଚିତ୍ରଣ କରିବା ପରେ ଇରାକ ଉପରେ ଆକ୍ରମଣ କରିଥିଲା। ଏହାପରେ ଇରାକର ତୈଳ ସମ୍ପଦକୁ ପାଶ୍ଚାତ୍ୟ ଦୁନିଆର ପୁଞ୍ଜିପତିମାନେ ଦଖଲକୁ ନେଲେ। ସିରିଆ, ଲିବ୍ୟା ଉପରେ ମଧ୍ୟ ଆକ୍ରମଣ ଚଳାଇ ଲିବ୍ୟାର ରାଷ୍ଟ୍ରମୁଖ୍ୟକୁ ହତ୍ୟା କଲା ଆମେରିକା। ଆଫଗାନିସ୍ତାନ ଉପରେ କୋଡ଼ିଏ ବର୍ଷ ଆକ୍ରମଣ କରି ଆମେରିକା ବିଫଳ ହେଲା। ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଯୁଦ୍ଧ କ୍ଷେତ୍ର ୟୁରୋପକୁ ବ୍ୟାପିଛି। ମାତ୍ର ଏ ଯୁଦ୍ଧକୁ ମଧ୍ୟପ୍ରାଚ୍ୟକୁ ନେବା ପାଇଁ ଉଦ୍ୟମ ହେଉଛି। ଇସ୍ରାଏଲର ଗାଜା ଉପରେ ବର୍ବର ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ଆମେରିକା ବିରୋଧରେ ଘୋର ଉତ୍ତେଜନା ସୃଷ୍ଟି ହୋଇଛି। ଅର୍ଥନୈତିକ ସଂକଟରୁ ରକ୍ଷା ପାଇଁ ସାମ୍ରାଜ୍ୟବାଦୀମାନେ ଯୁଦ୍ଧର ଆଶ୍ରୟ ନେଇ ଚାଲିଛନ୍ତି। ଏହା ସହିତ ୟୁରୋପ ଓ ଏସିଆରେ ନବ୍ୟ ଫାସିବାଦୀ ଶକ୍ତିଙ୍କର ପୁନର୍ବାର ଉତ୍ଥାପନ ଦେଖାଦେଇଛି। ୟୁରୋପର କେତେକ ଦେଶରେ ଚରମ ଦକ୍ଷିଣପନ୍ଥୀ ଓ ଫାସିଷ୍ଟ ଶକ୍ତିମାନେ କ୍ଷମତାକୁ ଯାଇଛନ୍ତି। ହଙ୍ଗେରୀ, ପୋଲାଣ୍ଡ, ଜର୍ମାନ, ଫିନ୍‌ଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରିଆ, ଫ୍ରାନ୍ସ, ଇଟାଲି ଓ ସ୍ଲୋଭାକିଆରେ ଫାସିଷ୍ଟମାନଙ୍କର ଶକ୍ତି ବଢ଼ିଛି। ହଙ୍ଗେରୀରେ ୨୦୧୦ରୁ, ଫିନଲାଣ୍ଡରେ ୨୦୧୫ରୁ, ଅଷ୍ଟ୍ରିଆରେ ୨୦୧୭ରୁ ମିଳିତ ସରକାରରେ ଫାସିଷ୍ଟମାନେ କ୍ଷମତାରେ ଅଛନ୍ତି।

ରୁଷ-ୟୁକ୍ରେନ୍ ଯୁଦ୍ଧ ଓ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ସମଗ୍ର ବିଶ୍ୱକୁ ଭାଗ ଭାଗ କରିସାରିଛି। ଭାରତରେ ମଧ୍ୟ ଫାସିବାଦୀ ଓ ଉଗ୍ରଜାତୀୟତାବାଦୀମାନଙ୍କର ଶକ୍ତି ବଢ଼ିଛି। ଭାରତରେ ଫାସିବାଦର ବିଜୟ ହେଲେ ତାହା ସମଗ୍ର ଏସିଆ ଓ ବିଶ୍ୱପ୍ରତି ବିପଦ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ। ବର୍ତ୍ତମାନ ଭାରତର ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ଓ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ ବଢୁଛି। କର୍ପୋରେଟ୍‌ମାନଙ୍କୁ ସୁଯୋଗ ଦିଆଯାଉଛି ଜାତୀୟ ସଂପଦକୁ ନିଜ ଦଖଲକୁ ନେବା ପାଇଁ। କେନ୍ଦ୍ର ସରକାର ପୁଞ୍ଜିପତିଙ୍କର ରକ୍ଷକ ଭାବେ କାମ କରୁଛି ଓ ଦେଶ ଭିତରେ ଉଗ୍ର ଧର୍ମୀୟ ବିଦ୍ୱେଷ ଓ ହିଂସ୍ର ଜାତୀୟତାବାଦର ପ୍ରଚାର କରୁଛି, ଯାହା କି ଫାସିବାଦର ଅସଲ ଚରିତ୍ର।

ସମାଜ ଯେତେବେଳେ ସଂକଟଗ୍ରସ୍ତ ହୋଇଥାଏ, ସେତେବେଳେ ଫାସିବାଦ ମୁଣ୍ଡ ଟେକିଥାଏ ସମାଜକୁ ଓ ସମଗ୍ର ଦଂଶନ କରେ। ସମସ୍ତ ପ୍ରକାର ମାନବୀୟ ମୂଲ୍ୟବୋଧକୁ ଏହା ତିଳ ତିଳ କରି ଧ୍ୱଂସ କରିଥାଏ। ଆଜି ୟୁରୋପ, ଏସିଆ, ଆମେରିକା ଆଦି ମହାଦେଶର କେତେକ ଦେଶ ଏହା ଯୋଗୁ ପ୍ରଭାବିତ। ଏହା ଯେତେ ଅଧିକ ପ୍ରସାରିତ ହେବ, ମଣିଷ ସମାଜ ସେତେସେତେ ସଂକଟର ଗହ୍ୱର ଭିତରକୁ ଚାଲିଯିବ।

ମୋ: ୯୪୩୭୦୦୭୭୭୦

# ନିଖୁଣ ଚରିତ୍ରକାର

## ବ୍ୟକ୍ତିତ୍ୱ



ପଲ୍ ଲିଞ୍ଚ୍

ସତେଯେମିତି ମାନବୀୟ ଆତ୍ମାର ବିଚାର କରିବା ସହ ଆଧ୍ୟାତ୍ମିକତା ଓ ମଣିଷର ସ୍ଥିତି ସମ୍ବନ୍ଧୀୟ ଆବେଗକୁ ଲେଖା ମାଧ୍ୟମରେ ବଖାଣିବାର ଦାୟିତ୍ୱ ତାଙ୍କୁ ଦିଆଯାଇଛି। ମଣିଷର ସ୍ଥାନଚ୍ୟୁତି, ଆଡମ୍ବରପୂର୍ଣ୍ଣ ଜୀବନଶୈଳୀ, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ, କଠୋର ଶବ୍ଦକୋଷ ପ୍ରୟୋଗକରି ଶାସନକୁ ଦୋହଲାଇ ଦେବା, ସ୍ଥଳବିଶେଷରେ ବାସ୍ତବ ବର୍ଣ୍ଣନାରେ ବ୍ୟକ୍ତି ଓ ବର୍ଗଙ୍କୁ ବଶୀଭୂତ କରିବାର ଏକ ମିଶ୍ରିତ ଦକ୍ଷତା ରଖିଥିବାରୁ ଆୟର୍ଲାଣ୍ଡ ଭିତରେ ଓ ବାହାରେ ସେ ବିଶିଷ୍ଟ ଔପନ୍ୟାସିକ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ୫୪ ବର୍ଷର ବୁକର ପୁରସ୍କାର ଇତିହାସରେ ଆୟର୍ଲାଣ୍ଡର ପଞ୍ଚମ ଲେଖକ ଭାବେ ପଲ୍ ଲିଞ୍ଚ୍‌ଙ୍କ ବିଷୟରେ ଉପଲିଖିତ ବର୍ଣ୍ଣନା ଏହା ମଧ୍ୟ ଦର୍ଶାଇଥାଏ ଯେ, ସେ ସାମ୍ପ୍ରତିକ ସମୟ ଓ ଚରିତ୍ରକୁ ନିଖୁଣ ଆକାର ଦେବାକୁ ଚାହିଁଥାଆନ୍ତି। ସମ୍ଭବତଃ ସେଥିପାଇଁ ତାଙ୍କ ପଞ୍ଚମ ଉପନ୍ୟାସ 'ପ୍ରଫେଟ୍ ସଙ୍ଗ୍' ୨୦୨୩ ବୁକର ପୁରସ୍କାର ପାଇପାରିଛି। କୌଣସି ଅସଙ୍ଗତି ଦେଖିଲେ ଈଶ୍ୱର ଅସନ୍ତୋଷ ହୋଇଥାଆନ୍ତି ବୋଲି ପ୍ରକାଶ କରିବାକୁ ଯାଇ ସେ ଲେଖିଥିବା ଏହି ଉପନ୍ୟାସର ଓଡ଼ିଆ ମର୍ମାନୁବାଦ କଲେ ତାହା ହୋଇପାରେ 'ଧର୍ମପ୍ରବର୍ତ୍ତକ ସଙ୍ଗୀତ'। ପ୍ରତୀକଧର୍ମୀ ଏହି ଉପନ୍ୟାସର ଚରିତ୍ରଗୁଡ଼ିକ ହେଉଛନ୍ତି ଇଲିଶ ଷ୍ଟାକ୍, ତାଙ୍କ ସ୍ୱାମୀ ଲାରି, ଚାରି ସନ୍ତାନ, ସରକାର ଓ ଯନ୍ତ୍ରଣାଦାୟୀ ବ୍ୟବସ୍ଥା। ଲାରି ଜଣେ ଶ୍ରମିକ ନେତା। ଅଧିକାଂଶ ସମୟରେ ସେ ବିଳମ୍ବିତ ରାତିରେ ଫେରିଥାଆନ୍ତି। ଘରେ ଇଲିଶ ତାଙ୍କ ପିଲାମାନଙ୍କୁ ନେଇ ରହନ୍ତି। ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରୁଥିବାରୁ ଆୟର୍ଲାଣ୍ଡର ନୂତନ ଭାବେ ଗଠିତ ସିକ୍ରେଟ ପୋଲିସ ଲାରିଙ୍କୁ ଉଠାଇ ନିଅନ୍ତି ଓ ଜେରା କରନ୍ତି। ପରବର୍ତ୍ତୀ ସମୟରେ ସେ ଆଉ ଘରକୁ ଫେରନ୍ତି ନାହିଁ। ଚାରି ସନ୍ତାନକୁ ନେଇ ପରିବାର ଚଳାଇବା ଇଲିଶଙ୍କ ପକ୍ଷେ କଷ୍ଟକର ହୋଇପଡ଼େ। ତାଙ୍କ ସଂଘର୍ଷର କାହାଣୀ ପଲ୍‌ଙ୍କ ଲେଖାରେ ଗତିଶୀଳ ହୁଏ। ରାଜନୈତିକ ଦମନ ଯୋଗୁ ଘଟିଥିବା ସାମାଜିକ ବିଭାଜନକୁ ଉପନ୍ୟାସରେ ସ୍ଥାନ ଦେଲା ବେଳେ ସମ୍ଭବତଃ ଔପନ୍ୟାସିକ ପ୍ରଫେଟ୍‌ଙ୍କ ସଙ୍ଗୀତ ଶୁଣିଛନ୍ତି, ଯାହା ପାଠକଙ୍କୁ ବହୁମାତ୍ରରେ ଛୁଇଁପାରିଛି ବୋଲି ସମୀକ୍ଷକମାନେ ମତ ଦେଇଥାଆନ୍ତି।

ପଲ୍ ଲିଞ୍ଚ୍ ମେ' ୧୯୭୭ରେ ଦକ୍ଷିଣ ଆୟର୍ଲାଣ୍ଡର ଲିମେରକ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ମାତ୍ର ୯ ମାସ ହୋଇଥିବା ବେଳେ ମାତାପିତା ଆୟର୍ଲାଣ୍ଡର ଉତ୍ତରାଞ୍ଚଳ ରାଜ୍ୟ ଉଲଷ୍ଟରର ନିକଟ କାଉଣ୍ଟି ଡୋନେଗାଲକୁ ଚାଲିଯାଇଥିଲେ। ପଲ୍‌ଙ୍କ ପିତା କୋଷ୍ଟ ଆଣ୍ଡ୍ କ୍ଲିଫ୍ ରେସ୍କ୍ୟୁ ସର୍ଭିସ (ସିସିଆର୍‌ଏସ୍)ରେ କାର୍ଯ୍ୟ କରୁଥିଲେ। ୧୯୯୧ରେ ସିସିଆର୍‌ଏସ୍‌ର ନାମ ପରିବର୍ତ୍ତନ ହୋଇ ଆଇରିସ୍ ମରିନ୍ ଏମର୍ଜେନ୍ସି ସର୍ଭିସ(ଆଇଏମ୍‌ଇଏସ୍) ହୋଇଥିଲା। ତାହା ଏବେ ଆଇରିସ୍ କୋଷ୍ଟ ଗାର୍ଡ ଭାବେ ଜଣାଶୁଣା। ପଲ୍‌ଙ୍କ ଯୁବାବସ୍ଥା କାଉଣ୍ଟି ଡୋନେଗାଲରେ କଟିଥିଲା। ୟୁନିଭର୍ସିଟି କଲେଜ ଡବ୍‌ଲିନରେ ସେ ଇଂଲିଶ ଓ ଦର୍ଶନଶାସ୍ତ୍ର ନେଇ ପାଠ ପଢ଼ିଥିଲେ। କିନ୍ତୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିପାରି ନ ଥିଲେ। ଡବ୍‌ଲିନ୍‌ରେ ରହିବା ବେଳେ ସେ ସାମ୍ବାଦିକତା ପ୍ରତି ଢଳିଥିଲେ। 'ଦି ସନ୍‌ଡେ ଟ୍ରିବ୍ୟୁନ୍'ରେ ଯୋଗଦେବା ପରେ ପର୍ଯ୍ୟାୟକ୍ରମେ ଡେପୁଟି ଚିଫ୍ ସବ୍-ଏଡିଟର ଓ ଚିଫ୍ ଫିଲ୍ମ କ୍ରିଟିକ୍ ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଠାରେ ମଧ୍ୟ ସେ ଦୀର୍ଘଦିନ ବାନ୍ଧି ହୋଇ ରହିପାରି ନ ଥିଲେ। ଲେଖକ ହେବାର ଯେଉଁ ଲକ୍ଷ୍ୟ ସେ ପିଲାଟି ବେଳୁ ରଖିଆସିଥିଲେ ତାହାକୁ ସାକାର କରିବା ଲାଗି ସାମ୍ବାଦିକତା ଛାଡ଼ିଥିଲେ। ସେ କହିଥାଆନ୍ତି, ତାଙ୍କ ଲେଖକୀୟ ଜୀବନକୁ ସମୃଦ୍ଧ କରିବାରେ ସାମ୍ବାଦିକତା ଯଥେଷ୍ଟ ସାହାଯ୍ୟ କରିଥିଲା। ଜଣେ ପୂର୍ଣ୍ଣକାଳୀନ ସାହିତ୍ୟିକ ହେବା ପାଇଁ ସେ ସାମ୍ବାଦିକତାରୁ ଲମ୍ଫ ପ୍ରଦାନ କରି ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ, ପ୍ରଥମ ଉପନ୍ୟାସ 'ରେଡ୍ ସ୍କାଏ ଇନ୍ ମର୍ନିଂ' ତାଙ୍କୁ ତତ୍‌କ୍ଷଣାତ୍ ପ୍ରସିଦ୍ଧି ଆଣି ଦେଇଥିଲା। ଉପନ୍ୟାସରେ କାବ୍ୟିକ ଶବ୍ଦବିନ୍ୟାସ ତାଙ୍କ ଲେଖାକୁ ଅଧିକ ପାଠକୀୟ ସ୍ୱୀକୃତି ଦେଇଥିଲା। ତା'ପରେ ଲେଖିଲେ ଉପନ୍ୟାସ 'ଦି ବ୍ଲାକ୍ ସ୍ନୋ', 'ଗ୍ରେସ୍' ଏବଂ 'ବିୟଣ୍ଡ୍ ଦି ସି'। ପଞ୍ଚମ ଭେଟି ଭାବେ 'ପ୍ରଫେଟ୍ ସଙ୍ଗ୍' ଏବେ ତାଙ୍କୁ ସର୍ବାଧିକ ସମ୍ମାନର ଅଧିକାରୀ କରାଇ ଦେଇଛି।

ନିକଟରେ ଲଣ୍ଡନଠାରେ ଏକ ସମାରୋହରେ ପଲ୍‌ଙ୍କୁ ୫୦ ହଜାର ପାଉଣ୍ଡ (୯୬ ହଜାର ଡଲାର) ମୂଲ୍ୟର ବୁକର୍ ପୁରସ୍କାର ପ୍ରଦାନ କରାଯିବା ବେଳେ ବିଚାରକମଣ୍ଡଳୀ ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଆଜିର ବିଷମ ସମୟରେ ସମାଜକୁ ଦିଗ୍‌ଦର୍ଶନ ଦେଲା ଭଳି ଏକ ଉପନ୍ୟାସ ଖୋଜୁ ଖୋଜୁ 'ପ୍ରଫେଟ୍ ସଙ୍ଗ୍'କୁ ସେମାନେ ପାଇଥିବା କହିଥିଲେ। ଏଇ କେତେ ପଦ କଥା ନିଶ୍ଚିତ ଭାବେ ଜଣେ ଲେଖକଙ୍କୁ ଜୀବନବ୍ୟାପୀ ସ୍ୱୀକାର କରିଥିବା ଶ୍ରମକୁ ସ୍ୱୀକୃତି ଦେବା ପାଇଁ ଯଥେଷ୍ଟ ବୋଲି କୁହାଯାଇପାରେ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଅଶୋକ ଗାଡେଙ୍କ ଦ୍ୱାରା ପ୍ରସ୍ତୁତ କଦଳୀ ବିସ୍କୁଟର ସ୍ୱାଦ ଭାରି ବଢିଆ। ମହାରାଷ୍ଟ୍ରର ଜଲଗାଁଓ ଜିଲା ଜାଓ୍ୱଲ ତହସିଲର କୃଷକ ଗାଡେଙ୍କ ବୟସ ୬୫। ସେ କିଛି ବର୍ଷ ଓକିଲାତି କରିବା ପରେ ତାହାକୁ ଛାଡ଼ି କଦଳୀ ଚାଷ ଆରମ୍ଭ କରିଥିଲେ। ଉତ୍ପାଦିତ କଦଳୀରୁ ଲାଭ ନ ମିଳିବାରୁ ସେ ଏଥିରୁ ବିସ୍କୁଟ ତିଆରି କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ କୁସୁମ ସହଯୋଗ କରୁଛନ୍ତି। ପ୍ରଥମ ୩ ବର୍ଷ ଏହି ଦମ୍ପତି ଆଖପାଖ ଅଞ୍ଚଳରେ ବିସ୍କୁଟ ବିକ୍ରି କରିବା ପରେ ଚଳିତ ବର୍ଷ ଏହା ପ୍ୟାଣ୍ଟେଟ ପାଇଛି। ଏହାକୁ ସେମାନେ କର୍ନାଟକ, ପଶ୍ଚିମବଙ୍ଗ ଓ ଓଡ଼ିଶାରେ ବିକ୍ରି କରୁଛନ୍ତି। ୧ କେ.ଜି. ବିସ୍କୁଟ ୪୦୦-୫୦୦ ଟଙ୍କାରେ ବିକ୍ରି ହେଉଛି। ପ୍ରତି ସପ୍ତାହରେ ସେମାନେ ୬୦ରୁ ୧୦୦ କେଜି ବିସ୍କୁଟ ବିକ୍ରି କରିବା ସହ ବର୍ଷକୁ ଏଥିରୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ବିସ୍କୁଟ ନୁହେଁ, କଦଳୀରୁ ଚିପ୍ସ, ଜାମ୍, କ୍ୟାଣ୍ଡିଜ୍, ପାମ୍ପଡ ଓ ଲଡୁ ମଧ୍ୟ ତିଆରି ହେଉଛି। ତାଙ୍କ ବ୍ୟବସାୟ ସହ ୫୦ ଜଣ କଦଳୀ ଚାଷୀଙ୍କୁ ସେ ସାମିଲ କରିଛନ୍ତି, ଯେଉଁମାନେ ପୂର୍ବାପେକ୍ଷା ୩ଗୁଣ ଲାଭ ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଡିସେମ୍ବର ୧୯୭୪**

- ଇଣ୍ଡିଆନ ପାଲିସଠାରୁ କଲମ୍ବସ ଓ ଚିଓ ବାଟଦେଇ ଓ୍ୱାଶିଂଟନ୍ ଆସୁଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୯୩ ଜଣ ବ୍ୟକ୍ତିଙ୍କ ଶୋଚନୀୟ ପ୍ରାଣହାନୀ।
- ଚାରିଜଣ କେନ୍ଦ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ସ୍ୱାଧୀକାର ଭଙ୍ଗ ଓ ଗୃହ ପ୍ରତି ଅବମାନନା ଅଭିଯୋଗକୁ ଲୋକ ସଭାର ବାଚସ୍ପତି ଶ୍ରୀ ବି.ଏସ୍. ଧିଲନ ଅଗ୍ରାହ୍ୟ କରି ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଦାବି ଓ ଧାରଣାର ତରିକା ବଦଳୁ

ମହାଶୟ,

ଦାବି କରିବା ଓ ଧାରଣାଦେବା, ସତେ ଯେମିତି ମଣିଷର ଚିର ସହଚର ହୋଇଗଲାଣି। ଏପରିକି ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟମାନଙ୍କୁ ଅସୁବିଧାରେ ପକାଇବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି। ଯେମିତି ପରୀକ୍ଷା ମୁଣ୍ଡ ଉପରେ ଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଧାରଣା, ପର୍ବପର୍ବାଣିରେ ବିଦେଶରୁ ଫେରୁଥିବା ଯାତ୍ରୀଙ୍କ ଗାଁକୁ ଯିବା ସମୟରେ ବସ୍ ମାଲିକଙ୍କ ଧର୍ମଘଟ। ଭକ୍ତମାନେ ଭଗବାନ୍‌ଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ଥିବା ବେଳେ ସେବାୟତମାନଙ୍କ ଦାବି ଓ ଧାରଣା ବାସ୍ତବିକ ଗ୍ରହଣଯୋଗ୍ୟ ନୁହେଁ। ନିଜର ଅଧିକାର ସାବ୍ୟସ୍ତ କରିବା ଓ ନିଜର ପ୍ରାପ୍ୟ ପାଇବାକୁ ଅଡ଼ି ବସିବା ଠିକ୍ କଥା, ମାତ୍ର ଏହାର ତରିକା ବଦଳିବା ଆବଶ୍ୟକ।

**- ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

## ଚିରନ୍ତନୀ

ହଜିଛି ଯେ ଦେଶ କେତେ କାଲୁ ନୋହେ କଳି
ସରିଛି ଶକତି ପଡିଛି ବିବେକ ଟଳି।
ଆଜି ସେ ଭାରତ ପୁଣି ଟେକେ ମଥା
କଙ୍କାଳ ରାଶି କହିଉଠେ କଥା
ଆଗ୍ନେୟ ଗିରି ସମ ତା'ର ବ୍ୟଥା ବିଶ୍ୱେ ଉଠଇ ଜଳି
ହଜିଛି ସେ ଦେଶ ଘେରି କେତେ ପ୍ରାଣ ବଳୀ!
(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନବୀନ ନିବାସଠାରେ ଶନିବାର ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଜେଡି ଲିଗାଲ୍ ଫ୍ରଣ୍ଟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ନିକଟରେ ଅଛନ୍ତି କଟକ-ବାରବାଟୀ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଲିଗାଲ୍ ଫ୍ରଣ୍ଟର ସଭାପତି ମିଳନ କାନୁନ୍‌ଗୋ, ଉପଦେଷ୍ଟା ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନ୍ୟମାନେ।

# ପୁରୀ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ପାଣ୍ଡିଆନ୍

ପୁରୀ, ୨।୧୨ (ଅଜିତ୍ ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଶନିବାର ପ୍ରତ୍ୟୁଷରୁ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପାଣ୍ଡିଆନ୍ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିବା ପରେ ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ସେଠାରେ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ଦର୍ଶନ କରିବା ପରେ ପାଣ୍ଡିଆନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଭକ୍ତମାନଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ଲାଗିପଦକ୍ଷେପ ନେବା ସହିତ ମଠଗୁଡ଼ିକର ପୁନରୁଦ୍ଧାର କାମ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ସମୟରେ ଭକ୍ତମାନଙ୍କ ସହ ଆଲୋଚନା କରି ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ପାଣ୍ଡିଆନ୍ ଦୋଳବେଦି ଅଞ୍ଚଳର ତ୍ୱରିତ ବିକାଶ କାର୍ଯ୍ୟ, ଏମାର ମଠ, ପଞ୍ଜାବୀ ମଠ ଆଦିର ପୁନରୁଦ୍ଧାର ସହିତ ପରିକ୍ରମା ପ୍ରକଳ୍ପ ସମ୍ମୁଖ ଭାଗର ରଙ୍ଗ କାମ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଭକ୍ତମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ମରୀଚି କୋଟ ଛକଠାରୁ ଧାଡ଼ି ଆରମ୍ଭ ସହିତ ସିଂହଦ୍ୱାର ଓ ମରୀଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରୁ ଭେଣ୍ଡିଂ ଜୋନ୍ ହଟାଇ ଅନ୍ୟତ୍ର ଥଇଥାନ କରିବା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ପରିକ୍ରମା ପ୍ରକଳ୍ପ ଆସନ୍ତା ଜାନୁଆରୀ ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଥିବାରୁ ଶ୍ରୀମନ୍ଦିର ଉତ୍ତର ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱର ଲ୍ୟାଣ୍ଡ ସ୍କେପିଙ୍ଗ୍ କାମ ଡିସେମ୍ବର ୯ତାରିଖ ସୁଦ୍ଧା ସାରିବାକୁ ପାଣ୍ଡିଆନ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମଠଗୁଡ଼ିକର ପୁନଃନିର୍ମାଣ ପାଇଁ ଅଧିକ ସଂଖ୍ୟକ ଦକ୍ଷ କାରିଗର ନିଯୁକ୍ତ କରିବା, ମେଘନାଦ ପାଚେରି ନିକଟରେ ସବୁ ଇଲେକ୍ଟ୍ରିକାଲ କାମକୁ ଶୀଘ୍ର ସାରିବା ଏବଂ ସେଠାରେ ଥିବା ବିଭିନ୍ନ ପୋଲ୍, ତାର ଓ ଅନ୍ୟାନ୍ୟ ସେବା ବ୍ୟବସ୍ଥାକୁ ଶୀଘ୍ର ସ୍ଥାନାନ୍ତର କରିବା ପାଇଁ କହିଛନ୍ତି। ସେହିପରି ମେଘନାଦ ପାଚେରି ନିକଟରେ ଥିବା ଐତିହ୍ୟସମ୍ପନ୍ନ ଛୋଟ ଛୋଟ ମନ୍ଦିର ଓ ନିର୍ମାଣକୁ ସୁରକ୍ଷିତ ରଖିବା ପାଇଁ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଭକ୍ତଙ୍କ ସୁବିଧା ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ବଡ଼ଦାଣ୍ଡର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଘଟଣା ସ୍ଥଳକୁ ଯାଇ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଳ ସିଂହ, ଉପ ଜିଲାପାଳ ଭବତାରଣ ସାହୁ, ଓବିସିସି ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପାଣ୍ଡିଆନ୍ ଭୋର ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।



ଶନିବାର ପ୍ରତ୍ୟୁଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।




## ବୈପାରିଗୁଡ଼ା ଥାନା ଅଧିକାରୀ ଚାକିରିରୁ ବିଦା

**ଭୁବନେଶ୍ୱର, ୨।୧୨ (ସୂର୍ଯ୍ୟକାନ୍ତ ବେହେରା):** ଶେଷରେ ଚାକିରିରୁ ବିଦା ହେଲେ କୋରାପୁଟ ଜିଲା ବୈପାରିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ଶତପଥୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଇନ୍ସପେକ୍ଟର ସୁଶାନ୍ତଙ୍କ ବିରୋଧରେ ପୋଲିସ ଡିଜି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରିଥିବାରୁ ଭାରତୀୟ ସମ୍ବିଧାନର ଧାରା ୩୧୧ (୨) (ଖ) ଅନୁଯାୟୀ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ଶନିବାର ଓଡିଶା ପୋଲିସ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୁଶାନ୍ତଙ୍କୁ ଗିରଫ କରିବା ପରେ ଜୟପୁର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପୋଲିସ ଡିଜିଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚିଠି ଲେଖିଥିଲେ। ଏହି ଆଧାରରେ ଡିଜିପି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

## ପାଟ୍ରୋଲିଂ କଡ଼ାକଡ଼ି କର, ରାସ୍ତାରୁ ଅଚଳ ଗାଡ଼ି ହଟାଅ

କେନ୍ଦୁଝର, ୨।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

- ଦୁର୍ଘଟଣା ପରେ ଚେତା ପଶିଲା
- ବାଣିଜ୍ୟ ଓ ପରିବହନ ବିଭାଗର ଚିଠି

ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନର ପ୍ରଥମ ଦିନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଠିକ୍ ଭାବେ ପାଟ୍ରୋଲିଂ କରାଯାଇ ନ ଥିଲା। ଫଳରେ ରାଜ୍ୟରେ ଅନେକ ଦୁର୍ଘଟଣା ଘଟିଛି। ବିଶେଷତଃ କେନ୍ଦୁଝର ଜିଲା ଘଟଗାଁ ବାଲିଯୋଡ଼ି ନିକଟରେ ତୀର୍ଥଯାତ୍ରୀ ନେଇ ଯାଉଥିବା ଟ୍ରାଭେଲର ଏକ କୋଇଲା ବୋଝେଇ ଟ୍ରକ୍ ପଛରେ ଧକ୍କାଦେଇଥିଲା। ଦୁର୍ଘଟଣାରେ ୮ଜଣଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ଜାତୀୟ ରାଜପଥରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ଏନ୍‌ଏଚ୍‌ଏଆଇ (ଜାତୀୟ ରାଜପଥ ପ୍ରାଧିକରଣ)ର ମୁଖ୍ୟ ସାଧାରଣ ପ୍ରବନ୍ଧକଙ୍କୁ ଚିଠି କରିଛି।

ଚିଠିରେ ଉଲ୍ଲେଖ ରହିଛି ଯେ, ଘଟଣା ଦିନ ପାଟ୍ରୋଲିଂ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ଆନ୍ଦୋଳନରେ ଯାଇଥିଲେ। କିନ୍ତୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା ବୋଲି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନ୍‌ଏଚ୍‌ଏଆଇର ମୁଖ୍ୟ ସାଧାରଣ ପ୍ରବନ୍ଧକ, ଭୁବନେଶ୍ୱର ମହେଶ ଗାମୀଙ୍କୁ ଚିଠି ଲେଖି ତାଗିଦ କରାଯାଇଛି। ଏଣୁ ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା କରିବାକୁ ବିଭାଗୀୟ ସଚିବ ଉଷା ପାଢ଼ୀ ଚିଠି (ନଂ. ୧୪୦୦୨/୨ ଡିସେମ୍ବର୨୦୨୩) କରିଛନ୍ତି। ଏଥିସହ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଘଟୁଥିବାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସାଇଡ୍ କରିବାକୁ ପ୍ରତ୍ୟେକ ଆର୍‌ଟିଓଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇଥିବା ନେଇ ସମସ୍ତ ଆର୍‌ଟିଓଙ୍କୁ ଚିଠିରେ ଜଣାଇଛନ୍ତି। ଆବଶ୍ୟକ ପଡ଼ିଲେ ପୋଲିସର ସହାୟତା ନେଇପାରିବେ ବୋଲି ଉଲ୍ଲେଖ ରହିଛି। ଏଣୁ ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ ୧ରୁ ୭ ତାରିଖ ମଧ୍ୟରେ ଦିନରାତି ପାଟ୍ରୋଲିଂ କରି ରାସ୍ତାରୁ ଗାଡ଼ି ହଟାଇବାକୁ ଚିଠିରେ ଦର୍ଶାଇଛନ୍ତି।

DSPL-435




ନାରୀଶିକ୍ଷାର ଆଲୋକବର୍ତ୍ତିକା

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ନବମ ପ୍ରାଣ ପ୍ରତିଷ୍ଠା ଦିବସ - ୦୩ ଡିସେମ୍ବର, ୨୦୨୩






- ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ
- ୨୪ ଟି ସ୍ନାତକ, ୧୯ ଟି ସ୍ନାତକୋତ୍ତର, ୧୩ ଟି ପିଏଚ୍. ଡି. ପାଠ୍ୟକ୍ରମ
- ସଂପୂର୍ଣ ସ୍ୱୟଂଚାଳିତ କୁନ୍ତଳା କୁମାରୀ ପାଠାଗାର ଏବଂ ଇ - ରିସୋର୍ସ ତଥା ଆଣ୍ଟି-ପ୍ଲାଗାରିଜିମ୍ ମେସିନ୍
- ତିନିଗୋଟି ମୋ କଲେଜ ଅଭିଯାନ ପ୍ରସ୍ତାବ ଦ୍ୱାରା ସମାବେଶୀ ଶିକ୍ଷା ନିମନ୍ତେ ବ୍ୟବହୃତ ଉପକରଣ ମାନଙ୍କର ସଂସ୍ଥାପନ, ପ୍ରତିଲିପିକରଣ ସେବା ବ୍ୟବସ୍ଥିତ ସ୍ମାର୍ଟ ଶ୍ରେଣୀ ପ୍ରକୋଷ୍ଠ ର ସ୍ଥାପନ
- ଶୈକ୍ଷିକ ସହଯୋଗିତା ଏବଂ ଔଦ୍ୟୋଗିକ ସଂଯୋଗ ସ୍ଥାପନ ନିମନ୍ତେ ବିବିଧ ଚୁକ୍ତିପତ୍ର ସ୍ୱାକ୍ଷରିତ
- ପିଏଚ୍ . ଡି. ଗବେଷଣା ପାଇଁ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ରମାଦେବୀ ମେଧାବୃତ୍ତି ଏବଂ ଯୁବ ଅଧ୍ୟାପକ/ଅଧ୍ୟାପିକା ମାନଙ୍କ ନିମନ୍ତେ ପ୍ରାରମ୍ଭିକ ପ୍ରୋତ୍ସାହନ ରାଶିର ଅନୁମୋଦନ
- ବିଶ୍ୱବିଦ୍ୟାଳୟ ପରିସରରେ ସି. ସି. ଟିଭି କ୍ୟାମେରା, ୱାଇ-ଫାଇ ଓ ଇଣ୍ଟରନେଟ୍ ବ୍ୟବସ୍ଥା ଦ୍ୱାରା ସଂଯୋଗ
- ରମାଦେବୀ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠା
- ଆଗାମୀ ସମୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏ . ଆଇ. ଏବଂ ରୋବୋଟିକ୍ ଉତ୍କର୍ଷ କେନ୍ଦ୍ର କାର୍ଯ୍ୟକ୍ଷମ ହେବ
- ଛାତ୍ରୀମାନଙ୍କ ନିମନ୍ତେ ଏ. ବି. ସି. ମାଧ୍ୟମରେ ଅନ୍ତରଣ ଜମା ବ୍ୟବସ୍ଥା
- ସକ୍ରିୟ କ୍ୟାରିୟର୍ କାଉନ୍ସେଲିଂ ଏବଂ କାର୍ଯ୍ୟ ନିଯୁକ୍ତି କେନ୍ଦ୍ର ଦ୍ୱାରା ୪୦୦ ବିଦ୍ୟାର୍ଥୀଙ୍କ କ୍ୟାମ୍ପସ ଚୟନ
- ଆମ ବିଶ୍ୱବିଦ୍ୟାଳୟ ସୁଯୋଗ୍ୟ ପୁରାତନ ଛାତ୍ରୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଦେଶର ସର୍ବୋଚ୍ଚ ନାଗରିକ ଭାବରେ ଅଧିଷ୍ଠିତା

"ସୂକ୍ଷ୍ମ ପଦକ୍ଷେପ - ପର୍ଯ୍ୟାପ୍ତ ପ୍ରଗତି"

| | | |
|---|---|---|
| ପ୍ର. ଅପରାଜିତା ଚୌଧୁରୀ | ଶ୍ରୀମତୀ ଶ୍ୟାମଳୀ ମହାପାତ୍ର | ପ୍ର. ଚଣ୍ଡୀ ଚରଣ ରଥ |
| କୁଳପତି | କୁଳ ସଚିବ | ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ |

OIPR-11031/13/0013/2324



## ସଂକ୍ଷେପରେ

### ଦିଲ୍ଲୀରେ ମଣିପୁରୀ ଦମ୍ପତିଙ୍କୁ ମାଡ଼

**ନୂଆଦିଲ୍ଲୀ,୨।୧୨:** ଦକ୍ଷିଣପୂର୍ବ ଦିଲ୍ଲୀର ସନ୍‌ଲାଇଟ କଲୋନି ଅଞ୍ଚଳରେ ମଣିପୁରର ଏକ ଜଣେ ବ୍ୟକ୍ତି, ତାଙ୍କ ସ୍ତ୍ରୀ ଓ ଭଉଣୀଙ୍କୁ କେତେଜଣ ଲୋକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେମାନେ ଗୁରୁବାର ରାତିରେ ଜଣେ ବନ୍ଧୁ ଘରକୁ ଯାଉଥିବାବେଳେ ୩ ଜଣ ଅପରିଚିତ ବ୍ୟକ୍ତି ଆସି ସେମାନଙ୍କ ପାଇଁ ଏକ ଉବର ବୁକ୍ କରିବାରେ ସହାୟତା କରିବାକୁ କହିଥିଲେ। ଉବରକୁ ଅପେକ୍ଷା କରିଥିବାବେଳେ ଜଣେ ଅଭିଯୁକ୍ତ ମଣିପୁରୀ ବ୍ୟକ୍ତିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ପରେ ସେମାନେ ମିଶିଯାଇ ମଣିପୁରୀ ବ୍ୟକ୍ତି ଓ ତାଙ୍କ ସାଙ୍ଗରେ ଥିବା ସ୍ତ୍ରୀ ଓ ଭଉଣୀଙ୍କୁ ମାଡ଼ ମାରିଥିଲେ। ଅନ୍ୟମାନେ ଆସି ମଧ୍ୟରେ ଏହି ଆକ୍ରମଣରେ ସାମିଲ ହୋଇଥିଲେ ବୋଲି ପୋଲିସ କହିଛି।

### ସଞ୍ଜୟ ସିଂଙ୍କ ନାଁରେ ଇଡି ଚାର୍ଜଶିଟ୍



**ନୂଆଦିଲ୍ଲୀ,୨।୧୨:** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ମାମଲାରେ ଇଡି ଗତ ଅକ୍ଟୋବରରେ ସଞ୍ଜୟଙ୍କୁ ଗିରଫ କରିଥିଲା। ଇଡି ଅଭିଯୋଗ ଅନୁଯାୟୀ ଅବକାରୀ ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ ବ୍ୟବସାୟୀ ଦିନେଶ ଆରୋରା ଦୁଇଥରରେ ସଞ୍ଜୟଙ୍କ ବେଆଇନ ଭାବେ ୨ କୋଟି ଟଙ୍କା ଦେଇଥିଲେ। ୨୦୨୧ ଅଗଷ୍ଟରୁ ୨୦୨୨ ଏପ୍ରିଲ ମଧ୍ୟରେ ଏହି କାରବାର ହୋଇଥିଲା। ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜେଲ ଯାଇଥିବାବେଳେ ସଞ୍ଜୟ ଅଭିଯୁକ୍ତ ହେବାରେ ଦ୍ୱିତୀୟ ପ୍ରମୁଖ ନେତା। ଅନ୍ୟପକ୍ଷରେ ଏଏପି ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଆସିଛି।

### ମୁମ୍ବାଇରେ ମେକ୍ସିକୋର ଡିଜେଙ୍କୁ ବଳାତ୍କାର

**ମୁମ୍ବାଇ,୨।୧୨:** ମେକ୍ସିକୋର ଜଣେ ମହିଳା ଡିସ୍କ ଜର୍କୀ (ଡିଜେ)ଙ୍କୁ ବହୁବର୍ଷ ଧରି ମୁମ୍ବାଇରେ ଜଣେ ବ୍ୟକ୍ତି ବଳାତ୍କାର କରିଆସୁଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ମୁମ୍ବାଇ ପୋଲିସ ୩୫ ବର୍ଷୀୟ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଡିଜେ ସଂସ୍ଥାରେ ମ୍ୟାନେଜର ଭାବେ କାମ କରୁଥିଲେ ଓ ୨୦୧୯ରୁ ଅନେକ ଥର ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଯୌନ ସମ୍ପର୍କ ପାଇଁ ସୁଯୋଗ ନ ଦେଲେ ଚାକିରିରୁ ବାହାର କରିଦେବେ ବୋଲି ଅଭିଯୁକ୍ତ ଜଣକ ଧମକ ଦେଉଥିଲେ। ମହିଳାଙ୍କ କେତେକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ସେ ବ୍ଲାକ୍‌ମେଲ୍ କରୁଥିଲେ ବୋଲି ଅଭିଯୋଗ ହୋଇଛି।

# ହିମାଳୟ ଅଞ୍ଚଳକୁ ସହାୟତା ଜରୁରୀ

### କପ୍‌୨୮ରେ ଗୁଟେରେସ୍‌ଙ୍କ ଆହ୍ୱାନ



ଆଣ୍ଟୋନିଓ ଗୁଟେରେସ୍



କପ୍‌୨୮ ସମ୍ମିଟ୍‌ରେ ଶନିବାର ଯୋଗ ଦେଇଥିବା ବିଶ୍ୱନେତାମାନେ।

**ଦୁବାଇ,୨।୧୨**

ହିମାଳୟର ହିମାବାହ ବିପଜ୍ଜନକ ହାରରେ ତରଳୁଥିବାରୁ ଏହାର ସମ୍ଭାବ୍ୟ ବିପତ୍ତିକୁ ନେଇ ଜାତିସଂଘ ମହାଚିବ ଆଣ୍ଟୋନିଓ ଗୁଟେରେସ୍ ଶନିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକାଶଶୀଳ ରାଷ୍ଟ୍ର ବିଶେଷକରି ବିପଜ୍ଜନକ ପାର୍ବତ୍ୟାଞ୍ଚଳ ଦେଶଗୁଡ଼ିକର ଆବଶ୍ୟକତା ପ୍ରତି ବାର୍ଷିକ ଜଳବାୟୁ ଆଲୋଚନାରେ ଗୁରୁତ୍ୱ ଦିଆଯିବା ସହ ତୁରନ୍ତ ସହାୟତା ଯୋଗାଇ ଦିଆଯିବା ଜରୁରୀ ବୋଲି କପ୍‌୨୮ ଆଲୋଚନାରେ ଭାଗନେଇ ଗୁଟେରେସ୍ କହିଛନ୍ତି। ହିମାଳୟରୁ ସୃଷ୍ଟି ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ ସମେତ ୧୦ ବୃହତ୍ ନଦୀ ଏବଂ ଗ୍ଲେସିୟର ଉପରେ ପ୍ରାୟ ୨୪ କୋଟି ଲୋକ ନିର୍ଭରଶୀଳ। ଏହା ବ୍ୟତୀତ ଭାରତ ସମେତ ୮ଟି ଦେଶର ଅନ୍ୟ ୧୦୦ କୋଟି ଲୋକ ଏହି ସମସ୍ତ ଗ୍ଲେସିୟର ଦ୍ୱାରା ପୁଷ୍ଟ ନଦୀ ଉପରେ ନିର୍ଭର କରିଥାନ୍ତି। ଗତ ୩୦ ବର୍ଷ ମଧ୍ୟରେ ନେପାଳର ପାଖାପାଖି ଏକତୃତୀୟାଂଶ ବରଫ ତରଳିଗଲାଣି, ଯାହାର ସିଧାସଳଖ ସବୁଜଗୃହ ବାଷ୍ପ ପ୍ରଦୂଷଣ ସହ ସମ୍ପୃକ୍ତି ରହିଛି। କିଛିଦିନ ପୂର୍ବରୁ ଏଭରେଷ୍ଟ ଅଞ୍ଚଳ ଗସ୍ତ କରିଥିବା ଗୁଟେରେସ୍ ଧନୀ ଦେଶଗୁଡ଼ିକୁ ୧୦୦ ବିଲିୟନ ଡଲାର ପ୍ରଦାନ କରିବା ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି। ଏଥିସହ ୨୦୨୫ ସୁଦ୍ଧା ଆଡପ୍ଟେଶନ ପୁଞ୍ଜିକୁ ଦୁଇଗୁଣ କରି ୪୦ ବିଲିୟନ ଡଲାର କରିବା ପାଇଁ ଯୋଜନା ଉପସ୍ଥାପନ ନିମନ୍ତେ ଜାତିସଂଘ ମହାସଚିବ କହିଛନ୍ତି। ନେପାଳ ଭଳି

#### ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଧନୀ ଦେଶ ଅଧିକ ସହଯୋଗ କରିବାକୁ ଦାବି

ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଆବଶ୍ୟକତା ଭରଣା କରିବା ପାଇଁ ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନ (ଆଇଏଫ୍‌ଆଇ) ଏବଂ ବହୁପାକ୍ଷିକ ଉନ୍ନୟନ ବ୍ୟାଙ୍କ (ଏମ୍‌ଡିବି)ଗୁଡ଼ିକର ସଂସ୍କାର ସପକ୍ଷରେ ସେ ମତ ରଖିଛନ୍ତି। ଉପରୋକ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନକୁ ରୋକାଯାଇ ନ ପାରିଲେ ଗ୍ଲେସିୟରଗୁଡ଼ିକ ସମ୍ପୂର୍ଣ୍ଣ ଶେଷ ହୋଇଯିବ ଏବଂ ବୃହତ୍ ହିମାଳୟ ନଦୀଗୁଡ଼ିକୁ ଜଳପ୍ରବାହ ସାଂଘାତିକ ହ୍ରାସ ଘଟିବ ବୋଲି ଗୁଟେରେସ୍ କହିଛନ୍ତି।

ଧନୀ ଓ ଶିଳ୍ପୋନ୍ନତ ଦେଶଗୁଡ଼ିକ ବୈଶ୍ୱିକ ତାପନ ଲଢ଼େଇରେ ଅଧିକ ସକ୍ରିୟ ଭୂମିକା ନେବା ଲାଗି ଜାତିସଂଘ ଜଳବାୟୁ ସମ୍ମିଟ୍‌ର ଦ୍ୱିତୀୟ ଦିନରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ନେତାମାନେ ଜୋର୍ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଓ ଉତ୍ତାପ ବୃଦ୍ଧିରେ ଧନୀ ଦେଶଗୁଡ଼ିକର ଭୂମିକା ଅଧିକ ରହୁଛି। ଏସବୁକୁ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇପାରିବ ତାହା ସେମାନେ ଜଣାନ୍ତୁ ବୋଲି ଅନ୍ୟ ନେତାମାନେ କହିଥିଲେ। ତୈଳସମୃଦ୍ଧ ରାଷ୍ଟ୍ର ୟୁନାଇଟେଡ୍ ଆରବ ଏମିରେଟ୍ସରେ କପ୍‌୨୮ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ପ୍ରାୟ ୧୫୦ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜକୀୟ ପରିବାର ସଦସ୍ୟ ଓ ଅନ୍ୟ ନେତାମାନେ ସାମିଲ ହୋଇଛନ୍ତି। ଉତ୍ତାପ ଓ ନିର୍ଗମନ ହ୍ରାସ ସମ୍ପର୍କରେ ସେମାନେ ନିଜ ନିଜର ଯୋଜନା ଉପସ୍ଥାପନ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ସମସ୍ତ ରାଷ୍ଟ୍ର ପୂର୍ବାପେକ୍ଷା ଅଧିକ ଏକତାର ସହ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି। ଆଲୋଚନାରେ ଆଫ୍ରିକୀୟ ନେତାମାନେ ଯୋଗଦେଇ ସେମାନଙ୍କ ଦେଶର ବିଷୁବ ମଣ୍ଡଳୀୟ ଜଙ୍ଗଲ ବାୟୁରୁ ଅତ୍ୟଧିକ ଅଙ୍ଗାରକାମ୍ଳକୁ ଅବଶୋଷଣ କରିବାରେ ସହାୟତା କରୁଥିବା କହିଥିଲେ। ଉତ୍ତାପ ବୃଦ୍ଧିରେ ଧନୀ ଦେଶ ତୁଳନାରେ ସେମାନଙ୍କ ଦେଶର ଭାଗୀଦାରି ଯଥେଷ୍ଟ କମ୍ ବୋଲି ସେମାନେ ମତ ରଖିଥିଲେ। ଧନୀ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବା ଇକ୍ୱେଟୋରିଆଲ୍ ଗିନିର ନେତା କହିଥିଲେ। ସୂଚନାଯୋଗ୍ୟ, ମିଥେନ୍ ନିର୍ଗମନ କମାଇବା ଲକ୍ଷ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଶନିବାର ଏକ ଚୂଡ଼ାନ୍ତ ନିୟମ ଜାରି କରିଛନ୍ତି। ଏହି ନୂଆ ନିୟମ ତୈଳ ଏବଂ ଗ୍ୟାସ୍ ଶିଳ୍ପରୁ ସୃଷ୍ଟି ମିଥେନ୍ ଓ ଅନ୍ୟାନ୍ୟ କ୍ଷତିକାରକ ବାୟୁ ପ୍ରଦୂଷଣକାରୀ ଉପାଦାନ ଯଥେଷ୍ଟ ହ୍ରାସ କରିବ ବୋଲି ସେଠାର ପରିବେଶ ସୁରକ୍ଷା ସଂସ୍ଥା କହିଛି। ଏହା ଅତ୍ୟାଧୁନିକ ମିଥେନ୍ ଚିହ୍ନଟ ଟେକ୍‌ନୋଲୋଜିର ବ୍ୟବହାର ବଢ଼ାଇବା ସହ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆଣିପାରିବ।

## ଏସ୍‌ପି ସବୁଠୁ ଧନୀ ଆଞ୍ଚଳିକ ଦଳ

**ନୂଆଦିଲ୍ଲୀ,୨।୧୨**

ସମାଜବାଦୀ ପାର୍ଟି (ଏସ୍‌ପି) ଦେଶର ସବୁଠୁ ଧନୀ ଆଞ୍ଚଳିକ ଦଳ ହୋଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଦ୍ୱିତୀୟ ସ୍ଥାନରେ ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟ ଅନୁଯାୟୀ ୧୦ଟି ଶୀର୍ଷ ଆଞ୍ଚଳିକ ଦଳର ମୋଟ ସମ୍ପତ୍ତି ୨୦୨୦-୨୧ରେ ୧,୯୫୯.୩୫୧ କୋଟି ରହିଥିବାବେଳେ ୨୦୨୧-୨୨ରେ ଏହା ୪୮.୪୮ ପ୍ରତିଶତ ବୃଦ୍ଧି ପାଇ ୨,୯୦୯.୧୮୬ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୦-୨୧ରେ ଏସ୍‌ପିର ସମ୍ପତ୍ତି ୫୬୧.୪୬ କୋଟି ଥିବାବେଳେ ଏହା ୧.୨୩% ବଢ଼ି ୫୬୮.୩୬୯ କୋଟି ହୋଇଥିଲା। ସେହିପରି ବିଆର୍‌ଏସ୍‌ର ମୋଟ ସମ୍ପତ୍ତି ୩୧୯.୫୫ କୋଟିରୁ ବଢ଼ି ୫୧୨.୨୪ କୋଟି ଟଙ୍କାରେ ପହଞ୍ଚିଥିଲା। ଡିଏମ୍‌କେର ସମ୍ପତ୍ତି ୨୪୪.୮୮ ପ୍ରତିଶତ ବଢ଼ିଥିବାବେଳେ ବିଜେଡି ସମ୍ପତ୍ତି ୧୪୩.୯୨ ପ୍ରତିଶତ ବଢ଼ିଛି। ସେହିପରି ଜେଡିୟୁ ସମ୍ପତ୍ତି ୯୫.୭୮ ପ୍ରତିଶତ ଏବଂ ଏଏପି ସମ୍ପତ୍ତି ୭୧.୭୬ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଏଆଇଏଡିଏମ୍‌କେ ସମ୍ପତ୍ତି ୧.୫୫% ଏବଂ ତେଲୁଗୁ ଦେଶମ୍ ପାର୍ଟିର ସମ୍ପତ୍ତି ୩.୦୪% ହ୍ରାସ ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ୨୦୨୧-୨୨ରେ ଟିଡିପିର ସର୍ବାଧିକ ଋଣ ପରିମାଣ ସର୍ବାଧିକ ୪୨.୫୮୪ କୋଟି ଟଙ୍କା ରହିଥିଲା।

# ଶୀତ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ



ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକରେ ବିଭିନ୍ନ ଦଳର ନେତା ଯୋଗ ଦେଇଛନ୍ତି।

**ନୂଆଦିଲ୍ଲୀ,୨।୧୨(ପି.ଟି.)**

ଆସନ୍ତା ୪ ତାରିଖରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏଥିପାଇଁ ଶନିବାର ସର୍ବଦଳୀୟ ବୈଠକ ବସିଥିଲା। ଏହି ଅଧିବେଶନରେ ମୁଖ୍ୟତଃ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ସମ୍ଭାବ୍ୟ ବହିଷ୍କାର, ଆପରାଧିକ ଆଇନ ସ୍ଥାନରେ ତିନୋଟି ନୂଆ ବିଲ୍, ନିର୍ବାଚନ କମିଶନର ନିଯୁକ୍ତି ଲାଗି ପ୍ରସ୍ତାବିତ ଆଇନ ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଛି। ଗୃହରେ ଆଲୋଚନା ପାଇଁ ଅନୁକୂଳ ବାତାବରଣ ସୁନିଶ୍ଚିତ କରିବା ନିମନ୍ତେ ସର୍ବଦଳୀୟ ବୈଠକରେ ସରକାର ବିରୋଧୀ ଦଳଗୁଡ଼ିକୁ ନିବେଦନ କରିଛନ୍ତି। ପାର୍ଲାମେଣ୍ଟର ସବୁ ଦଳର ନେତାମାନଙ୍କ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, କଂଗ୍ରେସ ନେତା ଜୟରାମ ରମେଶ, ଗୌରବ ଗୋଗୋଇ, ପ୍ରମୋଦ ତିୱାରୀ, ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ ଏବଂ ଡେରେକ ଓ'ବ୍ରାଏନ୍, ଏନ୍‌ସିପି ନେତା ଫୌଜିଆ ଖାନ୍ ପ୍ରମୁଖ ଯୋଗଦେଇଥିଲେ। ରବିବାର ୪ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ଆସିବାକୁ ଥିବାରୁ ଏହା ଶୀତ ଅଧିବେଶନକୁ ପ୍ରଭାବିତ କରିବ।

#### ମହୁଆ ରିପୋର୍ଟ ଉପରେ ଆଲୋଚନା ଦାବିକଲେ ବିରୋଧୀ

'କ୍ୟାଶ୍ ଫର୍ କ୍ୱେରି' ଅଭିଯୋଗରେ ଟିଏମ୍‌ସି ଏମ୍‌ପି ମହୁଆଙ୍କୁ ଲୋକ ସଭାରୁ ବହିଷ୍କାର କରିବା ଲାଗି ଏଥିକ୍ସ କମିଟି ସୁପାରିସ କରିଥିବାବେଳେ ସୋମବାର ଅଧିବେଶନର ପ୍ରଥମ ଦିନରେ ଏହାକୁ ଗୃହରେ ଉପସ୍ଥାପନ କରାଯିବ। ମହୁଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଏଥିକ୍ସ କମିଟି ରିପୋର୍ଟ ଉପରେ ଗୃହରେ ଆଲୋଚନା ପାଇଁ ଟିଏମ୍‌ସି ନେତା ଦାବି କରିଛନ୍ତି। ଏହା ବ୍ୟତୀତ ମଣିପୁର ସ୍ଥିତି, ଦରଦାମ୍ ବୃଦ୍ଧି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇର ଦୁରୁପଯୋଗ, ଆଇନ ନାଁରେ ହିନ୍ଦୀ ଭାଷାକୁ ଲଦିଦିଆଯିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଚାପ ପକାଇଥିବା ତିୱାରୀ କହିଛନ୍ତି। ଅନ୍ୟପକ୍ଷରେ ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିବାବେଳେ ଏଥିପାଇଁ ଗୃହରେ ଅନୁକୂଳ ବାତାବରଣ ବଜାୟ ରଖିବା ପାଇଁ ସେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ମହାରାଷ୍ଟ୍ରରେ ମରାଠା ଏବଂ ଧାଙ୍ଗର ସମ୍ପ୍ରଦାୟ ପାଇଁ ସଂରକ୍ଷଣ ପ୍ରସଙ୍ଗ ଆଲୋଚନା ନିମନ୍ତେ ଶିବସେନା ନେତା ରାହୁଲ ଶେୱାଲେ କହିଥିଲେ।

## ପାନୀୟ ଜଳକୁ ନେଇ ଆନ୍ଧ୍ର, ତେଲଙ୍ଗାନା ମଧ୍ୟରେ ବିବାଦ

**ହାଇଦ୍ରାବାଦ,୨।୧୨**

ଆନ୍ଧ୍ରପ୍ରଦେଶ ସରକାର ନାଗାର୍ଜୁନ ସାଗର ଡ୍ୟାମ୍‌ରୁ ପାଣି ଛାଡ଼ିବାରୁ ଏହାକୁ ନେଇ ଆନ୍ଧ୍ର ଓ ତେଲଙ୍ଗାନାରେ ଉତ୍ତେଜନା ଦେଖାଦେଇଛି। ଗତ ଗୁରୁବାର ତେଲଙ୍ଗାନାରେ ନିର୍ବାଚନ ପୂର୍ବରୁ ଆନ୍ଧ୍ର ପାଣି ଛାଡ଼ିଥିଲା। ଆନ୍ଧ୍ରର ୭୦୦ ପୋଲିସ ଡ୍ୟାମ୍ ନିକଟକୁ ଯାଇ ଦକ୍ଷିଣ କେନାଲ ଦେଇ ଘଣ୍ଟାପ୍ରତି ୫୦୦ କ୍ୟୁସେକ୍ ପାଣି କ୍ରିଷ୍ଣା ନଦୀର ଛାଡ଼ିଥିଲେ। ପାନୀୟ ଉଦ୍ଦେଶ୍ୟରେ ଏହି ଜଳ ଛଡ଼ାଯାଇଥିବା ଆନ୍ଧ୍ର ଜଳସେଚନ ମନ୍ତ୍ରୀ ଅମବାତି ରାମବାବୁ କହିଛନ୍ତି। ଆନ୍ଧ୍ର ଓ ତେଲଙ୍ଗାନା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଏହି ପାଣି ନିଆଯାଇଥିବା ପରେ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଥିଲେ। ଉତ୍ତେଜନା ବଢ଼ିବାରୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରି ନାଗାର୍ଜୁନ ସାଗରର ପୂର୍ବ ସ୍ଥିତି ବଜାୟ ରଖିବାକୁ କରିଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲାଙ୍କ ଉକ୍ତ ଯୋଜନାରେ ଉଭୟ ରାଜ୍ୟ ସହମତ ହୋଇଥିବା ଜଣାପଡ଼ିଛି। ବିବାଦ ଏଡ଼ାଇବା ପାଇଁ ସିଆର୍‌ପିଏଫ୍ ଯବାନ ଡ୍ୟାମ୍‌ରେ ମୁତୟନ ରହିବା ସହ ଚୁକ୍ତି ଅନୁଯାୟୀ ଉଭୟ ରାଜ୍ୟ ଯେପରି ଜଳ ପାଆନ୍ତି, ତାହା ଅନୁଧ୍ୟାନ କରିବେ।

## ମହିଳାଙ୍କୁ 'ଡିଜିଟାଲି ଗିରଫ' କରାଇ ୧୧ ଲକ୍ଷ ଠକିନେଲେ

**ନୋଏଡ଼ା,୨।୧୨**

ନୋଏଡ଼ାରେ ଏକ ନୂଆ ସାଇବର ଠକେଇ ଦେଖିବାକୁ ମିଳିଛି। ସେଠାରେ ରହୁଥିବା ଜଣେ ମହିଳାଙ୍କୁ ଗୋଟିଏ ଦିନ ଡିଜିଟାଲ ଗିରଫ ରଖାଯାଇ ତାଙ୍କଠାରୁ ୧୧ ଲକ୍ଷରୁ ଅଧିକ ଟଙ୍କା ଠକିନିଆଯାଇଛି। ଅଭିଯୋଗ ପରେ ଉତ୍ତରପ୍ରଦେଶ ପୋଲିସ ତଦନ୍ତ ଆରମ୍ଭ କରିଛି। ଠକମାନେ ନିଜକୁ ପୋଲିସ ଅଧିକାରୀର ପରିଚୟ ଦେଇଥିଲେ। ସମ୍ପୃକ୍ତ ମହିଳାଙ୍କ ଆଧାର ନମ୍ବରକୁ ବ୍ୟବହାର କରି ମୁମ୍ବାଇରେ କିଣାଯାଇଥିବା ସିମ୍ କାର୍ଡକୁ ବେଆଇନ ବିଜ୍ଞାପନ ଏବଂ ମହିଳାମାନଙ୍କୁ ହଇରାଣ କରାଯାଉଥିବା ଗତ ୧୩ ତାରିଖରେ ଆଇଭିଆର୍ ଯୋଗେ କଲ୍ କରି କହିଥିଲେ। ପରେ ଉକ୍ତ କଲ୍‌କୁ ମୁମ୍ବାଇ ପୋଲିସ ଅଫିସର ପରିଚୟ ଦେଉଥିବା ଜଣେ ଲୋକ ପାଖକୁ ଟ୍ରାନ୍ସଫର କରାଯାଇଥିଲା। ସେ ମହିଳାଙ୍କୁ ଫୋନ୍ ଯୋଗେ ପଚରାଉଚରା କରିବା ପରେ ସ୍କାଏପେ ଭିସିରେ ଜେରା କରିଥିଲେ। ତାଙ୍କ ନାମରେ ମନିଲଣ୍ଡରିଂ ମାମଲା ରୁଜୁ ହେବା ସହ ସୁପ୍ରିମକୋର୍ଟ ଗିରଫ ପରୱାନା ଜାରି କରିଥିବା ମହିଳାଙ୍କୁ କୁହାଯାଇଥିଲା। ଏହାର କାଗଜାତ ସ୍କାଏପେରେ ସମ୍ପୃକ୍ତ ଅଫିସର ଜଣକ ପଠାଇଥିଲେ। ପରେ ସିବିଆଇର ଜଣେ ଆଇପିଏସ୍ ଅଫିସର ମହିଳାଙ୍କୁ ଅଧିକ ଜେରା କରିବେ ବୋଲି କୁହାଯିବା ସହ ସ୍କାଏପେ ଆଇଡି ଦିଆଯାଇଥିଲା। ଉକ୍ତ ଆଇଡିରେ ଗିରଫ ପରୱାନା ହଟାଇବା ପାଇଁ ସିବିଆଇ ଅଫିସରଙ୍କୁ ଅନୁରୋଧ କରିବାକୁ ପରାମର୍ଶ ଦିଆଯାଇଥିଲା। ସିବିଆଇ ଅଫିସର ପରିଚୟ ଦେଉଥିବା ବ୍ୟକ୍ତି ମହିଳାଙ୍କୁ କହିଥିଲେ, ତାଙ୍କ ଆକାଉଣ୍ଟକୁ ବ୍ୟବହାର କରାଯାଇ ୨ କୋଟି ଟଙ୍କା ଟ୍ରାନ୍ସଫର ହୋଇଛି। ଏଥିପାଇଁ ତାଙ୍କୁ ୨୦ ଲକ୍ଷ ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ତାଙ୍କୁ ଗୋଟିଏ ଦିନ ଡିଜିଟାଲି ଗିରଫ କରାଯାଇଥିବା କୁହାଯାଇ ୧୧.୧୧ ଲକ୍ଷ ଟଙ୍କା ଠକିନିଆଯାଇଥିବା ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ବାଂଲାଦେଶରେ ଭୂକମ୍ପ: ପଶ୍ଚିମବଙ୍ଗରେ ଝଟ୍‌କା

**କୋଲକାତା,୨।୧୨**

ବାଂଲାଦେଶରେ ଶନିବାର ସକାଳେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର କମ୍ପନ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଦେଖାଯାଇଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ଖବର ମିଳି ନ ଥିବା ପଶ୍ଚିମବଙ୍ଗ ବିପର୍ଯ୍ୟୟ ପରିଚାଳନା ବିଭାଗ କହିଛି। କେନ୍ଦ୍ରୀୟ ଭୂକମ୍ପ କେନ୍ଦ୍ରର ଆକଳନ ଅନୁଯାୟୀ ବାଂଲାଦେଶର ଦକ୍ଷିଣପୂର୍ବ ଭାଗରେ ୫୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ।

# ଆମେରିକାର ୧୧ ରାଜ୍ୟରେ ବଢୁଛି ଶ୍ୱାସରୋଗ

**ୱାଶିଂଟନ,୨।୧୨**

ଚାଇନାରେ ରହସ୍ୟମୟ ନିମୋନିଆ ସଂକ୍ରମଣ ବ୍ୟାପିଚାଲିଥିବାବେଳେ ଏବେ ଆମେରିକାର ୧୧ଟି ରାଜ୍ୟରେ ଶ୍ୱାସକ୍ରିୟାଜନିତ ରୋଗ ବଢ଼ୁଥିବାରୁ ଆତଙ୍କ ସୃଷ୍ଟି ହୋଇଛି। ସଂଗୃହୀତ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ବହୁ ଅଧିକ ଲୋକ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ସିଡିସି (ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ) ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଚଳିତ ଥର ଫ୍ଲୁ ଅଧିକ ଗମ୍ଭୀର ହୋଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବିଶେଷକରି ଆମେରିକାର ଦକ୍ଷିଣ କେନ୍ଦ୍ରୀୟ, ଦକ୍ଷିଣପୂର୍ବ, ପାର୍ବତ୍ୟାଞ୍ଚଳ ଏବଂ ପଶ୍ଚିମ ଉପକୂଳ ଅଞ୍ଚଳରେ ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା କ୍ରମାଗତ ଭାବେ ବଢ଼ିଚାଲିଛି। ଲୁଇଜିଆନା ଏବଂ ସାଉଥ୍ କାରୋଲିନାରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଏବଂ ଅତ୍ୟଧିକ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ଆଲବାମା, କାଲିଫର୍ନିଆ, କଲରାଡୋ, ଫ୍ଲୋରିଡା, ଜର୍ଜିଆ, ମିସିସିପି, ନ୍ୟୁ ମେକ୍ସିକୋ, ପୁଏର୍ଟୋ ରିକୋ, ଟେନେସି, ଟେକ୍ସାସ୍ ଏବଂ ନ୍ୟୁୟର୍କ ସିଟିରେ ଶ୍ୱାସଜନିତ ରୋଗ ସଂକ୍ରମଣ ଅଧିକ ରହିଛି। ଜ୍ୱର, କାଶ ଓ ଗଳା ଦରଜ ଆଦି ଅଭିଯୋଗ ନେଇ ବହୁସଂଖ୍ୟାରେ ରୋଗୀ ପ୍ରତିଦିନ ହସ୍ପିଟାଲ ଆସୁଛନ୍ତି, ଯାହାକି ଫ୍ଲୁ'ର ଲକ୍ଷଣ। ଚଳିତ ସପ୍ତାହର ଫ୍ଲୁ ଭିଉ ରିପୋର୍ଟ ଅନୁଯାୟୀ ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ୬%ରେ ଫ୍ଲୁ ପଜିଟିଭ୍ ରିପୋର୍ଟ ଆସିଛି। ଏହି ଫ୍ଲୁ କୋଭିଡ୍, ଆର୍‌ଏସ୍‌ଭି ଭଳି ଅନ୍ୟାନ୍ୟ ଶ୍ୱାସଜନିତ ରୋଗରେ ବଦଳିପାରେ ବୋଲି ଆଶଙ୍କା କରାଯାଉଛି।

#### ଚାଇନିଜ୍‌ଙ୍କ ପ୍ରବେଶ ଉପରେ ତୁରନ୍ତ କଟକଣା ଲଗାଇବାକୁ ବାଇଡେନ୍‌ଙ୍କ ଉପରେ ଚାପ

ସଂକ୍ରମଣ ବଢୁଥିବାରୁ ତୁରନ୍ତ ଆମେରିକା ଏବଂ ଚାଇନା ମଧ୍ୟରେ ଯାତାୟାତ କଟକଣା ଲଗାଇବାକୁ ମାର୍କୋ ରୁବିଓଙ୍କ ନେତୃତ୍ୱରେ ଅନେକ ରିପବ୍ଲିକାନ୍ ସିନେଟର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପତ୍ର ଲେଖିଛନ୍ତି। ଚାଇନାରେ ପିଲାମାନଙ୍କ ମଧ୍ୟରେ ଶ୍ୱାସକ୍ରିୟାଜନିତ ରୋଗ ଏବଂ ନିମୋନିଆ ବଢ଼ିଚାଲିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ ) ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଉପରେ ବେଜିଂ ସବିଶେଷ ତଥ୍ୟ ଦେବା ପାଇଁ ଅନୁରୋଧ କରିଛି। ଚାଇନାରେ ଅଜଣା ଶ୍ୱାସରୋଗ ବଢୁଥିବାବେଳେ ଏହି ଦେଶ ରୋଗକୁ ଲୁଚାଇ ରଖିବାର ଇତିହାସ ରହିଛି। କୋଭିଡ୍ ସମୟରେ ବେଜିଂ ତଥ୍ୟ ଲୁଚାଇଥିଲା। ତେଣୁ ଏହି ଦେଶ ସହ ଗମନାଗମନ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଜରୁରୀ ବୋଲି ସିନେଟର ରୁବିଓ, ଜେ.ଡି. ଭାନ୍ସ, ରିକ୍ ସ୍କଟ୍, ଟମି ଟୁବେର୍‌ଭିଲେ ଏବଂ ମାଇକ୍ ବ୍ରାଉନ୍ ପତ୍ରରେ ଲେଖିଛନ୍ତି। ଚାଇନା ରିପୋର୍ଟ ଆଧାରରେ ଡବ୍ଲୁଏଚ୍‌ଓର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନ କରି ଆମେରିକୀୟମାନଙ୍କ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତିର ସୁରକ୍ଷା ପାଇଁ ଆମକୁ ଜରୁରୀ ପଦକ୍ଷେପ ନେବାକୁ ହେବ ବୋଲି ସେମାନେ କହିଛନ୍ତି। ଏବେଠାରୁ ଟ୍ରାଭେଲ୍ ବ୍ୟାନ୍ କରାଗଲେ ଆମ ଦେଶକୁ ମୃତ୍ୟୁ, ଲକ୍‌ଡାଉନ୍ ଆଦି ସଙ୍କଟରୁ ରକ୍ଷା କରାଯାଇପାରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଶ୍ୱାସରୋଗ ସଂକ୍ରମଣ ବୃଦ୍ଧିଜନିତ ଉଦ୍‌ବେଗକୁ ହ୍ରାସ କରିବାକୁ ଯାଇ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୱି କହିଛନ୍ତି, ଏହା ଏକ ପ୍ରଚଳିତ ବିଶ୍ୱ ପ୍ରସଙ୍ଗ। ସ୍ଥିତିକୁ ପ୍ରଭାବଶାଳୀ ଢଙ୍ଗରେ ନିୟନ୍ତ୍ରଣ କରିବା ଲାଗି ଚାଇନା କର୍ତ୍ତୃପକ୍ଷ ଉଦ୍ୟମ ଚଳାଇଥିବା ସେ କହିଛନ୍ତି। ଚାଇନାର କେତେକ ଅଞ୍ଚଳରେ ଶିଶୁମାନଙ୍କ ମଧ୍ୟରେ ଗୋଷ୍ଠୀ ଫ୍ଲୁ ସଂକ୍ରମଣ ଦେଖାଯାଇଛି। ବିଭିନ୍ନ ଦେଶରେ ଏଭଳି ସମସ୍ୟା ରହିଥିବା ୱାଙ୍ଗ୍ କହିଛନ୍ତି।



ଆମେରିକା ବାୟୁସେନାର ପି-୮ଏ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ହାୱାଇ ନିକଟ କାନେଓହେ ଉପସାଗରରେ ଖସିପଡ଼ିଛି। ବିମାନକୁ ଭସାଇ କୂଳ ପର୍ଯ୍ୟନ୍ତ ଆଣିବା ପାଇଁ ଠିକାଦାରମାନେ ଏହା ତଳେ ଭାସମାନ ବ୍ୟାଗ୍ ରଖୁଛନ୍ତି।

# ଭାଜପାରେ କଂଗ୍ରେସ ମୁଖପାତ୍ର ଜ୍ଞାନ ବେହୁରା


ଭାଜପା ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଅନ୍ୟ ଦଳର ନେତା ଓ କର୍ମୀ।

**ଭୁବନେଶ୍ୱର,୨।୧୨(ଅନିଲ ଦାସ)** ରାଜ୍ୟ କଂଗ୍ରେସର ମୁଖପାତ୍ର ତଥା ଓବିସି ସେଲ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ବେହୁରା ଭାଜପାରେ ଯୋଗ ଦେଇଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବେହୁରାଙ୍କ ସମେତ ତାଙ୍କର ଶତାଧିକ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମନୋଜ କୁମାର ପତି ଏବଂ କେନ୍ଦ୍ରାପଡ଼ା ପାଟକୁରାର ବିଶିଷ୍ଟ ସମାଜସେବୀ ମନୀଷା ପଣ୍ଡା ତାଙ୍କର ଶତାଧିକ ସମର୍ଥକଙ୍କ ସହ ଦଳରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା ନବାଗତ ନେତାମାନେ କହିଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ମନମୋହନ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, କେନ୍ଦ୍ରାପଡ଼ା ଜିଲା ସଭାପତି କିଶୋର ପଣ୍ଡା, କଟକ ଜିଲା ସଭାପତି ଲଲାଟେନ୍ଦୁ ବଡୁ ଓ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସରେ ପାଙ୍ଗୀ

## ବଦଳାଇଲେଣି ୩ ଦଳ

**ଭୁବନେଶ୍ୱର,୨।୧୨ (ଅନିଲ ଦାସ)** ରାଜ୍ୟର ରାଜନୈତିକ ପାଣିପାଗ ଉଷ୍ମ ହେଲାଣି। ଆଉ ମାସ କେଇଟା ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳରେ ମିଶ୍ରଣ ପର୍ବ ମଧ୍ୟ ଜୋର ଧରିଲାଣି। ନିଜ ଦଳରେ ସାହାର ପାଉ ନ ଥିବା ନେତାମାନେ ଅନ୍ୟ ରାଜନୈତିକ ଦଳକୁ ଡେଇଁବା ଆରମ୍ଭ କରିଛନ୍ତି। ଗତ କିଛିଦିନ ହେବ ଦଳବଦଳ ପ୍ରକ୍ରିୟା ଜୋରସୋର ଆରମ୍ଭ ହୋଇଛି। ବିଜେଡି, ଭାଜପା ଓ କଂଗ୍ରେସରେ ମିଶ୍ରଣ ପର୍ବ ଆଗାମୀ ନିର୍ବାଚନ ପ୍ରସ୍ତୁତିର ସଙ୍କେତ ଦେଉଛି। ଶନିବାର ଦକ୍ଷିଣ ଓଡ଼ିଶାର ଟାଣୁଆ ନେତା ତଥା ପୂର୍ବତନ ଏମ୍ପି ଏବଂ ଭାଜପା ନେତା ଜୟରାମ ପାଙ୍ଗୀ କଂଗ୍ରେସ କାର୍ଯ୍ୟାଳୟରେ ହାତ ଧରିଛନ୍ତି। ପାଙ୍ଗୀ ଓ ତାଙ୍କ ସମର୍ଥକମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ପାଙ୍ଗୀଙ୍କ ସମେତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ ପରିଡ଼ା, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ହେମସାଗର ନନ୍ଦ, ପୂର୍ବତନ ବିଧାୟକ ରଞ୍ଜିତ ଭିତିରିଆ, କେନ୍ଦ୍ରାପଡ଼ାର ସମାଜସେବୀ ସିଦ୍ଧାର୍ଥ ଦାସ, ହିନ୍ଦୋଳର ସମାଜସେବୀ ଗୋବର୍ଦ୍ଧନ ଶେଖର ନାୟକ, ନବରଙ୍ଗପୁର ବରିଷ୍ଠ ଭାଜପା ନେତା ମଦନ ମୋହନ ମାଝି, ରାଜମୋହନ ଜାନି, ନବରଙ୍ଗପୁର ବ୍ଲକର ବରିଷ୍ଠ ବିଜେଡି ନେତା ସୋରଜ ମହାକୁଡ଼, ସୁନାଧର ଜାନି, ପ୍ରବୀଣ କୁମାର ସିଂ, ମୁକୁର କୁମାର ମଣ୍ଡଳ, ଚନ୍ଦ୍ର ଭତରା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ନିଜର ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ନବରଙ୍ଗପୁର ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜୟରାମ କହିଛନ୍ତି, କଂଗ୍ରେସ ଦଳ ହେଉଛି ମୋ ବାପାଙ୍କ ଦଳ, ମୁଁ ଆଜି ଆମ ଘରକୁ ଫେରିଛି। ଫେରିବାରେ ବହୁ ବିଳମ୍ବ ହୋଇଛି, କିନ୍ତୁ ରାସ୍ତା ଛୁଡ଼ି ନାହିଁ। କଂଗ୍ରେସ ହିଁ ଏକମାତ୍ର ଦଳ ଯେକି ଭାରତବର୍ଷର ବିବିଧତା, ଐକ୍ୟତା, ଶାନ୍ତି, ସଂହତି ରକ୍ଷା କରିବାରେ ସମର୍ଥ। ଆସନ୍ତା ଦିନରେ ରାଜ୍ୟ ଏବଂ କେନ୍ଦ୍ରରେ କଂଗ୍ରେସ ସରକାର ଗଠନ କରିବା ପାଇଁ ଆମେ ସମସ୍ତେ ପରିଶ୍ରମ କରିବୁ।

ଏଠାରେ ସୂଚନାଯୋଗ୍ୟ, ପାଙ୍ଗୀ ୨୦୧୭ରେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ଭାଜପାରୁ କୋରାପୁଟ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। କିଛି ମାସ ତଳେ ସେ ଭାଜପା ଛାଡି ବିଆର୍ଏସ୍‌ରେ ଯୋଗ ଦେଇଥିଲେ।


ପିସିସି ସଭାପତି ଶରତ ପଟ୍ଟନାୟକ ଜୟରାମ ପାଙ୍ଗୀଙ୍କୁ ସ୍ୱାଗତ କରୁଛନ୍ତି।

# ଜାତିଭିତ୍ତିକ ଜନଗଣନା, ଆଦିବାସୀ ଜମି ଅଧିକାର, ରତ୍ନଭଣ୍ଡାର ଖୋଲିବା ପ୍ରସ୍ତାବ ପାରିତ

## ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବୈଠକ



ପିସିସି କାର୍ଯ୍ୟାଳୟରେ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୨।୧୨(ଅନିଲ ଦାସ)** ଜାତିଭିତ୍ତିକ ଜନଗଣନା, ଆଦିବାସୀ ଜମି ଅଧିକାରର ସୁରକ୍ଷା ପାଇଁ ନଭେମ୍ବର ୧୬ରେ କ୍ୟାବିନେଟ ଅନୁମୋଦିତ ସଂଶୋଧନ ନିଷ୍ପତ୍ତିର ତୁରନ୍ତ ପ୍ରତ୍ୟାହାର, ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଭିତର ଦ୍ୱାର ଖୋଲିବା, ଉତ୍କଟ ବେକାରି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ନିର୍ଯାତନା ଆଦି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଚାପ ସୃଷ୍ଟି କରିବ। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି। ଚିଟ୍‌ଫଣ୍ଡ ଦୁର୍ନୀତି, ଡାଲି ଦୁର୍ନୀତି, ପାଣି ଦୁର୍ନୀତି ଓ ବେଦାନ୍ତ ବିଶ୍ୱବିଦ୍ୟାଳୟ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପ୍ରତି ଅବମାନନା ଘଟଣାରେ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହିତ କୃଷି କୃଷକ ପ୍ରସ୍ତାବରେ ଚାଷୀମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ଉଚିତ ପ୍ରାପ୍ୟ ପ୍ରଦାନ ପାଇଁ ଏମ୍ଏସ୍‌ପି ଉପରେ ରାଜ୍ୟ ସରକାରଙ୍କ ତରଫରୁ ବୋନସ ପ୍ରଦାନ ଓ ଭାଗଚାଷୀ ଆଇନ ପ୍ରଣୟନ ପାଇଁ ଦାବି କରାଯାଇଛି। କଲେଜଗୁଡ଼ିକରେ ନିୟମିତ ନିର୍ବାଚନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା, ୨୦୨୩ରେ ସଂଶୋଧିତ ଜମି ଅଧିକାର ଆଇନ-୨୦୧୩ ଓ ଜଙ୍ଗଲ ଜମି ଅଧିକାର ଆଇନ- ୨୦୦୬ର ପୁନଃ ସଂଶୋଧନ କରି ଆଦିବାସୀମାନଙ୍କୁ ଅଧିକାର ପ୍ରଦାନ ନେଇ ମୋଦି ସରକାରଙ୍କୁ ଆହ୍ୱାନ ଦିଆଯାଇଛି।

ଏହି କାର୍ଯ୍ୟକାରିଣୀରେ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ଆଗତ ପ୍ରସ୍ତାବରେ ପୁରୁଣା ପେନ୍‌ସନ ଲାଗୁକରିବା, ଅଧିନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ସର୍ବନିମ୍ନ ମଜୁରି ବୃଦ୍ଧି କରିବା, ସମସ୍ତ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ କରିବା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ, ପାଚିକାମାନଙ୍କୁ ସର୍ବନିମ୍ନ ମଜୁରି ଓ ସାମାଜିକ ସୁରକ୍ଷା ପ୍ରଦାନ, ସମସ୍ତ ଶ୍ରମିକଙ୍କୁ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଦେବାକୁ ଦାବି କରାଯାଇଛି। କାର୍ଯ୍ୟକାରିଣୀରେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଶୋକପ୍ରସ୍ତାବ ଆଗତ କରିଥିଲେ। ରାଜନୈତିକ ପ୍ରସ୍ତାବ ଗଣେଶ୍ୱର ବେହେରା ଆଗତ କରିଥିବା ବେଳେ ରାଜ୍ୟ ସରକାରଙ୍କ ଦୁର୍ନୀତି ପ୍ରସ୍ତାବ ନକୁଳ ନାୟକ, କୃଷି ଓ କୃଷକ ପ୍ରସ୍ତାବ ଲଲାଟେନ୍ଦୁ ମହାପାତ୍ର, ଶ୍ରମିକ ଓ କର୍ମଚାରୀଙ୍କ ପ୍ରସ୍ତାବକୁ ଅର୍ଚ୍ଚନା ନନ୍ଦୀ, ଅର୍ଥନୈତିକ ପ୍ରସ୍ତାବ ବିଭୂତି ଭୂଷଣ ମିଶ୍ର ଆଗତ କରିଥିଲେ। ବୈଠକରେ ବିଧାୟକ ଦଳର ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ବିଜୟ ପଟ୍ଟନାୟକ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଧନ୍ୟବାଦ ଦେଇଥିଲେ।

# ଗୁଣପୁର ବିଧାୟକ ଆଶାୟୀ ଭାବେ ବିଜୟ ଗମାଙ୍ଗଙ୍କ ଆବେଦନ

**ଗୁଣପୁର, ୨।୧୨(ପ୍ରଦୀପ କୁମାର ପାଢ଼ୀ)** ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଶନିବାର ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀ ଭାବେ ଜିଲା ସଭାପତି ବିଜୟ କୁମାର ଗମାଙ୍ଗ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିକଟରେ ଆବେଦନ କରିଛନ୍ତି। ଏହି ସମୟରେ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ଦୁଇ ଆଶାୟୀ ବିଧାୟକ ପ୍ରାର୍ଥୀ ନୀଳମାଧବ ଉଲାକା, ନୀଳମାଧବ ହିକ୍କା, ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଆଶାୟୀ ବିଧାୟକ ପ୍ରାର୍ଥୀ ଆପାଲୁସ୍ୱାମୀ କାଡ୍ରାକା, ରାୟଗଡ଼ା ବ୍ଲକ କଂଗ୍ରେସ ସଭାପତି, ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ, ଭାସ୍କର ଜାଗାରାଙ୍ଗା ଓ ବାଞ୍ଛାନିଧି ବେହେରା, ହୃଷୀକେଶ ପାତ୍ର, ସୁଧିର ଗୁରୁ, ତରଣୀସେନ୍‌ଶତପଥୀ, ୩ବିଧାନସଭା ନିର୍ବାଚନମଣ୍ଡଳୀର ବହୁକଂଗ୍ରେସ ନେତା ଏବଂ କର୍ମୀଙ୍କ ଉପସ୍ଥିତିରେ ବିଜୟ କୁମାର ଗମାଙ୍ଗ ବିଧାୟକ ଟିକେଟ ନିମନ୍ତେ ଆବେଦନ କରିଥିଲେ। ବିଜୟଙ୍କୁ ମିଶାଇ ପୂର୍ବରୁ ଅବିନାଶ ଗମାଙ୍ଗ, ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗ ଓ ସତ୍ୟଜିତ ଗମାଙ୍ଗ ପ୍ରମୁଖ ଆଶାୟୀ ପ୍ରାର୍ଥୀ ଭାବେ ଟିକେଟ ପାଇଁ ଆବେଦନ କରିଛନ୍ତି।

**ଲକ୍ଷ୍ମୀ ଇନ୍‌ଫ୍ରା ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍**
**ଭୁବନେଶ୍ୱର**
**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ M/s ଲକ୍ଷ୍ମୀ ଇନ୍‌ଫ୍ରା ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍‌ର ମଲ୍ଟି ଷ୍ଟୋରିଡ୍ ରେସିଡ଼େନ୍‌ସିଆଲ ଓ କମରସିଆଲ୍ ଆପାର୍ଟମେଣ୍ଟ ପ୍ରୋଜେକ୍ଟ, କଟକ ଜିଲ୍ଲା ଅନ୍ତର୍ଗତ ମୌଜା- ନୂଆହାଟ, ଥାନା-କଟକ ସଦର, ତହସିଲ-କଟକ ସଦର, ଖାତା ନଂ- ୪୯୮/୧୧୧, ପ୍ଲଟ ନଂ- ୧୩୯୦ ଓ ୧୩୮୦ ରେ ନିର୍ମାଣ ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ପରିବେଶ ମଞ୍ଜୁରୀର କପି EC23B038OR110720, ତା.୩୦/୧୧/୨୦୨୩ ରିଖ ଏସ୍‌ଇଆଇଏଏ, ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ର ୱେବ୍‌ସାଇଟ୍‌ରେ ମଧ ଦେଖିଯାଇ ପାରିବ।

ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୨୦୦୬ ଆଧାରରେ ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଏସ୍‌ଇଆଇଏଏ)ଏହି ପ୍ରକଳ୍ପ ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଲକ୍ଷ୍ମୀ ଇନ୍‌ଫ୍ରା ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍**
**ଭୁବନେଶ୍ୱର**

## ବିଶେଷ ସୂଚନା

ଓପିଟିସିଏଲ୍ ଚନ୍ଦକା ଗ୍ରୀଡ୍ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ପ୍ରଶାନ୍ତ ବିହାର, ଶିଖରଚଣ୍ଡି, ଷାର ସିଟି, ଜାଲି ସାହି, ମନ୍ଦାକିନି ଆପାର୍ଟମେଣ୍ଟ, ପୁରୁଷୋତ୍ତମ ଆପାର୍ଟମେଣ୍ଟ, ଅର୍ଚ୍ଚନା ଆପାର୍ଟମେଣ୍ଟ, ଜେଡ୍-୧ ଆପାର୍ଟମେଣ୍ଟ, ନନ୍ଦନକାନନ, ଟିସିଏସ୍ ଓ କିଟ୍ ଅଞ୍ଚଳରେ ସକାଳ ୮ ଘଣ୍ଟିକାରୁ ଅପରାହ୍ନ ୩ ଘଣ୍ଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

# ଦେବଗଡ ଜିଲାର ରାଜ କିଶୋର ବିଜେଡିରୁ ବିଦା

**ଭୁବନେଶ୍ୱର, ୨।୧୨(ଅନିଲ ଦାସ)** ଦଳ ବିରୋଧୀ କାର୍ଯ୍ୟ ପାଇଁ ଦେବଗଡ଼ ଜିଲାର ବିଜେଡି କର୍ମକର୍ତ୍ତା ରାଜ କିଶୋର ଦାସଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**
**ଖାଦ୍ୟ ସରବରାହ ୟୁନିଟ୍ ପାଇଁ ଇ-ନିଲାମ**
ସଂ.Comml/SBP/E-auction/Catg./23/26, ତା.23.11.2023ରିଖ

କ୍ରମ ସଂ.1, ସମ୍ପର୍କିତ ବିବରଣୀ : 05(ପାଞ୍ଚ) ବର୍ଷ ନିମନ୍ତେ ସରଁଟଲା 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ସରଁଟଲା (SFC), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।
କ୍ରମ ସଂ.2, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ମୁନିଗୁଡ଼ା 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ମୁନିଗୁଡ଼ା (MNDC), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 02/03 ।
କ୍ରମ ସଂ.3, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ବଡ଼ମାଲ 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ବଡ଼ମାଲ (BUDM), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।
କ୍ରମ ସଂ.4, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଲୋଇସିଙ୍ଗା 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ଲୋଇସିଙ୍ଗା (LSX), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।
କ୍ରମ ସଂ.5, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ଅତାବିରା (ATS), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।
କ୍ରମ ସଂ.6, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ବଲାଙ୍ଗୀର 'B'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍-ଭିନ୍ନକ୍ଷମ) ବ୍ୟବସ୍ଥା । ଷ୍ଟେସନର ନାମ: ବଲାଙ୍ଗୀର((BLGR), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 02/03 (ବରଗଡ଼ ସୀମା)
କ୍ରମ ସଂ.7, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ବିଷମ କଟକ 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା । ଷ୍ଟେସନର ନାମ: ବିଷମ କଟକ (BMCK), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 01 ।
କ୍ରମ ସଂ.8, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ହରିଶଙ୍କର ରୋଡ଼ 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ହରିଶଙ୍କର ରୋଡ଼ (HSK), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 01 ।
କ୍ରମ ସଂ.09, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ସମ୍ବଲପୁର ସିଟି(SBPY), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 02/03 ।
କ୍ରମ ସଂ.10, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଝାରସୁଗୁଡ଼ା ରୋଡ଼ 'E'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍-ଅଣସଂରକ୍ଷିତ) ବ୍ୟବସ୍ଥା ଷ୍ଟେସନର ନାମ: ଝାରସୁଗୁଡ଼ା ରୋଡ଼ (JSGR), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 02 ।
କ୍ରମ ସଂ.11, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ନୋର୍ଲା ରୋଡ଼ 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ନୋର୍ଲା ରୋଡ଼(NRLR), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।
କ୍ରମ ସଂ.12, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଜୁନାଗଡ଼ ରୋଡ଼ 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍-ସଂଖ୍ୟାଲଘୁ) ବ୍ୟବସ୍ଥା । ଷ୍ଟେସନର ନାମ: ଜୁନାଗଡ଼ ରୋଡ଼(JNRD), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 01 ।
କ୍ରମ ସଂ.13, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଭବାନୀପାଟଣା 'D'ବର୍ଗ ରେଳ ଷ୍ଟେସନ ଠାରେ Ref. ପ୍ରକୋଷ୍ଠ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ଭବାନୀପାଟଣା (BWIP), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 01 ।
କ୍ରମ ସଂ.14, ସମ୍ପର୍କିତ ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ନୂଆପଡ଼ା ରୋଡ଼ 'D'ବର୍ଗ ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ନୂଆପଡ଼ା ରୋଡ଼(NPD), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ. 01 ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.12.12.2023ରିଖ 1000 ଘଣ୍ଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.12.12.2023ରିଖ 1240 ଘଣ୍ଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-833/O/23-24

ଭାରତ ସରକାର
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ

**ଦିବ୍ୟାଙ୍ଗଜନଙ୍କ ସଶକ୍ତୀକରଣ କ୍ଷେତ୍ରରେ**
**ଜାତୀୟ ପୁରସ୍କାର ବିତରଣ ସମାରୋହ, ୨୦୨୩**
**୩ ଡିସେମ୍ବର, ୨୦୨୩ - ଅନ୍ତର୍ଜାତୀୟ ଦିବ୍ୟାଙ୍ଗଜନ ଦିବସ**

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମହାମହିମ ରାଷ୍ଟ୍ରପତିଙ୍କ
ଦ୍ୱାରା
-: ବିଶିଷ୍ଟ ଅତିଥି :-
**ଡା. ବୀରେନ୍ଦ୍ର କୁମାର**
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ରାମଦାସ ଅଠାୱାଲେ** — ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର
**ଶ୍ରୀ ଏ. ନାରାୟଣସ୍ୱାମୀ** — ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର
**ଶ୍ରୀମତୀ ପ୍ରତିମା ଭୌମିକ** — ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

**ସମୟ: ପୂର୍ବାହ୍ନ ୧୧.୦୦ ଘଟିକା | ସ୍ଥାନ: ବିଜ୍ଞାନ ଭବନ, ନୂଆଦିଲ୍ଲୀ**

ଦିବ୍ୟାଙ୍ଗଜନଙ୍କ ସଶକ୍ତୀକରଣ କ୍ଷେତ୍ରରେ ୨୦୨୩ ମସିହା ପାଇଁ ବ୍ୟକ୍ତିବିଶେଷ ବର୍ଗର ୨୧ ଜଣ ଏବଂ ଆନୁଷ୍ଠାନିକ ବର୍ଗର ୦୯ ଜଣ ଜାତୀୟ ପୁରସ୍କାର ବିଜେତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗର ପ୍ରମୁଖ ଯୋଜନା/କାର୍ଯ୍ୟକ୍ରମ**

- ଛାତ୍ରବୃତ୍ତି ଯୋଜନା
- ସହାୟକ ଯନ୍ତ୍ର/ଉପକରଣ କ୍ରୟ/ଲଗାଇବା ପାଇଁ ଦିବ୍ୟାଙ୍ଗଜନଙ୍କୁ ସହାୟତା ଯୋଜନା (ଏଡିଆଇପି ଯୋଜନା)
- ଦୀନଦୟାଲ ଦିବ୍ୟାଙ୍ଗଜନ ଥଇଥାନ ଯୋଜନା (ଡିଡିଆର୍‌ଏସ୍)
- ଦିବ୍ୟାଙ୍ଗଜନ ଅଧିକାର ଅଧିନିୟମର କାର୍ଯ୍ୟାନ୍ୱୟନ ନିମନ୍ତେ ଅମ୍ବ୍ରେଲା ଯୋଜନା, ୨୦୧୬ (ଏସ୍‌ଆଇପିଡିଏ) ଅଧୀନରେ:-
  - ବାଧାମୁକ୍ତ ପରିବେଶ ସୃଜନ
  - ଦିବ୍ୟାଙ୍ଗଜନଙ୍କ ଦକ୍ଷତା ବିକାଶ ପାଇଁ ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଏପି-ଏସ୍‌ଡିପି)
  - ଅନନ୍ୟ ଭିନ୍ନକ୍ଷମତା ଚିହ୍ନଟୀକରଣ (ୟୁଡିଆଇଡି)
  - ସୁଗମ୍ୟ ଭାରତ ଅଭିଯାନ
  - ସଚେତନତା ସୃଷ୍ଟି ଓ ପ୍ରଚାର ପ୍ରସାର (ଏଜିପି) ତଥା ସେବାକାଳୀନ ପ୍ରଶିକ୍ଷଣ

ଆମକୁ ଫଲୋ କରନ୍ତୁ: @socialpwds www.depwd.gov.in
cbc 38117/11/0046/2324

On the Occasion of Prathamastami
**SPECIAL HANDLOOM EXPO - 2023**
AT Ekamra Haat, Unit -III, Bhubaneswar
From : 01.12.2023 to 15.12.2023, Time : 11.00 AM to 9.00 PM

*Inauguration by*
**Smt. Rita Sahu**
Hon'ble Minister, Handlooms, Textiles & Handicrafts Govt. of Odisha
*In Presence of*
**Dr. Arabinda Kumar Padhee, IAS**
Principal Secretary to Govt., Handlooms, Textiles & Handicrafts Department
&
**Sj. Shovan Krishna Sahu, IRS**
Director of Textiles & Handloom, Odisha
on 03rd December, 2023 at 5.30 PM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Handlooms, Textiles & Handicrafts Department, Government of Odisha
All are Cordially invited to the Inaugural Function

Sri Hrushikesh Mahali, Managing Director
Sri Sambit Kumar Acharya, President

**झारखंड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, गुमला**

**ई- निविदा आमंत्रण सूचना।**

ई–निविदा संख्या:- 11/2023-24/RWD/W/EE/GUMLA दिनांक:–30.11.2023
कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि। | टेंण्डर कॉल सं0 |
|---|---|---|---|---|---|---|
| | | | अंक में(लाखं) | अक्षर में | | |
| 1 | RWD/W/EE/GUMLA/ 16/2023-24 | भिखमपुर कोदा पथ से धोवारी होते हुए बांध कोना तक पथ निर्माण कार्य। (लं0–3.600 कि0मी0) | 444.198 | चार करोड चौवालीस लाख उनीस हजार आठ सौ, रू0 मात्र। | 15 माह | प्रथम |
| 2 | RWD/W/EE/GUMLA/ 17/2023-24 | हुटार से बरटोली तक पथ निर्माण कार्य। (लं0–1.950 कि0मी0) | 227.691 | दो करोड़ सत्ताईस लाख उनहत्तर हजार एक सौ रू0 मात्र। | 12 माह | प्रथम |
| 3 | RWD/W/EE/GUMLA/ 18/2023-24 | बन्दुआ से ओखरगढ़ा तक पथ निर्माण कार्य। (लं0–4.300 कि0मी0) | 501.640 | पाँच करोड़ एक लाख चौसठ हजार रू0 मात्र। | 15 माह | प्रथम |
| 4 | RWD/W/EE/GUMLA/ 19/2023-24 | प्रखण्ड रायडीह तुंजटोली से करीड़ा फार्म मोड़ तक पथ निर्माण कार्य। (लं0–2.760 कि0मी0) | 270.383 | छो करोड़ सत्तर लाख अड़तीस हजार तीनप सौ रू0 मात्र। | 15 माह | प्रथम |
| 5 | RWD/W/EE/GUMLA/ 20/2023-24 | प्रखण्ड रायडीह सिद्धनाथ बगीचा से रूकरूम बस्ती होते हुए जामगई पक्की सड़क तक पथ निर्माण कार्य। (लं0–3.000 कि0मी0) | 333.893 | तीन करोड़ तैंतीस लाख नवासी हजार तीन सौ रू0 मात्र। | 15 माह | प्रथम |

2 वेबसाईट में निविदा प्रकाशन की तिथि:– 09.12.2023
3 ई– निविदा प्राप्ति की अंतिम तिथि एवं समय:–19.12.2023 अपराहन 05.00 बजे तक।
4 निविदा खोलने की तिथि एवं समय:– 21.12.2023 अपराहन 03.30 बजे।
5 निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभिंयता, ग्रामीण कार्य विभाग, कार्य प्रमण्डल, गुमला, विकास भवन, गुमला के बगल में, पिन–835207
6 ई–निविदा प्रकोष्ठ का दूरभाष सं0–06524–465040 ।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियंता
ग्रामीण कार्य विभाग, कार्य प्रमण्डल, गुमला
PR 312524Rural Work Department(23-24)#D

## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

**ଛତିଆ,୨।୧୨(ସୌମ୍ୟରଞ୍ଜନ ସାହୁ):** ବଡ଼ଚଣା ବ୍ଲକ୍ ବୈରୀ ଥାନା ଅନ୍ତର୍ଗତ ଛତିଆ ନିକଟ ୧୬ ନଂ. ଜାତୀୟ ରାଜପଥର ଇଷ୍ଟର୍ନ ରାଇସ ମିଲ ସମ୍ମୁଖ ଏକ ପାଣି ଖାତରୁ ସନ୍ଦେହଜନକଭାବେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ କଟକ ଜିଲା ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତ ବଉଳା ଗ୍ରାମର ବିଜୟ ମହାନ୍ତିଙ୍କ ପୁଅ ରାଜକିଶୋର ମହାନ୍ତି। ରାଜକିଶୋର ବୈରୀ ଗ୍ରାମରେ ବିବାହ କରି ଶଶୁର ଘରେ ଦୀର୍ଘ ବର୍ଷ ହେବ ନିଜ ପରିବାର ସହିତ ରହି ଆସୁଥିଲେ। ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କୌଣସି କାମରେ ଯାଇ ବୁଧବାର ସନ୍ଧ୍ୟାରୁ ଘରକୁ ଫେରି ନ ଥିଲେ। ଶନିବାର ରାଜପଥ କାର୍ଯ୍ୟ ଚାଲୁଥିବାବେଳେ ଶ୍ରମିକ କେହିଜଣେ ଖାତରେ ମୃତହେଦ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତେବେ ତାଙ୍କର କିପରି ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ପାରିନାହିଁ।

### ହରିହାଟ ମହୋତ୍ସବ ପାଇଁ ସହଯୋଗ ଲୋଡ଼ିଲା କମିଟି

**ପାଣିକୋଇଲି,୨।୧୨(ବିକାଶ ମଲ୍ଲିକ):** କୋରେଇ ବ୍ଲକ୍ ଅନ୍ତର୍ଗତ କରଦାର ଗଣପର୍ବ ହରିହାଟ ମହୋତ୍ସବ ପାଇଁ ପଞ୍ଚାୟତର ସହଯୋଗ ଲୋଡ଼ିଛି ମହୋତ୍ସବ କମିଟି। ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଥିବା ମହୋତ୍ସବକୁ ଚଳିତ ବର୍ଷ ଅଧିକ ସରସସୁନ୍ଦର କରିବା ପାଇଁ କମିଟି ଅଣ୍ଟା ଭିଡ଼ିଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ କଳାପରିଷଦକୁ ସ୍ଥାନ ଦେବା ସହ ସ୍ଥାନୀୟ ଯୁବ ପ୍ରତିଭାଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ସେଥିପାଇଁ କାର୍ଯ୍ୟକ୍ରମ ବୃତାନ୍ତ ହୋଇଥିବାବେଳେ ଶନିବାର କମିଟି ସଦସ୍ୟମାନେ କରଦା ସରପଞ୍ଚଙ୍କୁ ଭେଟି ପଞ୍ଚାୟତ ଅଫିସ ପକ୍ଷରୁ ମହୋତ୍ସବରେ ସହଯୋଗ ଯୋଗାଇ ଦେବାକୁ ଦାବିପତ୍ର ଦିଆଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ସାହୁ ଦାବିପତ୍ର ଗହଣ କରିଛନ୍ତି। ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ବିଜୟ ବେହେରା, ଶୁଶୀଲ ବେହେରା, ସଞ୍ଜୟ ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, କାର୍ତ୍ତିକ ସ୍ୱାଇଁ, ସଚିଦାନନ୍ଦ ସାହୁ, ଚିନ୍ତାମଣି ସାହୁ ଓ ସରୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର,୨।୧୨(ଶୁଭାଶିଷ ରାଉତ):** ଯଖିପୁରା ଥାନା ଅନ୍ତର୍ଗତ ନୀଳମଣିଦେଇପୁର ଶାସନ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଗୋକୁଳ ସାହୁଙ୍କ ପୁଅ ପ୍ରଦୀପ କୁମାର ସାହୁ(୩୪)। ଶନିବାର ପୂର୍ବାହ୍ନରେ ସେ ତାଙ୍କ ଭାଇଙ୍କ ସହ ଦାନଗଦି ଯିବାରାସ୍ତାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବେଆଇନ ପାର୍କିଂ ପାଇଁ ଜରିମାନା ଆଦାୟ

## ରାଜପଥରେ ପରିବହନ ବିଭାଗର ଚଢ଼ାଉ

**ପାଣିକୋଇଲି,୨।୧୨(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥରର ପାଣିକୋଇଲି ନିକଟ ଅନେକ ସ୍ଥାନରେ ବେଆଇନ ପାର୍କିଂ କରାଯାଉଛି। ଏହାକୁ ନେଇ ଯାଜପୁର ପରିବହନ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଯାଜପୁର ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଟ୍ରାଫିକ ଇନ୍ସପେକ୍ଟର ରଜତ କୁମାର ଶତପଥୀ, ଜୁନିୟର ଏମ୍‌ଭିଆଇ ପ୍ରଦୀପ କୁମାର ବେହେରା, ଅତିରିକ୍ତ ଟ୍ରାଫିକ ଏସ୍‌ଆଇ ରାଜେଶ କୁମାର ମଙ୍ଗରାଜ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, କନଷ୍ଟେବଳ ବିଜନ ସେଠୀ, ଟି. କିଶୋର କୁମାର, ମୃତ୍ୟୁଞ୍ଜୟ ପହି ଓ ବିଦ୍ୟାଧର ମଲ୍ଲିକ ପ୍ରମୁଖ ଚଢ଼ାଉ କରି ୧୪ ଗାଡ଼ିରୁ ୮,୫୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଚଢ଼ାଉ କ୍ରମାଗତ ଭାବେ ଚାଲିବ ବୋଲି ପରିବହନ ଅଧିକାରୀ ପ୍ରଧାନ ଜଣାଇଛନ୍ତି।



ରାଜପଥ କଡ଼ରେ ପାର୍କିଂ ହୋଇଥିବା ଗାଡ଼ିରୁ ଜରିମାନା ଆଦାୟ କରାଯାଉଛି।

ରାଜପଥ କଡ଼ ବା ସର୍ଭିସ ରୋଡରେ ବେଆଇନ ପାର୍କିଂ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ରାଜପଥ କଡ ଓ ସର୍ଭିସ ରୋଡରେ ବହୁ ଦିନ ଧରି ଗାଡି ଛିଡ଼ା ହୋଇ ରହୁଛି। ଫଳରେ ପାଖଆଖ ଗ୍ରାମର ଲୋକେ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଯାତାୟତରେ ବହୁ ଅସୁବିଧା ଦେଖିବାକୁ ମିଳୁଛି। ସମସ୍ତ ନିୟମକୁ ଫାଙ୍କି କେତେଜଣ ବ୍ୟବସାୟୀ ରାସ୍ତା କଡ଼ରେ ଗାଡି ରଖି ସେମାନଙ୍କ ବ୍ୟବସାୟ ଚଳାଉଛନ୍ତି। ଗୋଟିଏ ଗୋଟିଏ ସ୍ଥାନରେ ଅନେକ ଦିନ ଗାଡି ରହୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ୍ୟ ଓଲଟି ସେମାନେ ସାଧାରଣ ଲୋକଙ୍କୁ ଧମକାଉଛନ୍ତି। ରାଜପଥ କଡ଼ରେ ବେଆଇନ ଭାବେ ମାଳମାଳ ଦୋକାନ ଖୋଲାଯାଇଥିବାରୁ ଏଠାରେ ଗାଡି ରଖିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି।

# କେନାଲ କଡ଼ରୁ ମୃତଦେହ ଜବତ

**ଚଣ୍ଡିଖୋଲ,୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାର ଦେଇ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ ପାର୍ଶ୍ୱ ଏକ ଉଠା ଦୋକାନ କଡ଼ରୁ ପୋଲିସ ଜେଣ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ମାହାଙ୍ଗା ଥାନା ଗଙ୍ଗାଧର ଗ୍ରାମର ଭାବଗ୍ରାହୀ ଜେନା(୫୫) ବୋଲି ଜଣାପଡ଼ିଛି। ଭାବଗ୍ରାହୀଙ୍କ ସାନ ଭାଇ ବିଚିତ୍ରାନନ୍ଦ ଜେନାଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ନଂ.୧୩/୨୩ ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି। ଭାବଗ୍ରାହୀ କିଛି ଦିନ ହେବ ବାଲିଚନ୍ଦ୍ରପୁର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ବୁଲୁଥିଲେ। ରାତିରେ ବିଭିନ୍ନ ଦୋକାନ କଡରେ ଶୋଉଥିବା ଲୋକ ଦେଖିଛନ୍ତି। ଶନିବାର ସକାଳେ ସେ ଏକ ଉଠା ଦୋକାନ କଡରେ ଶୋଇଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପୂର୍ବାହ୍ନ ୯ଟାରେ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଭାବଗ୍ରାହୀ ଖାଦ୍ୟ ନ ପାଇ ମୃତ୍ୟୁବରଣ କରି ଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# କଳିଙ୍ଗନଗର ଅତିରିକ୍ତ ଜିଲାପାଳ ହେଲେ ନବକୃଷ୍ଣ ଜେନା

**ଯାଜପୁରରୋଡ୍,୨।୧୨(ପବିତ୍ର ରଞ୍ଜନ ମହାନ୍ତି):** କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଥିବା ସନ୍ତୋଷ କୁମାର ମିଶ୍ର ଗତ ମାସ ୩୦ ତାରିଖରେ ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ଯାଜପୁର ଅତିରିକ୍ତ ଜିଲାପାଳ (ସାଧାରଣ)ନବକୃଷ୍ଣ ଜେନା ଯୋଗଦେବା ସହ ଶୁକ୍ରବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶନିବାର ଯାଜପୁର ରୋଡ ସିଭିଲ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ଅଭିମନ୍ୟୁ ମିଶ୍ର, ଶିଶିର କୁମାର ରାଉତ, ସନ୍ତୋଷ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ହର୍ଷବର୍ଦ୍ଧନ ବେହେରା, ପ୍ରଶାନ୍ତ କୁମାର ପାତ୍ର ଓ ପବିତ୍ରରଞ୍ଜନ ମହାନ୍ତି ପ୍ରମୁଖ ଡାକବଙ୍ଗଳାସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ସହରର ବହୁ ଉନ୍ନୟନ କାର୍ଯ୍ୟ ଉପରେ ଧ୍ୟାନଦେବାକୁ ଅନୁରୋଧ କରିଛନ୍ତି। ବ୍ୟାସନଗର ସହରର ବିକାଶ ପ୍ରତି ପ୍ରାଥମିକତା ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଛନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ସିଭିଲ ସୋସାଇଟି ଓ ସଂଗ୍ରାମ ସମିତିର ସଦସ୍ୟ ଅଭିନନ୍ଦନ ଜଣାଉଛନ୍ତି।

# ଓଷ୍ଟାର ଶିଶୁ ଉତ୍ସବ ପାଳିତ



ଶିଶୁ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ବରୀ,୨।୧୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ୪୦ତମ ଶିଶୁ ଉତ୍ସବ କଳାଖଣ୍ଡ ଗୋପୀନାଥ ଜୀଉ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ବ୍ଲକ ଓଷ୍ଟା ସଭାପତି ରବୀନ୍ଦ୍ର କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅକ୍ଷୟ କୁମାର ମଲିକ, ମୁଖ୍ୟବକ୍ତା ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଓଷ୍ଟାର ସମ୍ପାଦକ ନିର୍ମଳ ଚନ୍ଦ୍ର ଜେନା, ଯୁଗପ୍ରଭା ସାବତ, ଡ. ନୃସିଂହ ଚରଣ ବେହେରା ଓ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବିକାଶ କ୍ଷେତ୍ରରେ ଓଷ୍ଟାର ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ବ୍ଲକ ଓଷ୍ଟା ସମ୍ପାଦକ ଦିବ୍ୟଲୋଚନ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଉତ୍ସବରେ ବ୍ଲକ୍‌ର ୪୨ ବିଦ୍ୟାଳୟରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା ଓ ଏକକ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ସତ୍ୟବ୍ରତ ଜେନା, ଶଙ୍କର୍ଷଣ ସାହୁ, ବୃନ୍ଦାବନ ରାଉତ, ଭରତ ଚନ୍ଦ୍ର ଜେନା, ସୁଧାଂଶୁ ଶେଖର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଧଳ, ଶମ୍ଭୁନାଥ ତ୍ରିପାଠୀ, କିଶୋର ଚନ୍ଦ୍ର ଜେନା, ରବୀନ୍ଦ୍ରନାଥ ମହାନ୍ତି ଓ ଶଙ୍କର୍ଷଣ ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦଶମ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ଶେୟଶ୍ରୀ ଜେନା ଓ ଗୋପୀନାଥ ଜୀଉ ବିଦ୍ୟାମନ୍ଦିରର କୃତୀ ଛାତ୍ରୀ ଶ୍ୱାତିରେଖା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ତପନ କୁମାର ଜେନା, ଓଷ୍ଟା ବ୍ଲକ ଉପସଭାପତି ଇନ୍ଦ୍ରମଣି ନାୟକ, ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ମହାନ୍ତି, ରାଜ୍ୟ ସଂଘ ସଭ୍ୟ ପାବକ ମହାପାତ୍ର ଓ ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନରେ ସହଯୋଗ କରିଥିଲେ।

ଗୋପୀନାଥ ଜୀଉ ବିଦ୍ୟାମନ୍ଦିରରୁ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ବୃନ୍ଦାବନ ରାଉତ, ସହକାରୀ ଶିକ୍ଷକ ଭରତ ଚନ୍ଦ୍ର ଜେନା, କନିଷ୍ଠ ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରରେ ହେବାକୁ ଥିବା ଓଷ୍ଟା ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ପ୍ରଧାନଶିକ୍ଷକ ଜେନା ପ୍ରକାଶ କରିଥିଲେ।

# ଜନସେବା କେନ୍ଦ୍ରରୁ ୨ ଲକ୍ଷ ଲୁଟ୍

## ଏଟିଏମ୍‌ରେ ଭଙ୍ଗାରୁଜା

**ଚମ୍ପୁଆ,୨।୧୨(ମହେଶ୍ୱ ଦାସ)** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ପର୍ଶଳା ମୁଖ୍ୟ ଛକରେ ଥିବା ଏକ ଜନସେବା କେନ୍ଦ୍ରରୁ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଓ ଲ୍ୟାପ୍‌ଟପ ଆଦି ଲୁଟି ନେଇଛନ୍ତି। ଏଥିସହ ଜନସେବା କେନ୍ଦ୍ର ପାଖରେ ଥିବା ଏଟିଏମ୍‌ରେ ଭଙ୍ଗାରୁଜା କରିଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ମୁଖ୍ୟ ବଜାର ଛକଠାରେ ସୁଶୀଲ କୁମାର ଗିରି ଜନସେବା କେନ୍ଦ୍ର କରିଛନ୍ତି। ଲୋକଙ୍କ ସୁବିଧା ପାଇଁ ଉକ୍ତ ଜନସେବା କେନ୍ଦ୍ରକୁ ଲାଗି ଏକ ଏଟିଏମ୍ ସେବା କେନ୍ଦ୍ର ମଧ ଯୋଗଇ ଦିଆଯାଇଥିଲା। ଶୁକ୍ରବାର ରାତିରେ ଦୁର୍ବୃତ୍ତ ଜନସେବା କେନ୍ଦ୍ରରେ ପଶି ଦୋକାନରେ ଥିବା ନଗଦ ୨ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏଥିସହ ପାଖରେ ଥିବା ଏଟିଏମ୍ ଭଙ୍ଗାରୁଜା କରିଛନ୍ତି। ସୁଶୀଲ ସକାଳୁ ଆସି ଦୋକାନ ଖୋଲିବା ପରେ ଏଟିଏମ୍ ଓ ଜନସେବା କେନ୍ଦ୍ରର କାଛ ପଛପଟ ଭଙ୍ଗା ଯାଇଥିବା ବେଳେ ଦୋକାନରେ ୨ ଲ୍ୟାପ୍‌ଟପ ଓ ଫିଙ୍ଗରପ୍ରିଣ୍ଟ ମେସିନ ଓ ନଗଦ ୨ ଲକ୍ଷ ଟଙ୍କା ନଥିବା ଦେଖିଥିଲେ। ଏଟିଏମ୍‌କୁ ମଧ ଭଙ୍ଗାରୁଜା କରାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଦୋକାନୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୨୧୦/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଛତିଆ,୨।୧୨(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ବାମନ ଚରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ରାଉତ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସପ୍ରାପ୍ତ ଶିକ୍ଷକ ଦେବାର୍ଚ୍ଚନ ସାହୁ, ବିଶିଷ୍ଟ ଶିକ୍ଷାବିତ ଅଶୋକ କୁମାର ମହାନ୍ତି, ବିଦ୍ୟାଳୟ ଉପସଭାପତି ଗିରିଶ ପାତ୍ର, କୋଷାଧ୍ୟକ୍ଷ ସରୋଜ କୁମାର ସାହୁ, ଉପଦେଷ୍ଟା ସର୍ବେଶ୍ୱର ଷେଣ୍ଢ ଓ ପ୍ରକାଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିର ଉପଦେଷ୍ଟା ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି।

# ଭଙ୍ଗା କୁଡ଼ିଆରେ ଜୀବନ

- ପ୍ରଫୁଲ୍ଲଙ୍କୁ ମିଳୁନି ପକ୍କାଘର
- ରାଶନ କାର୍ଡରେ ଯୋଡ଼ି ହେଉନି ପିଲାଙ୍କ ନାମ

**କାଏମା,୨।୧୨(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଚଇନିହୁଡ଼ା ଗ୍ରାମର ପ୍ରଫୁଲ୍ଲ ତରାଇଙ୍କ ପରିବାର ଏକ ଜରିପାଲ ପକାଯାଇଥିବା ଘରେ ରହୁଛନ୍ତି। ହେଲେ ତାଙ୍କୁ ପକ୍କାଘର ମିଳି ପାରିନାହିଁ ବୋଲି ଅଭିଯୋଗ ହୋଇଛି। ୩ ପିଲା ଓ ସ୍ୱାମୀସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। କିନ୍ତୁ ଆଜି ଯାଏ ରାଶନ କାର୍ଡରେ ପିଲାଙ୍କ ନାମ ସଂଯୋଗ ହୋଇପାରିନାହିଁ। ଭଙ୍ଗାକୁଡିଆରେ ପାଞ୍ଚ ଜଣ ଜୀବନ ବିତାଉଛନ୍ତି। ପ୍ରଫୁଲ୍ଲ ଅଖା ସିଲେଇ କରି ପରିବାର ପୋଷଣ କରନ୍ତି। ଗୋଟେ ଅଖା ସିଲେଇ କଲେ ଏକ ଟଙ୍କା ରୋଜଗାର ହୁଏ। ତେଣୁ ଗୋଟାଏ ଦିନରେ ଅତି ବେଶିରେ ଦୁଇ ଶହ ପାଖାପାଖି ଅଖା ସିଲେଇ କରିପାରନ୍ତି। ସେ କାର୍ଯ୍ୟ ବି ସବୁ ଦିନ ମିଳେନି। ଯେଉଁଦିନ କାମ ନ ଥାଏ ସେ ଦିନ ସେ ବହୁ କଷ୍ଟରେ ପରିବାର ଚଳାନ୍ତି। ତାଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ସେ ପ୍ରଶାସନ ନିକଟରେ ଅନେକ ଥର ଗୁହାରି କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ସରକାରୀ ସହାୟତା ମିଳିପାରିନାହିଁ।

ତାଙ୍କ ବାପା ୨୦ ବର୍ଷ ପୂର୍ବେ ଏକ ଘର ପାଇଥିଲେ। ସେ ସମୟରେ ଅଳ୍ପ ନିର୍ମାଣ କରିଥିଲେ। କିନ୍ତୁ ପରିବାର ଅବସ୍ଥା ଭଲ ନ ଥିବାରୁ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପ୍ରଫୁଲ୍ଲଙ୍କ ନାମ ଆବାସ ତାଲିକାରେ ପ୍ରକାଶ ପାଇଥିଲା। ହେଲେ କେତେଜଣ ତାଙ୍କ ନାମ କାଟି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।


ପରିବାର ସଦସ୍ୟଙ୍କ ସହ ପ୍ରଫୁଲ୍ଲ ତରାଇ।

# ଦକ୍ଷତା ପ୍ରତିପାଦନ କଲେ ୭୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

## ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଯାଜପୁରରୋଡ୍,୨।୧୨(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୭୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଯୁବପିଢ଼ିଙ୍କୁ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ ଲାଗି ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟ ସଭାପତି ଡ. ମିହିର ରଞ୍ଜନ ସେଠୀ ଯୋଗଦେଇ ପିଲାମାନଙ୍କ ବିକଶିତ ପ୍ରତିଭା ଅନୁଷ୍ଠାନକୁ ଜାତୀୟସ୍ତରରେ ପରିଚିତ କରାଇଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଦାୟିତ୍ୱରେ ଥିବା ପ୍ରାଧ୍ୟାପିକା ଲଳିତା ସାହୁ ଯୋଗଦେଇ ୯ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ନିଶ୍ଚିତଭାବେ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରିବାରେ ସହାୟକ ହେବ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କ୍ରୀଡ଼ା ସଂଯୋଜକ ଅଧ୍ୟାପକ ମଳୟ କୁମାର ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଏହି କାର୍ଯ୍ୟକ୍ରମର ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭାର ପରାକାଷ୍ଠା ପ୍ରଦର୍ଶିତ କରିଥିବା ସୂଚନା ଦେଇଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣକୁ ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଅରୁଣ କୁମାର ମିଶ୍ର, ସନ୍ତୋଷ ଜେନା, ପଦ୍ମଭୂଷଣ ରାଉତରାୟ, ସାମାଜିକ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ସୁମିତ୍ରା ରାଉତ, ରୋଜାଲିନ ମହାନ୍ତି, ତାରିଣୀ ତନୟା ସର, ଲିପ୍ସା ମିଶ୍ର, ରୋଜାଲିନ ଦାସ ଓ ଯଜ୍ଞେଶ୍ୱରୀ ପଲେଇ ପ୍ରମୁଖ ପରିଚାଳନା କରିଥିଲେ। ସଭା ଆରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଶେଷରେ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗ୍ରନ୍ଥାଗାରିକ ଚିତ୍ତରଞ୍ଜନ ମଲ୍ଲିକ, ମୁଖ୍ୟ କିରାଣି ପ୍ରଦୀପ କୁମାର ପରିଡ଼ା, ପ୍ରଶାନ୍ତ କୁମାର ପଲେଇ, ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳାଇ, ପବିତ୍ର ମୋହନ ଜେନା, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର କାଉନସିଲର, ବୁଦ୍ଧିଜୀବୀ, ଅଭିଭାବକ ଓ ଅଞ୍ଚଳବାସୀ ଏଥିରେ ସାମିଲ ହୋଇଥିଲେ। ଅଧ୍ୟାପକ ପଦ୍ମଭୂଷଣ ରାଉତରାୟ ଧନ୍ୟବାଦ ଦେଇଥିଲେ।

**ଦୁର୍ଘଟଣା ଶୂନ୍ୟ ଲାଗି ବୈଠକ**

ପାରାଦୀପ,(ଶରତ ରାଉତ): ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାରାଦୀପ ସ୍ୱତନ୍ତ୍ର ସର୍କିଟ୍ ହାଉସରେ ସଡ଼କରେ ଦୁର୍ଘଟଣା ଶୂନ୍ୟ ପାଇଁ ସଚେତନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଓ ପାରାଦୀପର କମ୍ପାନୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏଥିସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଟ୍ରକ୍, ଡମ୍ପର, ବସ୍ ମାଲିକସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମାମଲା ରୁଜୁର ୧୨ ଘଣ୍ଟାରେ ଅପହୃତ ଉଦ୍ଧାର: ୩ ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର, ୨।୧୨
(ପ୍ରମୋଦ କୁମାର ନାୟକ)

- ୨୮ରେ ଜଗତ୍‌ସିଂହପୁରରୁ ଅପହରଣ କରାଯାଇଥିଲା
- ପୂର୍ବରୁ ଅର୍ଥକୁ ନେଇ ଥିଲା ବିବାଦ

ଜଗତ୍‌ସିଂହପୁର ଓହଳ ଗ୍ରାମର ରିଆଜ ଅହମ୍ମଦ ଖାନ୍‌ଙ୍କୁ ନଭେମ୍ବର ୨୮ରେ ଏହି ସହରରୁ ନାଟକୀୟ ଢଙ୍ଗରେ ଅପହରଣ କରାଯାଥିଲା । ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ରେଶମା ବିବି (୩୯) ଡିସେମ୍ବର ୧ ଅପରାହ୍ନ ୧ଟା ୪୫ରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଦଫା ନଂ. ୩୬୩/୩୬୪/୩୪ ଆଇପିସିରେ ମାମଲା (ନଂ. ୭୫୮/୨୩) ରୁଜୁ କରିଥିଲା। ଜଗତ୍‌ସିଂହପୁର ସହର ଭିତରୁ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିବା ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏନେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଲାଗିପଡ଼ିଥିଲା। ଏସ୍‌ଆଇ ବି. ଆର୍. ରାୟଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ଏଥିସହ ଏକ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ କରାଯାଇଥିଲା। ଏହି ଦଳ କଟକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମାମଲା ରୁଜୁର ୧୨ ଘଣ୍ଟା ଭିତରେ ବହୁ କଷ୍ଟରେ ଖାନ୍‌ଙ୍କୁ ସେଠାରୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ବାଦାମବାଡ଼ି ଥାନା ରାଜାବଗିଚା ସର୍ବୋଦୟପୁରରେ ରହୁଥିବା ଯାଜପୁର ଜିଲା ମଙ୍ଗଳପୁର ଥାନା କେରୁଣା ଗ୍ରାମର





ଅପହୃତ ରିଆଜ ଅହମ୍ମଦ ଖାନ୍ ଏବଂ ଗିରଫ ଅଭିଯୁକ୍ତମାନେ।

ରାମଚନ୍ଦ୍ର ତ୍ରିପାଠୀ ଓରଫ ବୁଲୁ (୫୩)। ଅନ୍ୟ ୨ ଅଭିଯୁକ୍ତ ହେଲେ କଟକ ବାଦାମବାଡ଼ି ଥାନା ଅଧୀନ ଖାନ ନଗରର ଭାସ୍କର ସାହୁ ଓରଫ ଭାସିଆ (୫୪) ଓ କଟକ ସଦର ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଜ୍ଞାନରଞ୍ଜନ ସାହା (୪୮) । ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏଥିସହ ଅଟୋ (ନଂ. ଓଡି ୦୫ଏଏକ୍ସ ୪୨୯୫), ସ୍କୁଟି (ନଂ. ଓଡି ୨୧ଏନ୍ ୫୮୩୫) ଏବଂ ୨ଟି ମୋବାଇଲ ଜବତ କରାଯାଇଛି ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାଶ ସୂଚନା ଦେଇଛନ୍ତି ।

ରେଶମା କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨୮ରେ ଅଭିଯୁକ୍ତମାନେ ତାଙ୍କ ସ୍ୱାମୀଙ୍କୁ ଜଗତ୍‌ସିଂହପୁରରୁ ଏକ ଅଟୋରେ ବଳପୂର୍ବକ ଅପହରଣ କରିନେଇଥିଲେ। ପ୍ରତିବଦଳରେ ସୁରକ୍ଷିତ ମୁକ୍ତି ପାଇଁ ଅର୍ଥ ଦାବି କରିଥିଲେ। ଏ ପରିସ୍ଥିତିରେ କୌଣସି ବାଟ ନ ପାଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଖାନ୍ କଟକ ସିଡିଏସ୍ଥିତ ଏକ ଗେଷ୍ଟ ହାଉସରେ ରୋଷେୟା ଭାବେ ପାଖାପାଖି ୧ ବର୍ଷ ହେବ କାମ କରୁଥିଲେ। ଏହି ସମୟ ଭିତରେ ଅଭିଯୁକ୍ତମାନଙ୍କ ସହ ଖାନ୍‌ଙ୍କ ସମ୍ପର୍କ ହୋଇଥିଲା । କିନ୍ତୁ ସେମାନଙ୍କ ଭିତରେ ଅର୍ଥକୁ ନେଇ ବିବାଦ ଥିଲା । ଏହି ଅର୍ଥ ନେଣଦେଣ ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ‘ମୁଁ ବି ହେବି ନବୀନ ଓଡ଼ିଶାର ସାରଥି’ ଶୀର୍ଷକ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

କେନ୍ଦ୍ରାପଡ଼ା, ୨।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଉଦୟନଗରସ୍ଥ ସଂସ୍କୃତି ଭବନ ଠାରେ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳର ‘ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ’ ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ସଭାପତି ତଥା ଚାନ୍ଦବାଲିର ବିଧାୟକ ଡ. ବ୍ୟୋମକେଶ ରାୟ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ସେମାନେ କହିଥିଲେ, ବିଜୁବାବୁ ଦେଇଥିବା ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଏବେ ଧିରେଧିରେ ସଫଳ ହେବାରେ ଲାଗିଛି । କ୍ରୀଡାରୁ ଆରମ୍ଭ କରି ସଂସ୍କୃତି ପର୍ଯ୍ୟନ୍ତ, ଶିକ୍ଷାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ, ଯୋଗଶିକ୍ଷା ଏବଂ ଗମନାଗମନ କ୍ଷେତ୍ରରେ ତଥା ଖାଦ୍ୟ ସୁରକ୍ଷା ବିଷୟରେ ଆଜି ରାଜ୍ୟରେ ଏକ ନୂତନ ମାଇଲ ଖୁଣ୍ଟ ଅବସ୍ଥାପିତ ହୋଇଛି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲା ବିଜେଡି ସଭାପତି ଉତ୍କଳ ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶାରେ ପ୍ରବାହିତ ହେଉଥିବା ଏହି ବିକାଶ ଧାରାରେ ଯୁବ ଏବଂ ଛାତ୍ରମାନଙ୍କୁ ସାମିଲ ହେବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ମଞ୍ଚାସୀନ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ବରିଷ୍ଠ ନେତା ଶୁଭେନ୍ଦୁ ମଙ୍ଗରାଜ, ଧ୍ରୁତି ରଞ୍ଜନ ମାର୍ଥା, ଜ୍ୟୋସ୍ନା ପରିଡ଼ା ପ୍ରମୁଖ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଛାତ୍ର ସଭାପତି ପ୍ରଦୀପ କୁମାର ସାହୁ, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ ।

# ୧୮ରୁ କୃଷି ଯନ୍ତ୍ରପାତି ମେଳା

ଜଗତ୍‌ସିଂହପୁର, ୨।୧୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ କୃଷି ଯନ୍ତ୍ରପାତି ମେଳା ଡିସେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଆୟୋଜିତ ହେବାକୁ ଥିବା ଏହି ମେଳା ପାଇଁ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଏନେଇ ଏକ ବୈଠକ ହୋଇଥିଲା। କୁଜଙ୍ଗ, ଏରସମା ଆଦି ବ୍ଲକର ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳର ଗରିବ ଚାଷୀଙ୍କ ପାଖରେ ସରକାରୀ ଯୋଜନାଗୁଡିକ ଯେପରି ପହଞ୍ଚିପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ପ୍ରଚାର ଓ ପ୍ରସାର ମାଧ୍ୟମରେ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମେଳାକୁ ଆସିବାକୁ ଥିବା ଚାଷୀମାନେ ଯେପରି ରିହାତିର ସୁଯୋଗ ନେଇପାରିବେ ସେନେଇ ଅନ୍‌ଲାଇନ୍‌ର ସୁଯୋଗ ନେବାକୁ କୁହାଯାଇଛି। ଚାଷୀମାନେ ହେଲ୍ପ ଡେସ୍କ ଏବଂ କିଓସ୍କ ମାଧ୍ୟମରେ ସ୍ଲଟ୍ ବୁକିଂ କରିପାରିବେ। ଜିଲା ଶିଳ୍ପ କେନ୍ଦ୍ର ଜରିଆରେ ଏମ୍‌ଏସ୍‌ଏମ୍‌ଇ ଓ ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦର୍ଶନୀରେ ସ୍ଥାନିତ ହେବ। ଜିଲାପାଳ ପାରୁଲ ପଟାୱାରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କୈଳାସ ଚନ୍ଦ୍ର ମଲ୍ଲିକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ, କୃଷି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଯୋଜନା ଅଧିକାରୀ ପ୍ରଭାସ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସହକାରୀ କୃଷି ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

# ନିଶାଦେଇ ଯୁବତୀଙ୍କ ନଗ୍ନ ଫଟୋ ଉଠାଇ ବ୍ଲାକ୍‌ମେଲ

ପଟ୍ଟାମୁଣ୍ଡାଇ, ୨।୧୨ (କଳ୍ପତରୁ ନାୟକ)

- ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ନେଇ ଅଭିଯୋଗ
- ଅଭିଯୁକ୍ତ ଗିରଫ

ଜଣେ ଦଳିତ ଯୁବତୀଙ୍କୁ ତାଙ୍କ ଅଜାଣତରେ ଖାଦ୍ୟରେ ନିଶା ଦେଇ ଖାଇବାକୁ ଦିଆଯାଇଥିଲା । ସେ ନିଶାଗ୍ରସ୍ତ ହେବା ପରେ ତାଙ୍କ ଉଲଗ୍ନ ଫଟୋ ଉଠାଯାଇ ବ୍ଲାକ୍‌ମେଲ କରାଯାଉଥିଲା । ଏହାର ସୁଯୋଗ ନେଇ ଜଣେ ଯୁବକ ତାଙ୍କ ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖୁଥିଲେ । ଲୋକଲଜ୍ଜାରୁ ଯୁବତୀ ଜଣକ ଏହାର ପ୍ରତିବାଦ କରିପାରୁ ନ ଥିଲେ । ଶେଷରେ ସମ୍ପୃକ୍ତ ଯୁବକଙ୍କ ନିର୍ଯାତନା ବଢ଼ି ଚାଲିବାରୁ ଯୁବତୀ ଜଣକ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି ।

ସୂଚନା ଅନୁଯାୟୀ, ଦାଣ୍ଡିସାହି ବଜାରରେ ଚୌଦକୁଲାଟ ନିଳିକଣ୍ଠା ଗ୍ରାମର ପ୍ରତାପ ସାହୁ ଏକ ବିଉଟି ପାର୍ଲର ଅଛି । କିଛିଦିନ ହେବ ସେହି ପାର୍ଲରରେ ସ୍ଥାନୀୟ ଅଞ୍ଚଳର ଜଣେ ଦଳିତ ଯୁବତୀ(୨୨) ମାସିକ ୫ହଜାର ଟଙ୍କା ଦରମାରେ ଚାକିରି କରୁଥିଲେ । ଇତିମଧ୍ୟରେ ପାର୍ଲର ମାଲିକ ପ୍ରତାପ ଖାଦ୍ୟରେ ନିଶା ବଟିକା ମିଶାଇ ସମ୍ପୃକ୍ତା ଯୁବତୀଙ୍କୁ ଖାଇବାକୁ ଦେଇଥିଲେ। ସେହି ଖାଦ୍ୟ ଖାଇବା ପରେ ଯୁବତୀ ଜଣକ ଚେତାଶୂନ୍ୟ ହୋଇପଡ଼ିଥିଲେ । ଏହାର ସୁଯୋଗ ନେଇ ପ୍ରତାପ ତାଙ୍କର ବିଭିନ୍ନ ଅଶ୍ଳୀଳ ଫଟୋ ଉଠାଇଥିଲେ । ଏହାପରେ ପ୍ରତାପ ସମ୍ପୃକ୍ତା ଯୁବତୀଙ୍କୁ ସେହି ଫଟୋ ଦେଖାଇ ଭୟଭୀତ କରିବା ସହିତ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ଏଥିରେ ଯୁବତୀ ଜଣକ ରାଜି ନ ହେବାରୁ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେବା ସହିତ ରାଜି ନ ହେଲେ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ । ଶେଷରେ ଯୁବତୀ ଜଣକ ଅନ୍ୟ କୌଣସି ଉପାୟ ନ ପାଇ ପ୍ରତାପଙ୍କ କଥାରେ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସମ୍ପୃକ୍ତା ଯୁବତୀ ଅଧିକ ଦରମାରେ କେନ୍ଦ୍ରାପଡ଼ାର ଅନ୍ୟଏକ ସ୍ଥାନରେ ଚାକିରି ପାଇଥିଲେ। କିନ୍ତୁ ପ୍ରତାପ ତାଙ୍କ ପିଛା ଛାଡି ନ ଥିଲେ । କେନ୍ଦ୍ରାପଡ଼ାରେ ଯୁବତୀ ଜଣକ ଚାକିରି କରୁଥିବା ଅଫିସରେ ପ୍ରତାପ ପହଞ୍ଚି ପାଟିତୁଣ୍ଡ କରିବା ସହିତ ପୁଣିଥରେ ଯୁବତୀଙ୍କୁ ତାଙ୍କର ଅଶ୍ଳୀଳ ଫଟୋକୁ ନେଇ ବ୍ଲାକ୍‌ମେଲ କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକମାନେ ପ୍ରତାପଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରତାପ ସେମାନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇଥିଲେ। ବାରମ୍ବାର ନିର୍ଯାତିତ ହେଉଥିବା ଯୁବତୀ ଜଣକ ଅନ୍ୟ କୌଣସି ଉପାୟ ନ ପାଇ ଶୁକ୍ରବାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପାର୍ଲର ମାଲିକ ପ୍ରତାପଙ୍କ ବିରୋଧରେ ଏତଲା ଦେଇଥିଲେ । ଥାନା ଅଧିକାରୀ ରଞ୍ଜିତ ମହାନ୍ତି ସେହି ଏତଲା ଆଧାରରେ ଏକ ମାମଲା(ନଂ ୫୫୮/୨୩) ରୁଜୁକରି ପ୍ରତାପଙ୍କୁ ଗିରଫ କରିଛନ୍ତି। କେନ୍ଦ୍ରାପଡ଼ା ଡିଏସ୍‌ପି ଶାନ୍ତା ନୂତନ ସମଦ ଏହି ମାମଲାର ତଦନ୍ତ କରୁଛନ୍ତି ।

# ଓଲାଭର ମହାବିଦ୍ୟାଳୟରେ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ




ଭୋଟର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା, ୨।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଲାଭର ମହାବିଦ୍ୟାଳୟରେ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୂତନ ଭୋଟର ଭାବେ ପଞ୍ଜିକରଣ କରି ଭାରତ ଗଣତନ୍ତ୍ରରେ ଜଣେ ଭୋଟର ଭୂମିକା ଓ ବିଭିନ୍ନ ପର୍ଯ୍ୟାୟରେ କିପରି ପଞ୍ଜିକରଣ ହୋଇ ପାରିବାକୁ ନେଇ ଆଲୋକପାତ କରିଥିଲେ । ଗଣତନ୍ତ୍ରରେ ଭୋଟରମାନଙ୍କ ମତଦାନ ଦ୍ୱାରା ରାଷ୍ଟ୍ର ଗଠନ ଓ ଗଣତନ୍ତ୍ର ସୁଦୃଢ଼ ହେବାରେ ସହାୟକ ହେବା ନେଇ ମତବ୍ୟକ୍ତ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ୧୮ ବର୍ଷ ହୋଇଗଲେ କିପରି ପଞ୍ଜିକୃତ କରି ଭୋଟ ସମୟରେ ନିଜର ବହୁମୂଲ୍ୟ ମତଦାନ କରିବାର ବ୍ୟବସ୍ଥାରେ ସାମିଲ ହୋଇ ଭାରତର ଜଣେ ନାଗରିକ ଭାବେ ହକ୍ ଜାହିର ପାରିବେ ସେନେଇ ରାଜକନିକା ବ୍ଲକ ଆଇଓ୍ୱାଇଡିପିର ଅଧ୍ୟକ୍ଷ ସୁବ୍ରତ କୁମାର ସାମଲ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ କରି ଅଧିକରୁ ଅଧିକ ଛାତ୍ରୀଛାତ୍ର ନୂତନ ଭାବେ ନିଜର ବହୁମୂଲ୍ୟ ମତଦାନ କରିବେ ସେ ଦିଗରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧାପକ ରବିନ୍ଦ୍ର କୁମାର ସେନାପତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମତଦାନ ଦିଗରେ ନବାଗତ ଭୋଟର ଭାବେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଅଧିକରୁ ଅଧିକ ମତଦାନ କରିପାରିବେ ସେନେଇ ମତବ୍ୟକ୍ତ କରିଥିଲେ । ଇତିହାସ ବିଭାଗୀୟ ମୁଖ୍ୟ ମୁରଲୀଧର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ପେଣ୍ଠ ବେଳାଭୂମି ସଫେଇ କଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ବେଳାଭୂମି ସଫେଇ କରୁଛନ୍ତି।

ରାଜନଗର, ୨।୧୨ (ଭାସ୍କର ରାଉତରାୟ)

ବେଳାଭୂମିକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ସହ ଆମର ଅତିଥି କଇଁଛ ଅଲିଭରିଡଲେ ଯେପରି ଆସି ସୁରୁଖୁରୁରେ ଅଣ୍ଡାଦାନ କରିପାରିବେ, ସେଥିଲାଗି ମହାବିଦ୍ୟାଳୟର ଛାତ୍ରୀଛାତ୍ର ବେଳାଭୂମି ସଫେଇ କରିଛନ୍ତି। ଆରମ୍ଭ ହୋଇଛି ବିରଳ ଅଲିଭରିଡଲେ କଇଁଛଙ୍କ ଗହୀରମଥାକୁ ଆଗମନ। ସେଥିପାଇଁ ଶନିବାର ପେଣ୍ଠ ବେଳାଭୂମିକୁ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସଫେଇ କରିଛନ୍ତି। ପେଣ୍ଠ ଗାଁ ମୁଣ୍ଡରୁ ଇକୋ ରିଟ୍ରିଟ ଯାଏଁ ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ, ପଲିଥିନ ଓ ଆବର୍ଜନାକୁ ଛାତ୍ରୀଛାତ୍ରମାନେ ସଫେଇ କରିଛନ୍ତି। ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରୁ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାଇକେଲ ଶୋଭାଯାତ୍ରାରେ ଯାଇ ପେଣ୍ଠଗାଁରେ ପହଞ୍ଚିଥିଲେ। ସେଠାରେ ପ୍ଲାକାର୍ଡ ଧରି ପ୍ଲାଷ୍ଟିକମୁକ୍ତ ବେଳାଭୂମି ଓ ସେଭ୍ ଅଲିଭରିଡଲେ ସମ୍ପର୍କରେ ଗ୍ରାମବାସୀ ଓ ପେଣ୍ଠକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବୁଝାଇଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, ଯୁକ୍ତ ୩ ଶ୍ରେଣୀର ନୋଡାଲ ଅଫିସର ଅଧ୍ୟାପକ ପ୍ରଣୟ କୁମାର ବେହେରା, ଯୁକ୍ତ ୨ ଶ୍ରେଣୀର ନୋଡାଲ ଅଫିସର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଯୁକ୍ତ ୩ ଶ୍ରେଣୀର ସାମାଜିକ କାର୍ଯ୍ୟକ୍ରମର ମୁଖ୍ୟ ଅଧ୍ୟାପକ ପର୍ଶୁରାମ ନାଥ, ଯୁକ୍ତ ୨ ସାମାଜିକ କାର୍ଯ୍ୟକ୍ରମର ମୁଖ୍ୟ ଅଧ୍ୟାପିକା ଅନୁସୂୟା ବେହେରା, ଅଧ୍ୟାପକ ରତ୍ନାକର ନାୟକ, ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରତାପ ସ୍ୱାଇଁ, ଚିତ୍ତ ରଞ୍ଜନ ସ୍ୱାଇଁ, ସଂଗ୍ରାମ କୁମାର ବେହେରା, ରଞ୍ଜନ ଦଳାଇ, ଅଧ୍ୟାପିକା ଡ. ମୁମୁନ୍ ଦାସ, ସୁଜାତା ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ଏଡ୍‌ସ ସଚେତନତା

କୁଜଙ୍ଗ, ୨।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ଏଡସ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରତାପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରଶନ୍ନ ପଣ୍ଡା ଯୋଗଦେଇ ଏଡ୍‌ସର ଭୟାବହତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନାଟ୍ୟକାର ରଘୁନାଥ ସାହୁ ଯୋଗଦେଇ ଏଡ୍‌ସର ଭୟାବହତା ସମ୍ପର୍କରେ ବାର୍ତ୍ତା ଦେବା ସହ ନିଜ ଗ୍ରାମରେ ଅନ୍ୟମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚ୍‌ଇଓ ସନ୍ଧ୍ୟାବତୀ ସ୍ୱାଇଁ ଯୋଗଦେଇଥିବାବେଳେ ଡ.ହେମନ୍ତ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ। ସ୍ୱେଚ୍ଛାସେବୀ ଅଙ୍କିତା ଜେନା, ଅନିଲ ମହାନ୍ତି ଓ ମଣ୍ଟୁ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଯୁବପିଢ଼ି ଆଗୁଆ ହେଲେ ଦେଶ ଆଗେଇବ

ରଘୁନାଥପୁର, ୨।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ସ୍କୁଲ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିରେ ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା ଜରିଆରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜର କର୍ମଚାରୀ ମିଟୁ ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏକ ମଶାଲ ଶୋଭାଯାତ୍ରାରେ ଆସି କଲେଜରେ ପହଞ୍ଚି ଥିଲେ। ଏହାପରେ ଏକ ସଭା ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ବିଡିଓ ନମିତା ବାରିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଯୁବପିଢ଼ି ଆଗୁଆ ହେଲେ ଦେଶ ଆଗେଇବ ବୋଲି ବିଡିଓ ବାରିକ ବକ୍ତବ୍ୟରେ କହିଥିଲେ। ଅନୁରୂପ ଭାବେ ତିର୍ତ୍ତୋଲ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପିକା ପ୍ରଫେସର ବିଷ୍ଣୁପ୍ରିୟା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଚପ୍ରାଣର ଅର୍ଥ ଓ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଆଗାମୀ ସ୍ୱପ୍ନର ଅମୃତବିନ୍ଦୁ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୁଆଲିପୁର ପଞ୍ଚାୟତ ସମିତି ସଭ୍ୟ କମଳାକାନ୍ତ ପରିଡା ଓ କଲେଜର ପୂର୍ବତନ ପରିଚାଳନା ପରିଷଦ ସଭ୍ୟ ଅନ୍ତର୍ଯାମୀ ରାଉତ ଯୋଗଦେଇଥିଲେ। ନୋଡାଲ ଅଫିସର ଅଧାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ଶେଷରେ ସୁମନ୍ତ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଅଧାପକ ମୋହନ ରାଉତରାୟ, ଶାଶ୍ୱତ ମହାନ୍ତି, ଅଜିତ ଭୂୟାଁ, ରବୀନ୍ଦ୍ର ଓଝା, ପ୍ରଶାନ୍ତ ବେହେରା, ଜ୍ଞାନେନ୍ଦ୍ର ବିଶ୍ୱାଳ, ଶେଖ ଅସଲମ ଅଲ୍ଲି, କୁମୁଦିନୀ ଦ୍ୱିବେଦୀ, ବାସନ୍ତୀଲତା ସାହୁ, ପ୍ରତିଭାରାଣୀ ପଣ୍ଡା, ପୁଷ୍ପଲତା ଦାଶ, ସ୍ମାରକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭୂତି ମହାପାତ୍ର, ସ୍ନେହମୟୀ ଦାସ, ଗୌରାଙ୍ଗ ସେଠୀ, ଭରତ ଦାସ ଓ ଶିବ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

# ନୌବାଣିଜ୍ୟ ପରମ୍ପରାର ନିଦର୍ଶନ ଦେଶ ବାହାରେ ବି ଦେଖିବାକୁ ମିଳେ



ବାଲିଯାତ୍ରାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ତିର୍ତ୍ତୋଲ, ୨।୧୨ ( ଗୌରାଙ୍ଗ ଚରଣ ସ୍ୱାଇଁ)

**ଚେଳିତୋଳ ବାଲିଯାତ୍ରାର ଷଷ୍ଠ ସାଂସ୍କୃତିକ ସଭା**

ତିର୍ତ୍ତୋଲ ନିକଟରେ ଥିବା ମହାନଦୀପଠା ଗୋପିଆକୁଦଠାରେ ଚାଲିଥିବା ଚେଳିତୋଳ ବାଲିଯାତ୍ରାର ଷଷ୍ଠ ଦିବସର ସାଂସ୍କୃତିକ ସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଓଡ଼ିଆ ଜାତିର ନୌବାଣିଜ୍ୟ ପରମ୍ପରା ଏହି ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ବୋଲି କହିଥିଲେ। ସୁଦୂର ଜାଭା, ସୁମାତ୍ରା, ବାଲି ପ୍ରଭୃତି ଦେଶରେ ଏବେବି ଏହି ପରମ୍ପରାର ନିଦର୍ଶନ ଦେଖିବାକୁ ମିଳେ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ତଥା ଚେଳିତୋଳ ବାଲିଯାତ୍ରା କମିଟି ସଭାପତି ବିଜୟ ଶଙ୍କର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥିଭାବେ ପାରାଦୀପ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସାମାଜିକ କର୍ମୀ ମୀରା ପରିଡ଼ା, ବିଜେଡି ମହିଳା ନେତ୍ରୀ ଲଓରଆ ମହାପାତ୍ର, ଏରସମା ଜିଲା ପରିଷଦ ସଭ୍ୟ ପିତବାସ ଗୋଚ୍ଛାୟତ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ବାଲିଯାତ୍ରାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶେଷରେ ଅଧାପିକା ରାଜଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା ରାଲି

ରମ୍ଭା,୨।୧୨(ବନବାସୀ ସେଠୀ)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ତଥା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ସଚେତନତା ରାଲି ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଓ ନୋଡାଲ ଅଫିସର ଇତିହାସ ଅଧ୍ୟାପକ ହେମନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୋ କଲେଜ କାର୍ଯ୍ୟକ୍ରମର ସଦସ୍ୟ ଚନ୍ଦ୍ରଶେଖର ନାୟକ, ସମ୍ମାନିତ ଅତିଥି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୀତାଂଶୁ କୁମାର ପ୍ରଧାନ, ରମ୍ଭା ଆଇଆଇସି ସତ୍ୟବ୍ରତ ଭୁଡିଆ, ଏସ୍ଆଇ ବିମଳ କୁମାର କଅଁର, ହାବିଲଦାର ରାମହରି ମୁଦୁଲି, କାଉନସିଲର କ୍ଷେତ୍ର ମୋହନ ବେହେରା ଓ ରମ୍ଭା ଅଟୋ ଚାଳକ ସଂଘର ସଭାପତି ପ୍ରଫୁଲ୍ଲ ତରାଇ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଅର୍ଥନୀତି ଅଧ୍ୟାପକ ବିପିନ କୁମାର ଦାଶ, ଓଡ଼ିଆ ଅଧ୍ୟାପକ ଭାସ୍କର ଚନ୍ଦ୍ର ମୁଦୁଲି, ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ, ନିରଞ୍ଜନ ମହାନ୍ତି, ଇଂଲିଶ ଅଧ୍ୟାପକ ବ୍ରଜମୋହନ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ଗଣେଶ ବେହେରା, ଯୋଗୀନ୍ଦ୍ର ସାହୁ, ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ ଏବଂ ସମସ୍ତ ଛାତ୍ରୀଛାତ୍ର ମହାବିଦ୍ୟାଳୟଠାରୁ ଷ୍ଟେଟବ୍ୟାଙ୍କ ଏବଂ ରମ୍ଭା ବସ୍ଷ୍ଟାଣ୍ଡ ଯାଏ ରାଲି କରିଥିଲେ।

### ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଜଗନ୍ନାଥପ୍ରସାଦ,୨।୧୨
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଡିଗ୍ରୀ କଲେଜର ନୂଆଁ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସମନ୍ୱିତ ଯୁବ ବିକାଶ ଆନୁକୁଲ୍ୟରେ ନିକଟସ୍ଥ ରାଉତି ଗ୍ରାମ ପଞ୍ଚାୟତର ରାଉତି ଗ୍ରାମରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରାଉତି ଗ୍ରାମ ପଞ୍ଚାୟତର ସରପଞ୍ଚ ରାମକୃଷ୍ଣ ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ର ମାନଙ୍କ ସଚେତନ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ଼ଃ ପ୍ରମୋଦ କୁମାର ଚୌଧୁରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ଯ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଅଧ୍ୟକ୍ଷ ସନାତନ ସାହୁ, ନିରଞ୍ଜନ ଶତପଥୀ,ସାଂସ୍କୃତିକ ସଂଯୋଜକ ଡ଼ଃ ବିନୋଦ କୁମାର ଦାଶ, ଅଧ୍ୟାପକ ବିଭୂତି ଭୂଷଣ ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର ଯୋଗଦେଇଥିଲେ।

### ଆନ୍ତଃ କଲେଜ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

ଦିଗପହଣ୍ଡି,୩୦।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ପରିସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ କଲେଜ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଜପତି ଜିଲା ଗୁରାଣ୍ଡି ଗ୍ରାମ ସ୍ଥିତ ମୀନକେତନ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ଆୟୋଜକ ଖେମୁଣ୍ଡି କଲେଜ ଉପବିଜେତା ହୋଇଛି। ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ଉନ୍ନୟନ ଅଧିକାରୀ ଅଶୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସେହିଭଳି ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କଲେଜ କ୍ରୀଡ଼ା ବିଭାଗର ଉପସଭାପତି ତ୍ରିଲୋଚନ ରଇତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଗଣେଶ ସେଠୀ, କ୍ରୀଡ଼ା ଶିକ୍ଷକ ସୁଧାକର ବିଷୋୟୀ, ଏସ୍. ସୀତାରାମ ମୂର୍ତ୍ତି, କ୍ରୀଡା ପରିଷଦ ସହସମ୍ପାଦକ ରାଜେଶ ମହାନ୍ତି, କଲେଜ ପରିଚାଳନା କମିଟି ସଦସ୍ୟା ଉମାମହେଶ୍ୱରୀ ସେଠୀ, ନିରୂପମା ପଟ୍ଟନାୟକ, ତାରିଣୀ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃଷକଙ୍କ ସତର୍କତା ପାଇଁ ବାର୍ତ୍ତା ପ୍ରଚାର ନିର୍ଦ୍ଦେଶ

- ସମ୍ଭାବ୍ୟ ପ୍ରବଳ ବର୍ଷା ନିମନ୍ତେ ଜରୁରୀ ବୈଠକ
- କୃଷି ବିଭାଗୀୟ କର୍ମଚାରୀଙ୍କ ଛୁଟି ବାତିଲ

ଛତ୍ରପୁର/ଗୋପାଳପୁର,୨।୧୨
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ/ନବୀନ ରାଜ ଆଚାରୀ):



ଭାରତୀୟ ପାଣିପାଗ ବିଭାଗଙ୍କ ସ୍ୱତନ୍ତ୍ର ସୂଚନା ମୁତାବକ ଅନ୍ୟ ଜିଲା ସମେତ ଗଞ୍ଜାମ ଜିଲାରେ ଛଅ ସାତ ଦିନ ଅତ୍ୟଧିକ ମାତ୍ରାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏହି ପୂର୍ବାନୁମାନଙ୍କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାରେ ସତର୍କ ରହିବା ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପରିଡା ଅବଗତ କରାଇଥିଲେ ଯେ, ଭାରତୀୟ ପାଣିପାଗ ବିଭାଗ ସୂଚନା ମୁତାବକ ଆସନ୍ତା ଛଅ ସାତ ଦିନ ଅଧିକ ବର୍ଷା ହୋଇପାରେ। ଏଣୁକରି କୃଷକମାନଙ୍କୁ ଅତ୍ୟଧିକ ସତର୍କ ରହିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯେଉଁ ଚାଷୀଗଣ ସେମାନଙ୍କ ଧାନ କାଟିସାରିଛନ୍ତି ସେମାନେ ଅମଳ ଧାନକୁ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ। କଟା ହୋଇଯାଇଥିବା ଧାନ ଅମଳ ସମ୍ଭବ ନ ହେଲେ ତାହାକୁ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ମଣ୍ଡିରେ ଧାନ ଓ ଅନ୍ୟାନ୍ୟ ଫସଲକୁ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ। ଅମଳ ଉପଯୋଗୀ ମାଣ୍ଡିଆ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ । ସମସ୍ତ ରବିଫସଲ ଲଗାଇବା କିମ୍ବା ବୁଣିବା ସାମୟିକ ସ୍ଥଗିତ ରଖନ୍ତୁ । କୃଷକଙ୍କ ସତର୍କତା ନିମନ୍ତେ ପ୍ରତି ଗ୍ରାମରେ ଏହି ବାର୍ତ୍ତା ପ୍ରଚାର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଅନେକ ସ୍ଥାନରେ ବର୍ଷା ଜନିତ ପାଣି ଜମା ହେବାର ସମ୍ଭାବନା ରହିଛି। ତେଣୁ ସ୍ଥିତିକୁ ଧ୍ୟାନରେ ରଖି ପୂର୍ବ ପ୍ରସ୍ତୁତି କରିବାକୁ କୁହାଯାଇଛି। କେତେକ ସ୍ଥାନରେ ଭୂସ୍ଖଳନ ହୋଇପାରେ। ତେଣୁ ପୂର୍ବରୁ ଉକ୍ତ ସ୍ଥାନଗୁଡିକ ଚିହ୍ନଟ କରି ଆଗୁଆ ସଜାଗ ରହିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନଙ୍କୁ କୁହାଯାଇଛି। ଏଥି ସକାଶେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମଧ୍ୟ ଆବଶ୍ୟକ ହେଲେ ସ୍ଥାନାନ୍ତର କରାଯିବ। ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ବର୍ଷା ହେଲେ ପାଣି ଜମି ରହୁଥିବା ଅଞ୍ଚଳଗୁଡିକରେ ପାଣି ନିଷ୍କାସନ ବ୍ୟବସ୍ଥା ସକାଶେ ସଜାଗ ରହିବାକୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ରବିବାର ସରକାରୀ ଛୁଟି ଥିବା ହେତୁ କୃଷି ବିଭାଗୀୟ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବର୍ଷା ଜନିତ କୌଣସି ଅସୁବିଧା ଦେଖାଗଲେ ସେଗୁଡିକର ସମାଧାନ କ୍ଷେତ୍ରରେ ସଜାଗ ରହିବାକୁ ସମସ୍ତ ଉପଜିଲାପାଳ, ଜିଲା କୃଷି ଅଧିକାରୀ, ଜଳ ସେଚନ ବିଭାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଜିଲା ଜରୁରୀକାଳୀନ ଅଧିକାରୀ ଆୟୁଷି ପତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।ସମୁଦ୍ର ଅଶାନ୍ତ ଥିବାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ଯିବା ପାଇଁ ମନା କରାଯାଇଥିବା ଡପଲର ରାଡାର ଇନଚାର୍ଜ ଏସ. କେ ମୂର୍ତ୍ତି କହିଛନ୍ତି। ଚାଷୀ ପନି ପରିବା ଓ କଟା ହୋଇଥିବା ଧାନ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ସହ ୮୦%ରୁ ଉର୍ଦ୍ଧ୍ୱ ପାଚିଲା ଧାନକୁ କାଟିବା ପାଇଁ ଚାଷୀଙ୍କୁ କୁହାଯାଇଥିବା ରଙ୍ଗେଇଲୁଣ୍ଡା ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ଜେନା ସୂଚନା ଦେଇଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ଶେରଗଡ,୨।୧୨(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ବିଡିଓ ଶିବାଶିଷ ବରାଳ ଉଦଘାଟନ କରିଛନ୍ତି। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ମହିଳା ଶିଶୁ ବିକାଶ ଯୋଜନାର ଉପଦେଷ୍ଟା ତଥା ଶେରଗଡ ସମିତ ସଭ୍ୟା ସବିତା ରାଣୀ ଚୌଧୁରୀ ଯୋଗଦେଇଥିଲେ। କଳା, ସଂସ୍କୃତି, କ୍ରିଡା, ସାଂସ୍କୃତିକ ବିକାଶ ଦିଗରେ ଯୁବତୀ ଯୁବକଙ୍କ ଭାଗୀଦାର ହେବାର ସମୟକୁ ମୁଖ୍ୟମନ୍ତ୍ରୀ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଡତ୍ୟା ଅଧ୍ୟକ୍ଷତା କରିଥିଲା ବେଳେ ଅଧ୍ୟାପକ ଶିଶିରକାନ୍ତ ତ୍ରିପାଠୀ ସଂଯୋଜନା କରିଥିଲେ। ଇତିହାସ ଅଧ୍ୟାପକ ବି. ଶିବାଜୀ ପାତ୍ର ଅଧ୍ୟାପକ ମନୋଜ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର ଆୟୋଜନ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୀମ ଭୋଇ ସାମର୍ଥ୍ୟ ଶିବିର

ପାରଳାଖେମୁଣ୍ଡି, ୨।୧୨ (ଗିରିଧାରୀ ପରିଛା):

ଗଜପତି ଜିଲା କାଶୀନଗର ଠାରେ ଭିନ୍ନକ୍ଷମମାନଙ୍କୁ ନେଇ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜ୍ଞାପିତ ପରିଷଦ ଅଞ୍ଚଳର ଅଧ୍ୟକ୍ଷା ଏମ. ସୁଧାରାଣୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ବିଜ୍ଞ ଚିକିତ୍ସକମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କର ଚିକିତ୍ସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ଭାଗବତ ସାହୁ, ଉପାଧ୍ୟକ୍ଷ ରଘୁରାମ ସାହୁ, ସମାଜସେବୀ ହୃଷିକେଶ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ। ଭିନ୍ନକ୍ଷମଙ୍କୁ ମାନସିକ ଓ ଶାରୀରିକ ଭାବେ ସଶକ୍ତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ।

# ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ଫୁଲବାଣୀ,୨।୧୨(ରାକେଶ କୁମାର ରାଉତ)



ଉପ ବାଚସ୍ପତି ସାଲୁଗା ପ୍ରଧାନ ଜଣେ ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

ଫୁଲବାଣୀ କରୋନେସନ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାନସଭା ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇ ଜୟ ଜବାନ ଜୟ କିଶାନ ସ୍ଲୋଗାନକୁ ମନେ ପକାଇଥିଲେ। କନ୍ଧମାଳ ଜିଲାରେ ଚାଷ ଜମି ମାତ୍ର ୧୩ ଭାଗ। ଜିଲାର ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି । କିନ୍ତୁ ଏବେ ସମୟ ଆସିଛି ବୈଜ୍ଞାନିକ ପଦ୍ଧତିରେ ଚାଷ କରି କମ୍ ଜମିରେ, କମ୍ ଖର୍ଚ୍ଚରେ ଅଧିକ ଅମଳ କରି ଲାଭବାନ ହେବା । ମୁଖ୍ୟମନ୍ତ୍ରୀଙ୍କ ଏ ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଆମେ ବୈଜ୍ଞାନିକ ପଦ୍ଧତିରେ ଚାଷ ତଥା କୁକୁଡା, ଛେଳି, ବତକ ପାଳନ ସହ ମାଛ ଚାଷ ଆଦି କରିବାକୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

ଭୁବନେଶ୍ୱର ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସହକାରୀ ନିର୍ଦ୍ଦେଶକ ଡା. ଜ୍ଞାନରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମାର୍କେଟିଂ ଓ ବ୍ରାଣ୍ଡିଂ ଉପରେ ଆଲୋଚନା କରିଥିଲେ। ସେହିପରି ବୈଷୟିକ ପରାମର୍ଶଦାତା ଡା.ଦିଗମ୍ବର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜିଲାରେ ଗୋପାଳନ ସହିତ ଦୁଗ୍ଧ ସମିତି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସେ ଏଥିପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି କହିଥିଲେ। ପ୍ରମୁଖ ବୈଜ୍ଞାନିକ ସିଫା ଡା. ସତ୍ୟ ନାରାୟଣ ସେଠି ଯୋଗଦେଇ କନ୍ଧମାଳ ଜିଲାରେ ଯେମିତି ଅର୍ଗାନିକ୍ ଫଳ ଓ ପନିପରିବା ଚାଷ ହୋଇପାରୁଛି, ସେହିପରି ଅର୍ଗାନିକ ମାଛ ଚାଷ ମଧ୍ୟ ହୋଇପାରିବ। ମାଛ ବଢ଼ିବା ପାଇଁ ସାର କିମ୍ବା କେମିକାଲ ଆବଶ୍ୟକ ପଡ଼ିବ ନାହିଁ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରଶନ୍ନ କୁମାର ସାମଲ କହିଛନ୍ତି ଚାଷୀମାନେ ଛୋଟ ଚାଷୀରୁ ବଡ଼ ଚାଷୀ ହେବାର ସମୟ ଆସିଯାଇଛି ବୋଲି କହିଥିଲେ। ଜିଲା ମତ୍ସ ଅଧିକାରୀ ପ୍ରଫୁଲ୍ଲ କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସିବ କୁମାର ପଟେଲ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ସହାୟତା ରାଶି ବଣ୍ଟନ ଶିବିର

ଖଲ୍ଲିକୋଟ,୨।୧୨
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ନିର୍ମଳଝର କୁଟୁମ୍ବ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ପକ୍ଷରୁ ଖଲ୍ଲିକୋଟ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ବି. ହୃଷୀକେଶ ରାଓଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଡିଏଲସି (ବ୍ରହ୍ମପୁର) ବାବୁ ଚରଣ ପାତ୍ର, ସହକାରୀ ଶ୍ରମ ଅଧିକାରୀ(ଛତ୍ରପୁର) ରଶ୍ମିରେଖା ପଣ୍ଡା ପ୍ରମୁଖ ଯୋଗ ଦେଇ ନିର୍ମାଣ ଶ୍ରମିକମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଯେଉଁମାନେ ନିର୍ମାଣ ଶ୍ରମିକରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନେ ନିୟମିତ ନିଜ କାର୍ଡ ନବୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୧୧୮୦ ଜଣ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ପ୍ରକାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ବାବଦକୁ ୪ କୋଟି ୩୨ ଲକ୍ଷ ୬୫ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଛି। ଶେଷରେ ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଏସ୍‌ଭିଟି ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା



ପାରଳାଖେମୁଣ୍ଡି,୨।୧୨ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମ ଠାରେ ଥିବା ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ଠାରେ ତିନି ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମାପନ ହୋଇଯାଇଛି । ଚଳିତ ବର୍ଷ ୪୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ହୋଇଥିବା ଜଣାପଡିଛି। ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ୨୪୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତିନି ଦିନ କ୍ରୀଡ଼ା ପ୍ରତିଯୋଗିତାରେ ଶହେ ମିଟର, ଦୁଇଶହ ମିଟର, ଚାରିଶହ ମିଟର, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟ ପୁଟ, ଡିସ୍କସ ଥ୍ରୋ, କବାଡି, ଖୋ ଖୋ, ଭଲିବଲ ଇଭେଣ୍ଟ ହୋଇଥିଲା। ଭଲପାଠ ପଢିବା ସହ ଜଣେ ଜଣେ କ୍ରୀଡାବିତ୍ତ ଭାବରେ ଉଭା ହେଲେ ଭବିଷ୍ୟତରେ ଶୃଙ୍ଖଳିତ ମାନବର ପରିଚୟ ଦେବାପାଇଁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। କ୍ରୀଡା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

# ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ବୈଠକ

ଆର. ଉଦୟଗିରି,୨।୧୨ (ମନୋଜ କୁମାର ପାଢୀ):

ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଛେଳିଗଡ ପ୍ରକଳ୍ପ ବିସ୍ଥାପିତ ଲୋକଙ୍କୁ ନେଇ ତିଳିଗାଁ ଗ୍ରାମର ପୁରୁଣା ହାଟପଦା ଠାରେ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ସଭାପତି ଚୈତନ୍ୟ ସାହୁ, ସମ୍ପାଦକ ଈଶ୍ୱର, ଉପ ସଭାପତି ଦିବାକର ରଣସିଂ ନାୟକ, ଉପ ସମ୍ପାଦକ ରଣସିଂ ନାୟକ, ଉପ ସମ୍ପାଦକ ରାମଚନ୍ଦ୍ର ରଣସିଂ ନାୟକଙ୍କ ସହ ଆଂଶିକ ଏବଂ ସଂପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଛେଳିଗଡ ଗ୍ରାମର କିଛି ବ୍ୟକ୍ତି ବୁଡି ଅଞ୍ଚଳର ବିସ୍ଥାପିତମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ସରକାରଙ୍କୁ ମିଥ୍ୟା ପ୍ରତିଶୃତି ଦେଉଛନ୍ତି ବୋଲି ବୈଠକରେ ମତପ୍ରକାଶ କରିଥିଲା। ଲୋକେ ବର୍ତ୍ତମାନ ସୁଧା ଥଇଥାନ ଓ ବସ୍ତି ନ ପାଇ ଅସୁବିଧାର ସମୁଖୀନ ହେଉଛନ୍ତି ବୋଲି କହିଥିଲେ। ଛେଳିଗଡ ଜଳ ପ୍ରକଳ୍ପ କାମ ଆଶାରେ ମିଥ୍ୟା ସଙ୍ଗଠନ ପ୍ରସ୍ତୁତି କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ତେଣୁ ସଂଗ୍ରାମ ସମିତି ପକ୍ଷରୁ ଏପରି ଅସାଧୁ କାର୍ଯ୍ୟ କଳାପ କରିବା ପାଇଁ ପ୍ରୟାସ ନ କରିବାକୁ ସତର୍କ କରିଦିଆଯାଇଛି।

# ଖବରଦାତାଙ୍କ ବାଇକ୍ ଚୋରି

ଗୋପାଳପୁର,୩୦।୧୧(ନବୀନ ରାଜ ଆଚାରୀ)

ବୁଧବାର ମଧ୍ୟରାତିରେ ଖବରଦାତାଙ୍କ ବାଇକ ଚୋରି ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଏହି ଥାନା ଅଧିନ ଗୋଳନ୍ଥରା ଚଟି ଗ୍ରାମ ଖବରଦାଦା ମନୋଜ ପଟ୍ଟନାୟକ ରାତିରେ ଘର ସମ୍ମୁଖରେ ବାଇକ ରଖିଥିଲେ। ମଧ୍ୟରାତିରେ ଦୁର୍ବୃତ ମାନେ ଚାବି ଭାଙ୍ଗି ବାଇକ ନେଇ ଚମ୍ପଟ ମାରିଥିଲେ। ଗୁରୁବାର ସକାଳେ ବାଇକ ଘର ସମ୍ମୁଖରେ ନଥିବା ମନୋଜ ଦେଖିବାକୁ ପାଇଥିଲେ। ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରି ନ ପାଇବାରୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ।

# ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ତ୍ୱରାନ୍ୱିତ ଦିଗରେ ଜିଲାପାଳଙ୍କ ଗୁରୁତ୍ୱ

ଛତ୍ରପୁର,୨।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଆସନ୍ତା ୨୦୨୪ରେ ଏକକାଳୀନ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ଅତ୍ୟନ୍ତ ଜରୁରୀ। ଏହାକୁ ଗୁରତ୍ୱର ସହିତ ବିଚାର କରି ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ଯେପରି ସଠିକ ରହିବ ସେଥିପ୍ରତି ଜିଲା ପ୍ରଶାସନ ପ୍ରୟାସ ଜାରି ରଖିଛି। ଏ ସଂକ୍ରାନ୍ତରେ ଶନିବାର ଆଭାସୀ ବୈଠକ ମାଧ୍ୟମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଜିଲାର ସମସ୍ତ ନିର୍ବାଚନ ଅଧିକାରୀମାନଙ୍କୁ ଜଣାଇ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରକାଶ ନିମନ୍ତେ ପରାମର୍ଶ ଦେଇଛନ୍ତି। ଭୋଟର ତାଲିକାରେ ନୂତନ ଯୁବ ଭୋଟରଙ୍କ ନାମ ପଞ୍ଜିକରଣ, ମୃତ ବ୍ୟକ୍ତିଙ୍କ ନାମ ବାଦ ତାଲିକାରେ ଥିବା ତଥ୍ୟଗୁଡିକର ସଂଶୋଧନ ଇତ୍ୟାଦି କାର୍ଯ୍ୟ ଶେଷ ସମୟକୁ ଅପେକ୍ଷା ନକରି ଶୀଘ୍ର ସାରିବାକୁ କୁହାଯାଇଛି। ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଗଣଙ୍କଠାରୁ ପ୍ରମାଣ ପତ୍ର ସଂଗ୍ରହ କରାଯିବ ଯେ, ସେମାନଙ୍କ ମହା ବିଦ୍ୟାଳୟରେ କୌଣସି ଯୁବ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡିନାହିଁ। ଜିଲାର ସମସ୍ତ ଭିନ୍ନକ୍ଷମଙ୍କ ନାମ ଯେମିତି ତାଲିକାରେ ଅନ୍ତର୍ଭୁକ୍ତ ରହିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଆସନ୍ତା ତିନି ଚାରି ଦିନ ମଧ୍ୟରେ ଭୋଟର ତାଲିକାରୁ ନାମ ବାଦ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ବୁଥ ସ୍ତରୀୟ ଅଧିକାରୀଗଣ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ଏବଂ ଯଥାଶୀଘ୍ର ଏହି କାର୍ଯ୍ୟ ସଂପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ, ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ସମସ୍ତ ନିର୍ବାଚନ ପରିଚାଳକ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବଢ଼ିଛି ହଳଦୀପତ୍ରର ଚାହିଦା, ହ୍ରାସ ପାଉଛି ହଳଦୀ ଅମଳ

- ଆଉ କିଛିଦିନ ପରେ ପ୍ରଥମାଷ୍ଟମୀ
- ଶସ୍ତାରେ ଦଲାଲ ନେଉଛନ୍ତି ଚାଷୀଙ୍କଠାରୁ ପତ୍ର

ଦାରିଙ୍ଗବାଡି, ୨।୧୨ (ଅରୁଣ ସାହୁ)




ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ର ପାଇଁ ଯେମିତି ପରିଚିତ ସେମିତି ଜୈବିକ ହଳଦୀ ଚାଷ ପାଇଁ ବିଶ୍ୱ ବିଖ୍ୟାତ କନ୍ଧମାଳ ହଳଦୀକୁ ଜିଆଇ ଟ୍ୟାଗ ମିଳିବା ପରେ ଏହାର ଚାହିଦା ସବୁଠି ରହିଛି। ହଳଦିରେ ଥିବା କୁରକୁମିନ କ୍ୟାନ୍ସର ଭଳି ରୋଗପ୍ରତିଷେଧକ ଶକ୍ତି ଭଳି କାର୍ଯ୍ୟ କରେ ବୋଲି ଡାକ୍ତରମାନେ କୁହନ୍ତି ତେବେ ଆଉ ଦୁଇ ମାସ ପରେ ହଳଦୀ ଅମଳ ହେବାକୁ ରହିଥିବା ବେଳେ ତାର ପତ୍ରକୁ ହଳଦୀ ଅମଳ ପୂର୍ବରୁ ବିକ୍ରୀ କରିଦିଆଯାଉଛି। ଫଳରେ ହଳଦୀ ଚାଷ ଏବେ ସଙ୍କଟରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯେଉଁମାନେ ଏଥିରେ ସତର୍କ ଅବଲମ୍ବନ କରୁଛନ୍ତି ସେମାନେ ଏହି ପତ୍ର ବିକ୍ରି କରୁନଥିବା ଜଣାପଡିଛି। ଏହି ପତ୍ରରେ ସୁସ୍ୱାଦ ପିଠା ପ୍ରସ୍ତୁତ ପାଇଁ ସାରା ରାଜ୍ୟ ବିଶେଷ କରି ରାଜଧାନୀ ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ ଆଦି ଅଞ୍ଚଳରେ ଏହାର ଚାହିଦା ରହିଛି। ମଙ୍ଗଳବାର ପ୍ରଥମାଷ୍ଟମୀ ପର୍ବ ରହିଥିବା ବେଳେ ଏବେ ଏହି ପତ୍ର ସଂଗ୍ରହ କରି ଚାଷିମାନେ ବିକ୍ରି କରିବା ଆରମ୍ଭ କରିଛନ୍ତି। ତେବେ ଦଲାଲମାନେ ଅତି ଶସ୍ତାରେ ପ୍ରତିବର୍ଷ ଏହି ପତ୍ରକୁ ସିଧା ଚାଷୀଙ୍କ ହଳଦୀ କ୍ଷେତରୁ କିଣି ନେଇଥାନ୍ତି। ୧ ଶହ ପତ୍ର ଅର୍ଥାତ ୨୦ଟି ବିଡାରେ ଏହି ପତ୍ର ବାନ୍ଧଯାଇଥାଏ, ଯାହାକୁ ଦଲାଲମାନେ ମାତ୍ର ୨୦ ଟଙ୍କାରେ କିଣି ନେଇ ଭୁବନେଶ୍ୱରରେ ଉଚ୍ଚ ଦରରେ ବିକ୍ରି କରିଥାନ୍ତି। ଜଣେ ଚାଷି ଦିନ ତମାମ ପରିବାର ସହ ମିଶି ହଳଦୀ ପତ୍ର କ୍ଷେତରୁ କାଟି ସଂଗ୍ରହ କରି ମାତ୍ର ଦିନକୁ ୨ ଶହରୁ ୩ ଶହ ଟଙ୍କା ରୋଜଗାର କରିଥାନ୍ତି। ସେପଟେ ଏହି ପତ୍ର ହଳଦୀ ଅମଳର ବହୁ ପୂର୍ବରୁ ଚାଷି କାଟି ବିକ୍ରୀ କରୁଥିବାରୁ ହଳଦୀ ଅମଳରେ ଧୀରେ ଧୀରେ ହ୍ରାସ ପାଉଛି। ପୂର୍ବ ଭଳି ହଳଦୀ ଅମଳ ଓ ତାର ଗୁଣ ବତ୍ତା ନଷ୍ଟ ହେବାରେ ଲାଗିଥିବା କୁହାଯାଉଛି। ଫଳରେ ହଳଦୀର ଦର ବି ହ୍ରାସ ପାଉଥିବା କେତେକ ଚାଷି କହିଛନ୍ତି।

# ୧୫ ଫୁଟ୍ ଦବିଲା ବିରୂପା ନଦୀବନ୍ଧ

ଡେରାବିଶ,୨।୧୨(ବେବର୍ତ୍ତା ଅଜୟ ଦାସ)

- ଶହେ ଫୁଟ୍ ଲମ୍ବର ଫାଟ
- ସାଗୁଣା ଘାଇଠାରେ ଅଘଟଣ
- ବନ୍ଧ ଭାଙ୍ଗିବା ଆଶଙ୍କାରେ ଅଞ୍ଚଳବାସୀ

ଶନିବାର ବିରୂପା ନଦୀ ବନ୍ଧ ପ୍ରାୟ ୧୫ ଫୁଟ ଦବିଯାଇଛି । ନଦୀବନ୍ଧର ପ୍ରାୟ ଶହେ ଫୁଟ୍ ଲମ୍ବରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସ୍ଥାନୀୟ ଲୋକମାନେ ନଦୀ ବନ୍ଧ ଭାଙ୍ଗିବା ଆଶଙ୍କାରେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହାକୁ ନେଇ ଚିନ୍ତା ବଢ଼ିଛି । ସାଗୁଣା ଘାଇଠାରେ ଏହି ଅଘଟଣ ଘଟିଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀନ ବିରୂପା ନଦୀର ଦକ୍ଷିଣ ପାର୍ଶ୍ୱରେ ଏକ ବିରାଟ ବନ୍ଧ ରହିଛି। ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁରୁ ଗାଁର ଘଣ୍ଟପଦାସ୍ଥିତ ନଦୀବନ୍ଧ ଶନିବାର ଅପରାହ୍ନରେ ୧୦୦ ଫୁଟରୁ ଉର୍ଦ୍ଧ୍ୱ ଅଂଶ ତଳକୁ ପ୍ରାୟ ୧୫ ଫୁଟ ଦବିଯାଇଛି। ଏହି ନଦୀବନ୍ଧର ପାର୍ଶ୍ୱରେ ପଟ୍ଟାମୁଣ୍ଡାଇ କେନାଲ ରହିଛି । ଗୋଟିଏ ପାର୍ଶ୍ୱରେ ନଦୀ ଓ ଅନ୍ୟପାର୍ଶ୍ୱରେ କେନାଲ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନଦୀବନ୍ଧର ଉନ୍ନତିକରଣ କାର୍ଯ୍ୟ ସମୟରେ ପୁରୁଣା ରିଂ ରାସ୍ତାକୁ ବାଦ ଦିଆଯାଇ ନଦୀବନ୍ଧକୁ ନିର୍ମାଣ କରାଯାଇଥିଲା । ଫଳରେ ଘଣ୍ଟପଦାଠାରେ ନଦୀବନ୍ଧକୁ ଲାଗି ରହିଥିବା ପୁରୁଣା ରାସ୍ତାଟି ଅର୍ଦ୍ଧଚନ୍ଦ୍ର ଭାବେ ରହିଥିବା ବେଳେ ନଦୀବନ୍ଧର ନିମ୍ନରେ ଏହି ସ୍ଥାନଟି ରହିଛି । ଫଳରେ ବର୍ଷା ସମୟରେ ସେଠାରେ ପାଣି ଜମି ରହିବା ସହ ନଦୀକୁ ଝର ମଧ୍ୟ ସୃଷ୍ଟି ହୋଇଥାଏ । ଅପରପକ୍ଷେ ଶାଗୁଣାଘାଇ ନିକଟରେ ନଦୀଟି ବହୁ ଗଭୀର ରହିଛି । ଏହି ବନ୍ଧର ସୁରକ୍ଷାକୁ ଦୃଷ୍ଟିରେ ରଖି ସେହି ସ୍ଥାନରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୧ଟି ସ୍ପର ନିର୍ମାଣ କରାଯାଇଛି । ମାତ୍ର ଏହି ସ୍ପର ମଧ୍ୟରେ ଫାଙ୍କାଥିବା ସ୍ଥାନରେ ବୋଲ୍ଡର ପ୍ୟାକିଂ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲା । ଗତ ଅଗଷ୍ଟ ମାସରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ, ସହକାରୀ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ବୋଲି ଘଣ୍ଟପଦା ଗ୍ରାମର ପ୍ରଫୁଲ୍ଲ କୁମାର ସିଂ କହିଛନ୍ତି । ପରିଦର୍ଶନ ସମୟରେ ଅର୍ଦ୍ଧଚନ୍ଦ୍ର ଅବସ୍ଥାରେ ଖାଲୁଆ ହୋଇ ରହିଥିବା ବନ୍ଧକୁ ତୁରନ୍ତ ପୋତିବା ପାଇଁ ଗ୍ରାମବାସୀ ଆସିଥିବା ଅଧିକାରୀମାନଙ୍କୁ ନିବେଦନ କରିଥିଲେ। ଏହି କାମ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ କହିଥିଲେ ମଧ୍ୟ ଏଯାଏ କିଛି ହୋଇନାହିଁ । ଫଳରେ ଉକ୍ତ ସ୍ଥାନରେ


ନଦୀବନ୍ଧ ଦବିଯିବା ପରେ ସୃଷ୍ଟି ହୋଇଥିବା ଫାଟ ।

ଥିବା ବନ୍ଧପ୍ରତି ବିପଦ ସୃଷ୍ଟି ହୋଇଥିବା ସିଂ କହିଛନ୍ତି । ତେବେ ସ୍ପର କାର୍ଯ୍ୟ ଚଳିତ ବର୍ଷ ମେ ଓ ଜୁନ୍ ମାସ ମଧ୍ୟରେ ଶେଷ ହୋଇଛି। ଏହି ସ୍ଥାନରେ ନଦୀଟି ଗଭୀର ଥିବାରୁ ସ୍ପର ପାର୍ଶ୍ୱରେ ପଥର ଗାର୍ଡ଼ୱାଲ୍ କରାଯାଇ ପଥର ପ୍ୟାକିଂ କରାଯିବା ସହ ସ୍ପର ନିର୍ମାଣ କରାଯାଇଥିଲେ ଏଭଳି ଅବସ୍ଥା ସୃଷ୍ଟି ହୋଇ ନ ଥାନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। ନଦୀ ବନ୍ଧରେ ଝର ସୃଷ୍ଟି ହୋଇ ଫାଟ ହେଉଥିବା ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ତେବେ ବିଭାଗୀୟ ବୈଷୟିକ ଟିମ୍ ତୁରନ୍ତ ମାଟିର ନମୁନା ପରୀକ୍ଷା କରି କେଉଁ କାରଣ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ତାହାର ନିରାକରଣ କରାଗଲେ ବନ୍ଧ ପ୍ରତି ବିପଦ ସୃଷ୍ଟି ହୁଅନ୍ତା ନାହିଁ ବୋଲି ସିଂ ମତ ଦେଇଛନ୍ତି।

ସୂଚନାଯୋଗ୍ୟ,୨୦୧୮ରେ ଏହି ସ୍ଥାନରେ ନଦୀବନ୍ଧ ଦବିଥିଲା । ତେବେ ନଦୀବନ୍ଧ ପାର୍ଶ୍ୱରେ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ୍ କଡ଼ରେ ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର, ଛୋଟି, ନହଙ୍ଗ, ବେଣିପୁର ପଞ୍ଚାୟତ ସମେତ ଯାଜପୁର ଜିଲା ବଡ଼ଚଣା ବ୍ଲକର କେତେକ ଗ୍ରାମ ରହିଛି । ତେବେ ନଦୀବନ୍ଧ ବାରମ୍ବାର ଦବିବା ଫଳରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଲେ ଶନିବାର ସନ୍ଧ୍ୟାରେ ନଦୀବନ୍ଧ ଦବିଯିବା ଖବର ଗ୍ରାମବାସୀଙ୍କଠାରୁ ସେ ଜାଣିବାକୁ ପାଇଛନ୍ତି। ରବିବାର ସେହି ସ୍ଥାନ ଦେଖିବା ପରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

## କାର୍ତ୍ତିକେଶ୍ୱର ମେଢ଼ ଭସାଣି ବେଳେ ଗଣ୍ଡଗୋଳ,୧୦ ଆହତ

**ଚୋରାମଦ କାରବାରକୁ ନେଇ ୨ ପରିବାର ମଧ୍ୟରେ ମାରପିଟ୍**

ରାଜନଗର,୨।୧୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗାଁରେ କାର୍ତ୍ତିକେଶ୍ୱର ମେଢ଼ ଭସାଣି ଶୋଭାଯାତ୍ରା ବେଳେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୧୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ଧାନଦିଆ ଗାଁର ଧବଳେଶ୍ୱର ମହାଦେବଙ୍କ ୬ଷ୍ଠ ପ୍ରତିଷ୍ଠା ଉତ୍ସବ ପାଇଁ ଯଜ୍ଞ ଚାଲିଥିଲା। ଗାଁ ଠାକୁରାଣୀଙ୍କ ପାଖରେ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତ୍ତିକୁ ୨ଦିନ ତଳେ ଅଣାଯାଇ ଯଜ୍ଞମଣ୍ଡପ ନିକଟରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ଦିନ ପ୍ରାୟ ୧୧ଟା ପରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଶୋଭାଯାତ୍ରା



ଡାକ୍ତରଖାନାରେ ଦୁଇ ଆହତ ।

ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ଚାଲିଥିବା ବେଳେ ଗାଁର ୨ପରିବାର ମଧ୍ୟରେ ହଠାତ୍ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଚୋରାମଦ କାରବାରକୁ ନେଇ ଏହି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଶେଷରେ ତାହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ପରିବାର ସଦସ୍ୟମାନେ ଭସାଣି ଶୋଭାଯାତ୍ରା ସମୟରେ ମାରପିଟ୍ ହୋଇଥିଲେ। ଏହି ଘଟଣାରେ ନିତ୍ୟାନନ୍ଦ ପ୍ରଧାନ, ଗଣେଶ ପ୍ରଧାନ, ସନ୍ତୋଷ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ, ନିରାକାର ପ୍ରଧାନ, ଆକାଶ ପ୍ରଧାନ, ଶରତ ପାତ୍ର, ଶ୍ରୀକାନ୍ତ ପାତ୍ର, ଇନ୍ଦୁମତି ପାତ୍ର, ଶାନ୍ତିଲତା ପାତ୍ର ପ୍ରମୁଖ ୧୦ଜଣ ଆହତ ହୋଇଛନ୍ତି। ଆହତମାନେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଉକ୍ତ ଘଟଣା ଉପରେ ନଜର ରଖିଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ବିଲ ନିକଟରୁ ମୃତଦେହ ଜବତ

ଚଣ୍ଡିଖୋଲ,୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଦାଳ ଗ୍ରାମର ଏକ ଧାନ ବିଲ ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ପୋଲିସ ମୃତଦେହ ଜବତ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରେରେ ରଖିବା ସହ ଏକ ଅପମୃତ୍ୟୁ ମାମଲା ନଂ.୩୮/୨୩ ରୁଜୁ କରିଛି। ମୃତବ୍ୟକ୍ତି ଏକ ବ୍ଲୁ ରଙ୍ଗର ଲୁଙ୍ଗି ଓ ଧଳାକଳା ରଙ୍ଗର ଗରପକା ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ତାଙ୍କ ବୟସ ୬୦ ବର୍ଷ ପାଖାପାଖି ହେବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେ ୮ ଦିନ ହେବ ୧୬ ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବୁଲୁଥିବା ଦେଖିଛନ୍ତି। ସେ ମାନସିକ ବିକୃତଭଳି ଲାଗୁଥିବା ଦେଖଣା ହାରି ପ୍ରକାଶ କରିଛନ୍ତି।

## ୨୨ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ

ଧର୍ମଶାଳା,୨।୧୨(ବଟକୃଷ୍ଣ ପରିଡ଼ା):

୨୨ଟି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜେନାପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମୁରାରିପୁର ଗ୍ରାମର ଚଗଲି ଜେନା। ୧୩ଟି ଥାନାରେ ତାଙ୍କ ନାଁରେ ୨୨ ମାମଲା ରହିଛି। ପୋଲିସ ତାଙ୍କୁ ଗିରଫ କରିବା ପରେ ତାଙ୍କ ନିକଟରୁ ଏକ ଚୋରା ବାଇକ୍ ଜବତ କରିଛି।

ଚଗଲି ୨୧।୭।୨୦୨୩ ରାତିରେ ମୁରାରୀପୁର ଗ୍ରାମର କୃଷ୍ଣ ବେହେରାଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ସୁନା ଅଳଙ୍କାର ସହ ନଗଦ ୧ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ କୃଷ୍ଣ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଅଭିଯୁକ୍ତ ଚଗଲି ଘରକୁ ଆସିଥିବା ଖବର ପାଇ ପୋଲିସ ଶନିବାର ଚଢ଼ାଉ କରିଥିଲା। ଜବତ ବାଇକ୍‌କୁ ସେ କଟକ ମଙ୍ଗଳାବାଗରୁ ଆଣିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବଳଭଦ୍ର


@ ମନୋଜ


@ ନୀଲୁ


@ ସ୍ମୃତିରଞ୍ଜନ


@ ସୁଶୀଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

## ଟାଟା ଷ୍ଟିଲ୍ ପକ୍ଷରୁ ସୁରକ୍ଷା ସମ୍ମିଳନୀ

କଳିଙ୍ଗନଗର,୨।୧୨(ଶୁଭାଶିଷ ରାଉତ):

କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ଡୁବୁରିସ୍ଥିତ କଳିଙ୍ଗନଗର କାରଖାନା ପରିସରରେ ଭେଣ୍ଡର୍ ସହଯୋଗୀମାନଙ୍କ (ଭେଣ୍ଡର ପାର୍ଟନର) ଲାଗି ସୁମିଳନ ନାମକ ଏକ ସୁରକ୍ଷା ଯୋଗାଯୋଗ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗରର ଭିପି (ଅପରେଶନ୍ସ) ରାଜୀବ କୁମାର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟାଟା ଷ୍ଟିଲ କଳିଙ୍ଗନଗର ଏବଂ ୟୁନିୟନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୁମିଳନର ଏହି ନବମ ସଂସ୍କରଣ କାର୍ଯ୍ୟକ୍ରମରେ ବିଭିନ୍ନ ଭେଣ୍ଡର ସହଯୋଗୀମାନଙ୍କର ୫୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରି ସୁରକ୍ଷାର ବିଭିନ୍ନ ଦିଗ ଉପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରତିଯୋଗିତାର ବିଜୟୀ ଭେଣ୍ଡର୍ ସହଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, ସୁମିଳନ ହେଉଛି ଏକ ବିଷୟଭିତ୍ତିକ ସୁରକ୍ଷା ଯୋଗାଯୋଗ ମଞ୍ଚ। ଯେଉଁଠାରେ ସଂସ୍ଥାର ପ୍ରଚଳିତ ସୁରକ୍ଷା ପ୍ରଦର୍ଶନ ସମ୍ପର୍କରେ ଭେଣ୍ଡର୍ ଏବଂ ସେମାନଙ୍କ କର୍ମଚାରୀମାନେ ବରିଷ୍ଠ ଅଧିକାରୀମାନଙ୍କ ସହ ଭାବ ବିନିମୟ କରିଥାନ୍ତି। ସୁରକ୍ଷା ମାନରେ ଉନ୍ନତି ଆଣିବା ଲାଗି ଏଥିରେ ଭେଣ୍ଡର ସହଯୋଗୀ ଏବଂ ସେମାନଙ୍କ କର୍ମଚାରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଏବଂ ସମସ୍ୟାକୁ ମଧ୍ୟ ଗ୍ରହଣ କରାଯାଇଥାଏ।

## ତ୍ରୁଟିପୂର୍ଣ୍ଣ, ନିମ୍ନମାନର ଏନ୍ଏଚ୍ ନିର୍ମାଣ ଦୁର୍ଘଟଣାର କାରଣ

- ଠିକ୍ କାର୍ଯ୍ୟରେ ଲାଗୁନି ଏଏନ୍‌ପିଆର୍
- ସରୁନି ଟ୍ରମା କେୟାର ସେଣ୍ଟର ନିର୍ମାଣ
- ଖାଲ ଖମାରେ ଭର୍ତ୍ତି ୨୦ ନମ୍ବର ଏନ୍ଏଚ୍

ଯାଜପୁର,୨।୧୨(ହର୍ଷବର୍ଦ୍ଧନ ବେହେରା)

ଚଳିତ ସପ୍ତାହକୁ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଓ ଯାଜପୁର ଜିଲାକୁ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବାକୁ ସଡ଼କ ସୁରକ୍ଷା କମିଟିର ଅଧକ୍ଷ ତଥା ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଆହ୍ୱାନ ଦେଇଛନ୍ତି। ବିଶେଷକରି ହେଲମେଟ ପରିଧାନ ନ କରି କିମ୍ବା ମଦ୍ୟପାନ କରି କିମ୍ବା ମୋବାଇଲ ଫୋନ ଧରି ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି କମିଟି ବୈଠକରେ ମତପ୍ରକାଶ ପାଇଛି। ତେବେ ଜିଲାର ବିଭିନ୍ନ ଜାତୀୟ ରାଜପଥ(ଏନ୍ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ


୧୬ ଏବଂ ୨୦ ନଂ. ଜାତୀୟ ରାଜପଥର ପାଣିକୋଇଲି ଛକ ।

ଏନ୍ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁ ହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ୨୦ ନମ୍ବର ଜାତୀୟ ରାଜପଥର ଘଟଗାଁ ନିକଟରେ ଦୁର୍ଘଟଣା ଯୋଗୁ ୮ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ସ୍ଥାନୀୟ ପୋଲିସ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ସେମାନଙ୍କ ନାମରେ ମାମଲା ରୁଜୁ କରିଛି। ଏହିକ୍ରମରେ ରାଜ୍ୟରେ ବାର୍ଷିକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫ ହଜାର ଉର୍ଦ୍ଧ୍ୱରେ ରହିଛି। ଏହାସହ ବିପୁଳ କୋଟି ଟଙ୍କା ବ୍ୟୟରେ ଏନ୍ଏଚ୍‌ରେ ଅଟୋମେଟିକ ନମ୍ବର ପ୍ଲେଟ ରେକଗ୍ନାଇଜେଶନ୍ (ଏଏନ୍‌ପିଆର୍) କ୍ୟାମେରାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବା ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି କୁହାଯାଉଛି।

ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଏବଂ ତ୍ରୁଟିପୂର୍ଣ୍ଣ ଏନ୍ଏଚ୍ ନିର୍ମାଣ ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି। ରାସ୍ତାକଡ଼ରେ ପଡ଼ି ରହିଥିବା ଦୁର୍ଘଟଣାଗ୍ରସ୍ତ ଗାଡିଗୁଡ଼ିକୁ ତୁରନ୍ତ ହଟାଇବା ଏବଂ ବେଆଇନ ପାର୍କିଂ ଗାଡ଼ିରୁ ଜରିମାନା ଆଦାୟ ଠିକ୍ ଭାବେ ହୋଇପାରୁନାହିଁ। କ୍ଷିପ୍ରଗତିରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ବିପୁଳ କୋଟି ଟଙ୍କା ବ୍ୟୟରେ ରାଜପଥରେ ଲାଗିଥିବା କ୍ୟାମେରାଗୁଡ଼ିକ ସେତେଟା ଦୁର୍ଘଟଣା ହ୍ରାସ କରିବାରେ ସଫଳ ହୋଇପାରିନାହିଁ। ଜିଲା ପରିବହନ ବିଭାଗ ଏବଂ ପୋଲିସ ପାଟ୍ରୋଲିଂ କରୁଥିଲେ ହେଁ ବେଆଇନ ପାର୍କିଂ ଉପରେ ଦୃଷ୍ଟି ଦିଆଯାଉନାହିଁ। ଫଳରେ ଜିଲାରେ ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି। ଏହିକ୍ରମରେ ସରକାରଙ୍କ ପକ୍ଷରୁ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଏବଂ ଚଣ୍ଡିଖୋଲଠାରେ ଟ୍ରମା କେୟାର ସେଣ୍ଟରର ପରିକଳ୍ପନା କରାଯାଇଛି। କିନ୍ତୁ ଏହି ଟ୍ରମା କେୟାର ସେଣ୍ଟର ନିର୍ମାଣ ସମ୍ପୂର୍ଣ୍ଣ ଓ ତୁରନ୍ତ କାର୍ଯ୍ୟକାରୀ ପାଇଁ ସେତେଟା ଆନ୍ତରିକତା ନ ଥିବା ମନେ ହେଉଛି। ୨୦ ନମ୍ବର ଜାତୀୟ ରାଜପଥରେ ଖାଲଖମା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏନେଇ ଏନ୍ଏଚ୍ କର୍ତ୍ତୃପକ୍ଷ କେବଳ ସାମାନ୍ୟ ମରାମତି କରି ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହେଉଛି। ତେଣୁ ପରିବହନ ଆଇନ ଉଲ୍ଲଂଘନକାରୀଙ୍କଠାରୁ ଆବଶ୍ୟକ ଜରିମାନା ଆଦାୟ ସମେତ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ମନମାନି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରା ନ ଗଲେ ଦୁର୍ଘଟଣା ହ୍ରାସ ପାଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯାଜପୁର ଜିଲାପାଳ ରାଠୋର ଉପରୋକ୍ତ ନିୟମ ମାନିବା ସହ ଦଣ୍ଡ ବିଧାନକୁ ଦୃଷ୍ଟିରେ ରଖି ନିଜର ମୂଲ୍ୟବାନ ଜୀବନ ସୁରକ୍ଷିତ ରଖିବା ଏବଂ ଜନ ସାଧାରଣଙ୍କ ଅମୂଲ୍ୟ ଜୀବନକୁ ସୁରକ୍ଷା ଦେଇ ଜିଲାରେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବାକୁ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

## ସଂସ୍କୃତ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଓଡ଼ଗାଁ,୨।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନୂତନ ଉନ୍ନତ ଅଭିଳାଷା ଓଡ଼ିଶା ଆନୁକୁଲ୍ୟରେ ମହାବିଦ୍ୟାଳୟ ସଭାପତି ଡ.ଗୋପୀନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଓଡ଼ଗାଁ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ ମହାପାତ୍ର ଓ ସମ୍ମାନୀତ ଅତିଥି ସାମ୍ବାଦିକ ସଂଘ ସମ୍ପାଦକ ଗଣେଶ୍ୱର ସାହୁ,ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର ମଞ୍ଚାସୀନ ଥିଲେ। ସଂସ୍କୃତି ଓ ପରମ୍ପରା ହିଁ ଆମର ସାଂସ୍କୃତିକ କାର୍ଯ୍ୟକ୍ରମର ବାର୍ତ୍ତାବହ ଓ ଏହା ହିଁ ମହାନ ବୋଲି ମୁଖ୍ୟ ଅତିଥି ପିଲାଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଅବନୀକାନ୍ତ ପାତ୍ର,ସୁଶାନ୍ତ ବିଶୋଇ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକୁ ପୋଗ୍ରାମ ଅଫିସର ଅଧ୍ୟାପିକା ସୁଷମା ମଞ୍ଜରୀ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ମରୁଡ଼ି ଅଞ୍ଚଳ ଘୋଷଣା ଦାବି ଜୋର୍ ଧରିଲା

ରଣପୁର,୨।୧୨(ସୁକାନ୍ତ କିଶୋର ଡାକୁଆ)

### କଂଗ୍ରେସ ପକ୍ଷରୁ ତହସିଲ ଘେରାଉ



କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ନୟାଗଡ଼ ଜିଲା ରଣପୁର ବ୍ଲକରେ ଚଳିତ ବର୍ଷ ଭଲ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଛି। ଚାଷୀମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉନାହିଁ । ଏହାର ପ୍ରତିବାଦରେ ଶନିବାର ବ୍ଲକ କଂଗ୍ରେସ ତରଫରୁ ରଣପୁର ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ରଣପୁର ବ୍ଲକରେ ପର୍ଯ୍ୟାପ୍ତ ପରିମାଣର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠାଜଳ ସେଚନ ପଏଣ୍ଟ ନ ଥିବାରୁ ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରିଥାଆନ୍ତି । ଯେଉଁବର୍ଷ ଅନିୟମିତତ ବର୍ଷା ହୁଏ ସେହି ବର୍ଷ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ । ଚଳିତ ବର୍ଷ ଏହି କାରଣରୁ ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଓସ୍ତପଡ଼ା ଗ୍ରାମର ଜଣେ ଚାଷୀ ଆତ୍ମହତ୍ୟା କରିଥିଲେ। ଏହାପରେ ମଧ୍ୟ ଜିଲା ଓ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଏହି ପ୍ରତିବାଦରେ ରଣପୁର ବ୍ଲକ କଂଗ୍ରେସ କମିଟି ଓ ସ୍ଥାନୀୟ ଚାଷୀମାନଙ୍କ ପକ୍ଷରୁ ରଣପୁର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରଣପୁର ଶହୀଦ ରଘୁଦିବାକର ମଣ୍ଡପଠାରୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କୃଷକମାନେ ରଣପୁର ବଡଦାଣ୍ଡରେ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ସଭାପତି ଶତ୍ରୁଘ୍ନ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ ଦାସ,କିଷାନ ସେଲ ରାଜ୍ୟ ସଭାପତି ଅମୀୟ ପଟ୍ଟନାୟକ,ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ,ବିଭୁପ୍ରସାଦ ମିଶ୍ର, ପ୍ରତିମା ଜେନା,ଧ୍ରୁବଚରଣ ପରିଡା,ମିର ଅବୁବକର ସିଦ୍ଧିକ,ବସନ୍ତ ମହାରଣା,ସୁରେନ୍ଦ୍ର କଳସ,ଭିକାରୀ ପାତଲସିଂହ, ପ୍ରକାଶ ଚନ୍ଦ୍ର ନାୟକ,ଅନିଲ ଛୁଆଲସିଂହ, ବାଦଲ ପ୍ରଧାନ,ଜୟ ଦଳବେହେରା,ସୁଦର୍ଶନ ପ୍ରଧାନ ପ୍ରମୁଖ ଶତାଧିକ କଂଗ୍ରେସ ନେତୃତ୍ୱ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ଲୋକକଳା ମାଧ୍ୟମରେ ସଚେତନତା

ଖଣ୍ଡପଡ଼ା,୨।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକକଳା ମାଧ୍ୟମରେ ବିଭିନ୍ନ ରୋଗର ନିରାକରଣ, ପ୍ରତିଷେଧକ, କନ୍ୟାରତ୍ନ ସୁରକ୍ଷା, ବେଟି ବଚାଓ ସମ୍ପର୍କରେ ସାଧାରଣରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଶନିବାର ବ୍ଲକ ଅଧିନ ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟୋଜିତ ଲୋକକଳା ଟିମ କଣ୍ଟିଲୋ ଅଞ୍ଚଳରେ ପହଞ୍ଚି ବେଟି ବଚାଓ, କନ୍ୟାରତ୍ନ ସୁରକ୍ଷା ସମ୍ପର୍କରେ ଅଭିନୟ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରିଥିଲେ । ସେହିପରି ସଂପୃକ୍ତ ଟିମ୍ ସିଧାମୂଳା ପଞ୍ଚାୟତ ବଳରାମ ପ୍ରସାଦ ଗ୍ରାମରେ କ୍ୟାନସର ଓ ଡ଼ାଇବେଟିସ ଦୁରାରୋଗର ନିରାକରଣ ଓ ପ୍ରତିଷେଧକ, ଖଳିସାହିଠାରେ ଯକ୍ଷ୍ମା ଓ ଏହାର ନିରାକରଣ ସମ୍ପର୍କରେ, କିଆଝର ଗ୍ରାମରେ ମଧୁମେହ ରୋଗ ଓ ରକ୍ତଚାପ ନିୟନ୍ତ୍ରଣ ଏବଂ ଏହାର ନିରାକରଣ, କୋସକା ଅଞ୍ଚଳରେ ସଂପୃକ୍ତ ଟିମ ପହଞ୍ଚି ଗର୍ଭବତୀଙ୍କ ଯତ୍ନ, ସୁରକ୍ଷା ଓ ଗର୍ଭସ୍ଥ ଶିଶୁର କିପରି ଯତ୍ନ ନିଆଯାଇ ପାରିବ ସେ ସମ୍ପର୍କରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଜନ ସଚେତନତା ସୃଷ୍ଟି କରିଥିବା ନୂଆଗଡିଆସାହି ବିପିଏମ୍ ବିଶ୍ୱ ରଞ୍ଜନ ସୁବୁଦ୍ଧିଙ୍କଠାରୁ ପ୍ରକାଶ । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ମହିଳା, ପୁରୁଷ ଓ ଅଙ୍ଗନୱାଡ଼ି କର୍ମୀ, ଗାଁ କଲ୍ୟାଣ ସମିତିର ସଭାନେତ୍ରୀ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ


ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଖଣ୍ଡପଡ଼ା,୨।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଶନିବାର +୨ ଓ +୩ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏ ଅବସରରେ କଣ୍ଟିଲୋ ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ।

ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ନୋଡାଲ ଅଫିସର ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଶରତ କୁମାର ସାହୁ, ଅଧ୍ୟାପକ ଓମ୍ ପ୍ରକାଶ ସାହୁ, ସୁଜଳ କୁମାର ମହାରଣା, ନିରୋଦ କୁମାର ମନ୍ତ୍ରୀ, ମହେଶ୍ୱର ମହାପାତ୍ର, ରମେଶ କୁମାର ପାଢୀ, ସୁମନ୍ତ କୁମାର ଜେନା, ହୃଷୀକେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ଶିକ୍ଷକ ଅଧ୍ୟାପକ ଅଶୋକ କୁମାର ବେହେରା ଓ ସୁବାସ ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ନୟାଗଡ଼,୨।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଥିବା ୨୯ତମ ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ନୟାଗଡ଼ର କ୍ରୀଡ଼ା ଅଧିକାରୀ ସୁଜାତା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ମା'ବାପା ସହଯୋଗ କରିବା ଦରକାର। ଦୁଇ ଦିନ ଧରି ଅନୁଷ୍ଠିତ କ୍ରୀଡ଼ାରେ କୃତୀ ୧୧୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଭାସ୍କର ଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଏବଂ ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ଶେଷ ହୋଇଥିଲା।


କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି।

## ଧରପଗଡ଼ ତ୍ୱରାନ୍ୱିତ ହୋଇପାରୁନି

ନୟାଗଡ଼,୨।୧୨(ଲୋକନାଥ ମିଶ୍ର)

- ଚାଲିଛି ମୃତ୍ୟୁଶୂନ୍ୟ ସପ୍ତାହ
- ଅମାନିଆଙ୍କୁ ଲଗାମ ଲାଗି ପାରୁନି

ରାଜ୍ୟରେ ଡିସେମ୍ବର ୧ରୁ ଦୁର୍ଘଟଣା ଜନିତ ମୃତ୍ୟୁକୁ ରୋକିବା ପାଇଁ ମୃତ୍ୟୁଶୂନ୍ୟ ସପ୍ତାହ ଆରମ୍ଭ ହୋଇଛି। ଏ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଜିଲା ପୋଲିସ ପକ୍ଷରୁ ନୟାଗଡ ଜିଲାରେ ଧରପଗଡ ଚାଲିଛି । ତେବେ ଅମାନିଆ ଚାଳକମାନେ ସଡ଼କ ସୁରକ୍ଷା ନିୟମକୁ ଫାଙ୍କି ବେନିୟମ ଭାବେ ଯାନବାହାନ ଚଳାଚଳ କରୁଥିବା ଅଭିଯୋଗ ହେଉଛି । ଛାତ୍ରୀଛାତ୍ର ନାବାଳକ ହୋଇବି ଯାନବାହନ ଚଳାଇ ସ୍କୁଲ ଓ କଲେଜ ଯାଉଛନ୍ତି । ଏଭଳି ସମୟରେ ମଦ୍ୟପ ଚାଳକ ୭ ଜଣ, ହେଲମେଟ ଧରପଗଡରେ ୫୩, ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଥିବା ଚାଳକ ୩, ଓଭର ସ୍ପିଡରେ ଗାଡ଼ି ଚଳାଉଥିବା ୩ ଚାଳକ ଧରାପଡିଛନ୍ତି। ସେହିପରି ଜଣେ ନାବାଳକ ବି ଧରାପଡିଛନ୍ତି। ଟିକସ ଫାଙ୍କି ଥିବା ଅଭିଯୋଗରେ ଏକ ମିନି ଟ୍ରକ ମାଲିକଙ୍କୁ ୭ ହଜାର ୯୫୩ ଟଙ୍କା ଜରିମାନା କରାଯାଇଛି। ଯେଉଁମାନେ ଧରପଗଡ଼ରେ ଧରା ପଡିଛନ୍ତି ସେମାନେ କୋର୍ଟରେ ଜରିମାନା ଦେବେ । ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ସଚେତନତା ରଥ ଇଟାମାଟି, ନୟାଗଡ଼, ମାଛିପଡ଼ା, ଶିମିଳିସାହି ପରି ଗାଁ ଓ ସହର ଦେଇ ଜିଲା ସାରା ପରିକ୍ରମା କରୁଛି।

## ପଠାଣି ସାମନ୍ତ ଉପାୟନ ପ୍ରଦାନ ଉତ୍ସବ

### ଦାସ ବେନହୁର ପାଇବେ ନୟାଗଡ଼ ଗୌରବ ସମ୍ମାନ

ନୟାଗଡ଼,୨।୧୨(ଲୋକନାଥ ମିଶ୍ର)



ଚଳିତ ବର୍ଷ ମର୍ଯ୍ୟାଦାପୂର୍ଣ୍ଣ 'ନୟାଗଡ଼ ଗୌରବ' ସମ୍ମାନ ପାଇବା ପାଇଁ ଖଣ୍ଡପଡ଼ାର ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗ୍ୟ ବିବେଚିତ ହୋଇଛନ୍ତି। ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୮୯ତମ ଜନ୍ମ ସ୍ମାରକୀ ପାଳନ ଅବସରରେ ନୟାଗଡ଼ ପୁରୁଣା ସହରସ୍ଥିତ ଯଦୁମଣି ମଣ୍ଡପଠାରେ ଚଳିତମାସ ୧୩ ତାରିଖ ସନ୍ଧ୍ୟାରେ ଏହି ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଦାଶ ବେନହୁରଙ୍କୁ ନୟାଗଡ଼ ଗୌରବ ସମ୍ମାନ ପ୍ରଦାନ କରାଯିବ । ସେହିପରି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କୁ 'ନୟାଗଡ଼ ବନ୍ଧୁ', ବିଜ୍ଞାନ ସ୍ରଷ୍ଟା ପ୍ରଫେସର ହରପ୍ରସାଦ ମହାପାତ୍ରଙ୍କୁ 'ପଠାଣି ସାମନ୍ତ ପ୍ରତିଭା' ସମ୍ମାନ, ଗାଳ୍ପିକ ହାଡ଼ିବନ୍ଧୁ ମହାକୁଡ଼ଙ୍କୁ ପଠାଣି ସାମନ୍ତ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ । ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀଙ୍କୁ 'ପଠାଣି ସାମନ୍ତ ଆଇନ ସେବା ରତ୍ନ', ଗ୍ରନ୍ଥକାର ଲଳିତ ମୋହନ ମିଶ୍ରଙ୍କୁ ଦାଶରଥି ପଟ୍ଟନାୟକ ସାହିତ୍ୟ ସମ୍ମାନ', ସାମାଜିକ କର୍ମୀ ଅନାଦି ଚରଣ ମହାନ୍ତିଙ୍କୁ 'ପଠାଣି ସାମନ୍ତ ସେବା ସମ୍ମାନ', ଯୁବ ସମାଜସେବୀ ପ୍ରଭାତ କୁମାର ସାହୁଙ୍କୁ 'ପଠାଣି ସାମନ୍ତ ଯୁବସେବା ସମ୍ମାନ', ସର୍ବଭାରତୀୟ ପ୍ରତିଷ୍ଠିତ ଫୁଟ୍‌ବଲ ଖେଳାଳି ତଥା ରେଫରି ରାଜୁ ମହାନ୍ତିଙ୍କୁ 'ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ', ନାଟ୍ୟଗୁରୁ ପ୍ରଭାତ କୁମାର ଦାଶଙ୍କୁ 'ପଠାଣି ସାମନ୍ତ ସଙ୍ଗୀତ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବ । ଏହି ଅବସରରେ ସୁନାମଧନ୍ୟ ଭଜନ ଗାୟକଙ୍କ ସମେତ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ଭଜନ ସମାରୋହର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଆୟୋଜକ ପ୍ରମୋଦ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଗଛରେ ପିଟିହେଲା ବାଇକ୍, ଯୁବକ ମୃତ

ଖଣ୍ଡପଡ଼ା,୨।୧୨(ଅଜୟ କୁମାର ମହାରଣା)

ଶନିବାର ରାତି ପ୍ରାୟ ସାଢେ ୮ଟା ସମୟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି–କୋସ୍‌କା ପୂର୍ତ୍ତ ବିଭାଗ ରାସ୍ତାର ସିଂଘାପଡ଼ା ଗ୍ରାମ ପେଟ୍ରୋଲ ଟାଙ୍କି ନିକଟ ଦେଇ ଶନିବାର ରାତି ପ୍ରାୟ ୮ଟା ସମୟରେ ସିଂଘାପଡ଼ା ଗ୍ରାମ ନୂଆସାହିର ନିର୍ମଳ ପଣ୍ଡା (୩୪) ଏକ ବାଇକ୍‌ରେ ଗାଁକୁ ଫେରୁଥିଲେ। ଅସାବଧାନତା ଯୋଗୁ ରାସ୍ତା ପାର୍ଶ୍ୱ ଏକ ଶୁଖିଲା ଗଛରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା । ଫଳରେ ନିର୍ମଳ ରାସ୍ତା ଉପରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୨।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଆକ୍ରମଣ ଅଭିଯୋଗରେ ବଡ଼ ବଜାର ଥାନା ପୋଲିସ ଶନିବାର ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଗେଟ ବଜାର ମିତ୍ରାସାହିର ସନ୍ଦୀପ ସାହୁ। ଶୁକ୍ରବାର ସନ୍ଧ୍ୟାରେ କର୍ପୋରେସନ ରୋଡ ସୋମନାଥ ନଗର ନିବାସୀ ଏସ.ରାମ ପ୍ରସାଦ ପାତ୍ର ଘରକୁ ଫେରୁଥିଲେ। ରାସ୍ତାରେ ସନ୍ଦୀପ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ।

## ଅବ୍ୟବସ୍ଥାକୁ ବ୍ୟବସ୍ଥାରେ ପରିଣତ କରିବା ଶିକ୍ଷକଙ୍କ ଆଭିମୁଖ୍ୟ ହେବା ଉଚିତ

- ୪୫ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା
- ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଭିନ୍ନ ପରମ୍ପରା

ନୂଆଗାଁ,୨।୧୨(ଧନେଶ୍ୱର ସାହୁ)



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପରିସରରେ ଶନିବାର ଶିକ୍ଷକମାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜଣେ ଶିକ୍ଷକ ଅବସର ଗ୍ରହଣ କରିବା ପରେ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦେବାର ପରମ୍ପରା ରହିଆସିଛି । ଏହିକ୍ରମରେ ୨୦୧୬ ପରଠାରୁ ଚାକିରିରୁ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା କଥା। କିନ୍ତୁ ବିଭିନ୍ନ କାରଣରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇପାରି ନ ଥିଲା । ସେଥିପାଇଁ ୪୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଅବସରଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଅବସର ଗ୍ରହଣ କରିଥିବା ଶିକ୍ଷକମାନେ ଶିକ୍ଷକତା ସମୟର ଅନୁଭୂତି ଅଭିଭାଷଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ପ୍ରଥମେ ଶିକ୍ଷକ ଆଧାରିତ ଶିକ୍ଷାଦାନ ହେଉଥିଲା। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ର ଆଧାରିତ ଶିକ୍ଷାଦାନ ଏବଂ ବର୍ତ୍ତମାନ ଦଲିଲ ତଥା ଦସ୍ତାବିଜ୍ ଆଧାରିତ ଶିକ୍ଷାଦାନ ଚାଲିଛି। ତେଣୁ ଅବ୍ୟବସ୍ଥାକୁ ବ୍ୟବସ୍ଥାରେ ପରିଣତ କରି ସୁଚାରୁ ରୂପେ ଶିକ୍ଷାଦାନକୁ ପରିଚାଳନା କରିବା ଶିକ୍ଷକମାନଙ୍କ ଆଭିମୁଖ୍ୟ ହେବା ଆବଶ୍ୟକ । ଶିକ୍ଷୟିତ୍ରୀ ଶିକ୍ଷକମାନେ ସମାଜର ଉନ୍ନତି କରିବା ଓ ଶ୍ରେଣୀ ପ୍ରକୋଷ୍ଠରେ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିବା ଭଳି ଦାୟିତ୍ୱ ବହନ କରିଛନ୍ତି । ତେଣୁ ସମସ୍ତ ଛାତ୍ରୀଛାତ୍ର ତଥା ଦେଶର ଭବିଷ୍ୟତମାନଙ୍କୁ ଉତ୍ତମ ମାର୍ଗରେ ପରିଚାଳିତ କରିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷକମାନେ ନିଜ ନଜର ମତ ରଖିଥିଲେ । ନୂଆଗାଁ ବ୍ଲକ ପ୍ରାଥମିକ ସଂଘ ସଭାପତି ସୀମାଞ୍ଚଳ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ କୁଳମଣି ନାୟକ ମୁଖ୍ୟବକ୍ତା, ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ସେଠୀ, ଅତିରିକ୍ତ ଶିକ୍ଷାଧିକାରୀ କବିତା ଦାସ, ନୂଆଗାଁ ହାଇସ୍କୁଲ ଶିକ୍ଷକ ଶିଶିର କୁମାର ସାହୁ, ନୟାଗଡ଼ ଜିଲା ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ଦାସ ଓ ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ସୁରେଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳଭଦ୍ର


@ ମନୋଜ


@ ନୀଲୁ


@ ସ୍ମୃତିରଞ୍ଜନ


@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇଚ୍ଛାଶକ୍ତି ଥିଲେ ମିଳେ ସଫଳତା

ଜଣଙ୍କର ସଫଳତା ପ୍ରାପ୍ତିରେ ଦିବ୍ୟାଙ୍ଗତା ସମସ୍ୟା କୌଣସି ବାଧା ସୃଷ୍ଟି କରେନା। ଦୃଢ଼ ମନୋବଳ ଥିଲେ ଜୀବନରେ ସମସ୍ତ କ୍ଷେତ୍ରରେ ବିଜୟ ମିଳେ। ଦିବ୍ୟାଙ୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ସହିତ ସେମାନଙ୍କ ପ୍ରତି ମାନବ ସମାଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥାଏ। ମିଳିତ ଜାତିସଂଘ ସାଧାରଣ ସଭାରେ ଯୁକ୍ତରାଷ୍ଟ୍ର ଆମେରିକାର ଶିକ୍ଷା ବିଭାଗର ସହକାରୀ ସଚିବ ରବର୍ଟ ଆର ଡାଭିଲା ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଲାଗି ପ୍ରସ୍ତାବ ଦେଇଥିଲେ। ଏହାପରେ ୧୯୯୨ଠାରୁ ପ୍ରତିବର୍ଷ ଡିସେମ୍ବର ୩ରେ




ଏହି ଦିବସ ପାଳିତ ହୋଇ ଆସୁଛି। ଏହି ଦିବସ ପାଳନ ଅବସରରେ ଦିବ୍ୟାଙ୍ଗଙ୍କ ଅଧିକାର ଏବଂ ସେମାନଙ୍କ ପ୍ରତି ସମାଜର କର୍ତ୍ତବ୍ୟକୁ ପ୍ରୋତ୍ସାହିତ କରାଯିବା ଲାଗି ସଚେତନତା ସୃଷ୍ଟି ହୋଇଥାଏ।

୧୯୮୧ରେ ମିଳିତ ଜାତିସଂଘରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସୁଯୋଗ ପ୍ରଦାନ ପାଇଁ ସମାନତା, ପୁନର୍ବାସ ଏବଂ ଅକ୍ଷମତା ରୋକିବା ଉପରେ ଗୁରୁତ୍ୱ ଦେବା ଲାଗି ଆହ୍ୱାନ ଦିଆଯାଇଥିଲା। ସମାଜରେ ଦିବ୍ୟାଙ୍ଗଙ୍କ ଜୀବନ ତଥା ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିସେମ୍ବର ୧୯୮୨ରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଗ୍ରହଣ କରାଯାଇଥିବା ଏହା ସହିତ କେତେକ ପ୍ରସ୍ତାବ ଆଧାରରେ ଦିବ୍ୟାଙ୍ଗଙ୍କ ବିକାଶ କାର୍ଯ୍ୟକ୍ରମ ୧୯୮୩ରୁ ୧୯୯୩ ପର୍ଯ୍ୟନ୍ତ ଏକ ଦଶନ୍ଧି ଧରି ଚାଲିଥିଲା, ଯଦ୍ଦ୍ୱାରା ଦିବ୍ୟାଙ୍ଗମାନଙ୍କର ବହୁବିଧ ବିକାଶ ସମ୍ଭବ ହୋଇ ପାରିଥିଲା। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସମାଜରେ ଦିବ୍ୟାଙ୍ଗଙ୍କ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥାଏ।

# ଭିକ୍କିଙ୍କ ଚରିତ୍ରରେ କ୍ୟାଟ୍ରିନା ଗର୍ବିତ

**ମୁମ୍ବାଇ**

ଅଭିନେତା ଭିକ୍କି କୌଶଲଙ୍କ ଅଭିନୀତ 'ସାମ୍ ବାହାଦୁର' ଶୁକ୍ରବାର ସିନେମା ହଲ୍‌ରେ ମୁକ୍ତିଲାଭ କରିଛି। ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଦେଖିବାକୁ ମିଳିଛି। ଏହା ମଧ୍ୟରେ ଭିକ୍କିଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ 'ସାମ୍ ବାହାଦୁର'ର ରିଭ୍ୟୁ ଶେୟାର କରିଛନ୍ତି। ଫିଲ୍ମରେ ତାଙ୍କ ସ୍ୱାମୀ ଭିକ୍କିଙ୍କ ଅଭିନୟକୁ ପ୍ରଶଂସା କରି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଲମ୍ବା ନୋଟ ଲେଖିଛନ୍ତି। ନିକଟରେ କ୍ୟାଟ୍ରିନା ଫିଲ୍ମ ସ୍କ୍ରିନିଂରେ ଭିକ୍କିଙ୍କ ସହ ଯୋଗ ଦେଇଥିଲେ। ଭିକ୍କିଙ୍କ ବାୟୋଗ୍ରାଫିକାଲ୍ ଯୁଦ୍ଧଭିତ୍ତିକ ଡ୍ରାମାକୁ କ୍ୟାଟ୍ରିନା 'କାବ୍ୟାତ୍ମକ' ସିନେମା ବୋଲି କହିଛନ୍ତି। ଭିକ୍କିଙ୍କ ଅଭିନୟ ଜୀବନ୍ତ ବୋଲି ସେ କହିଛନ୍ତି। ସେଥିପାଇଁ ସମସ୍ତେ ଭିକ୍କିଙ୍କ ଚରିତ୍ରକୁ ନିଶ୍ଚିତ ଧ୍ୟାନ ହେବାକୁ କହିଛନ୍ତି। ତାଙ୍କ ବୀରତ୍ୱ, ନିଖୁଣ ଅଭିନୟରେ କ୍ୟାଟ୍ରିନା ଆଶ୍ଚର୍ଯ୍ୟ। ଭିକ୍କି ଏତେ ପ୍ରେରଣାଦାୟକ, ପରଦାରେ ତାଙ୍କ ଚରିତ୍ରକୁ ଦେଖି ଅତ୍ୟନ୍ତ ଗର୍ବିତ ବୋଲି ସେ କହିଛନ୍ତି। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଭିକ୍କି ଦେଶର ପ୍ରଥମ ଫିଲ୍ଡ ମାର୍ଶାଲ ସାମ ମାନେକ୍ସା ଭୂମିକାରେ ଅଭିନୟ କରିଛନ୍ତି। ଫାତିମା ସାନା ଶେଖ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଛନ୍ତି। ସେ ୨୦୧୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ପୂର୍ବରୁ ଅନେକ ସିନେମା କରିଥିବାବେଳେ ଆଗକୁ ତାଙ୍କର ଆଉ ୨ଟି ଫିଲ୍ମ ଆସିବାକୁ ଯାଉଛି।


ଭିକ୍କି କୌଶଲ

# ହ୍ୱିଲ୍‌ଚେୟାରରେ ୫୯ ଦେଶ ଭ୍ରମଣ



**ହରିୟାଣା**

ହ୍ୱିଲ୍‌ଚେୟାର ସହିତ କାମ କରିବା ସାଧାରଣତଃ କଷ୍ଟକର ହୋଇଥାଏ। ହେଲେ ପଞ୍ଜାବ ଲୁଧିଆନାର ଜଣେ ମହିଳା ହ୍ୱିଲ୍‌ଚେୟାର ସହିତ ନିଜ ଜୀବନକୁ ଅତ୍ୟନ୍ତ ସରଳ କରିଦେଇଛନ୍ତି। ସେ ଗତ ୫ ବର୍ଷ ମଧ୍ୟରେ ହ୍ୱିଲ୍‌ଚେୟାରରେ ଏକା ସ୍ୱିଜରଲାଣ୍ଡ, କାନାଡା, ଅଷ୍ଟ୍ରେଲିଆ, ଚାଇନା ଭଳି ୫୯ ଦେଶ ବୁଲି ସାରିଲେଣି। ମୁମ୍ବାଇରେ ରହୁଥିବା ୫୨ ବର୍ଷୀୟା ପର୍ବିନ୍ଦର ଚାୱଲା ଛୋଟବେଳୁ ସମସ୍ତ ସ୍ପୋର୍ଟ୍ସରେ ପ୍ରବୀଣ ଥିଲେ। ସେ ସାଇକେଲିଂ, ସୁଇମିଂ ଭଳି ଅନେକ ଖେଳରେ ସମସ୍ତଙ୍କଠାରୁ ଆଗୁଆ ରହୁଥିଲେ। ୧୦ମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ହାତ ମୁଠା ଖୋଲିବାରେ ତାଙ୍କୁ ଅସୁବିଧା ହୋଇଥିଲା। ଏହାପରେ ପର୍ବିନ୍ଦର କଲେଜରେ ପାଠ ପଢିବା ସମୟରେ ତାଙ୍କୁ ର୍ୟୁମେଟାଇଡ ଆର୍ଥ୍ରାଇଟିସ୍ ରୋଗରେ ପୀଡିତ ଥିବା ଜଣାପଡ଼ିଥିଲା। ସେବେଠାରୁ ତାଙ୍କୁ ଏକ ହ୍ୱିଲ୍‌ଚେୟାରର ସାହାଯ୍ୟ ନେବାକୁ ପଡ଼ିଥିଲା। ସେ ଏଥିରେ ନ ଭାଙ୍ଗି ପଡ଼ି ମୁମ୍ବାଇରେ ନିଜ ପାଇଁ ଚାକିରି ଖୋଜି ପ୍ରାୟ ୬ ବର୍ଷ ସେଠାରେ କାମ ମଧ୍ୟ କରିଥିଲେ। ପରେ ସେ ସାଙ୍ଗମାନଙ୍କ ସହ ପ୍ରତିଦିନ କିଛି ସ୍ଥାନ ଭ୍ରମଣ କରି କିଛି ନୂଆ କରିବାକୁ ଯୋଜନା କଲେ। ହେଲେ ସାଙ୍ଗମାନେ ଚାଲିକି ଯିବାବେଳେ ସେ ହ୍ୱିଲ୍‌ଚେୟାରରେ ଯିବା ଟିକେ କଷ୍ଟକର ହେଲା। ସେଥିପାଇଁ ପର୍ବିନ୍ଦର ଏକା ସବୁଆଡ଼େ ବୁଲିବାକୁ ନିଷ୍ପତ୍ତି କଲେ। ସେ ବାଳିଠାରୁ ତାଙ୍କ ପ୍ରଥମ ଏକାକୀ ଯାତ୍ରା ଆରମ୍ଭ କରିଥିଲେ। ଭ୍ରମଣ ସମୟରେ ସବୁଠାରୁ କମ୍ ଦାମ୍ ବିଶିଷ୍ଟ ଜିନିଷକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ। ଏହାପରେ ସେ ଆଉ ପଛକୁ ଫେରି ନ ଥିଲେ। ଭ୍ରମଣ ସମୟରେ ସେ ପାରାଗ୍ଲାଇଡିଂ, ସୁଇମିଂ ଭଳି ଅନେକ ଜିନିଷର ମଜା ଉଠାଇଛନ୍ତି।


ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

## ଘୋଷଣା

No. 1304 Date: 04.11.2023

No. I-12: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କଟକଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୁରୁଷ, ଥାନା: କାନପୁର ନଂ.-୩୭, ତହସିଲ: ନରସିଂହପୁର, ଜିଲ୍ଲା: କଟକରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ହାଡୁଆ ମଧ୍ୟମ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୬୫୬ ତା ୦୪।୧୧।୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୁରୁଷ, ଥାନା: କାନପୁର ନଂ. ୩୭, ତହସିଲ: ନରସିଂହପୁର, ଜିଲ୍ଲା: କଟକରେ ବିସ୍ଥାପିତ ପରିବାର ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇଅଛି। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ, କଟକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲାପାଳଙ୍କ ୱେବସାଇଟ୍ **www.cuttack.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କଟକ ତହସିଲ: ନରସିଂହପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁରୁଷ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏକର ୪୮.୧୯ | ଏକର ୪୮.୧୯ | ଏଥି ସହିତ ସଂଲଗ୍ନ କରାଗଲା |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କଟକ ତହସିଲ: ନରସିଂହପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଂସାଇଲୋ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏକର ୨୮.୭୯ | ଏକର ୨୮.୭୦ | ଏଥି ସହିତ ସଂଲଗ୍ନ କରାଗଲା |

ଅଧିସୂଚନା ବୈଧ ତାରିଖ: ୨୪।୧୧।୨୦୨୨।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କଟକ

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, ଜିଲ୍ଲା: କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ
ମୌଜା: କଂସାଇଲୋ, ଥାନା: କାନପୁର ନଂ. ୨୯, ତହସିଲ: ନରସିଂହପୁର, ଜିଲ୍ଲା: କଟକ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୬୬ | ୧୮୫ | ୨.୪୫ | ୨.୪୫ | ତଇଳା | ଆବାଦଯୋଗ୍ୟ ଅନାବାଦୀ ସରକାରୀ ଜମି |
| | ୧୮୬ | ୩.୭୨ | ୩.୭୨ | ତଇଳା | |
| | ୧୮୫/୮୯୫ | ୧.୭୭ | ୧.୭୭ | ତଇଳା | |
| | ୧୮୫/୮୯୬ | ୧.୪୧ | ୧.୪୧ | ତଇଳା | |
| | ୧୮୫/୮୯୭ | ୧.୨୪ | ୧.୨୪ | ତଇଳା | |
| | ୧୮୫/୮୯୮ | ୦.୯୦ | ୦.୯୦ | ତଇଳା | |
| | ୧୮୬/୯୦୦ | ୨.୯୫ | ୨.୯୫ | ତଇଳା | |
| | ୧୮୫/୯୦୨ | ୨.୮୦ | ୨.୮୦ | ତଇଳା | |
| | ୧୮୮/୯୦୩ | ୩.୮୦ | ୩.୮୦ | ତଇଳା | |
| | ୧୮୭ | ୨.୩୫ | ୨.୩୫ | ତଇଳା | |
| | ୧୮୮ | ୫.୪୦ | ୫.୪୦ | ତଇଳା | |

ମୋଟ ରକବା = ଏ.୨୮.୭୯ ଏ.୨୮.୭୯

### ଭୂମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା, ୦୨/୨୦୨୨

ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ
ମୌଜା: ବୁରୁଷ, ଥାନା: କାନପୁର ନଂ. ୩୭, ତହସିଲ: ନରସିଂହପୁର, ଜିଲ୍ଲା: କଟକ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ୧ (ରୟତି) | ୨ | ୨.୧୪ | ୨.୧୪ | ବିଆଳି | କବିର ପଧାନ, ଫକୀର ପଧାନ, ପି.: ଯୋଗି ପଧାନ, ବଚନା ପଧାନ, ସ୍ୱା.: ଯୋଗି ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୫ | ୧.୧୪ | ୧.୧୪ | ବିଆଳି | |
| | ୧୨୦ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୨୩ | ୦.୨୭ | ୦.୨୭ | ଶାରଦ ତିନି | |
| | ୧୨୪ | ୦.୦୧ | ୦.୦୧ | ମାହାରା ପାଣି ମାହାରା | |
| | ୧୨୯ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୩୧ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୩୨ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୩୬ | ୦.୧୫ | ୦.୧୫ | ଶାରଦ ତିନି | |

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ୧ (ରୟତି) | ୧୫୧ | ୦.୦୯ | ୦.୦୯ | ଶାରଦ ତିନି | କବିର ପଧାନ, ଫକୀର ପଧାନ, ପି.: ଯୋଗି ପଧାନ, ବଚନା ପଧାନ, ସ୍ୱା.: ଯୋଗି ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୫୯ | ୦.୨୯ | ୦.୨୯ | ଶାରଦ ଦୁଇ | |
| | ୧୬୩ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୫ | ୦.୧୨ | ୦.୧୨ | ଘରବାରି (ବାରି) | |
| | ୧୬୯ | ୦.୦୬ | ୦.୦୬ | ଘରବାରି (ବାରି) | |
| | ୧୮୫ | ୦.୧୮ | ୦.୧୮ | ତଇଳା | |
| | ୨୫ | ୦.୬୫ | ୦.୬୫ | ଶାରଦ ଦୁଇ | |
| | ୩୨ | ୦.୦୬ | ୦.୦୬ | ଶାରଦ ତିନି | |
| | ୩୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୪୦ | ୦.୦୮ | ୦.୦୮ | ଶାରଦ ତିନି | |
| | ୪୩ | ୦.୦୩ | ୦.୦୩ | ଶାରଦ ତିନି | |
| | ୪୫ | ୦.୦୯ | ୦.୦୯ | ଶାରଦ ତିନି | |
| | ୪୯ | ୦.୧୩ | ୦.୧୩ | ଶାରଦ ତିନି | |
| | ୫୩ | ୦.୧୨ | ୦.୧୨ | ଶାରଦ ତିନି | |
| | ୬୫ | ୦.୦୬ | ୦.୦୬ | ଶାରଦ ତିନି | |
| | ୬୮ | ୦.୦୫ | ୦.୦୫ | ଶାରଦ ତିନି | |
| | ୭୩ | ୦.୦୨ | ୦.୦୨ | ଶାରଦ ତିନି | |
| | ୭୬ | ୦.୦୩ | ୦.୦୩ | ଶାରଦ ତିନି | |
| | ୮୧ | ୦.୦୭ | ୦.୦୭ | ଶାରଦ ତିନି | |
| | ୮୫ | ୦.୦୫ | ୦.୦୫ | ଶାରଦ ତିନି | |
| | ୮୯ | ୦.୧୫ | ୦.୧୫ | ଶାରଦ ତିନି | |
| | ୭୯ | ୦.୦୬ | ୦.୦୬ | ଶାରଦ ତିନି | |
| | ୮୭ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୬ | ୦.୨୩ | ୦.୨୩ | ଶାରଦ ତିନି | |
| | ୯୭ | ୦.୦୨ | ୦.୦୨ | ମାହାରା ପାଣି (ମାହାରା) | |
| | ୧୦୨ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୦୬ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୯ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୧୪ | ୦.୦୪ | ୦.୦୪ | ଶାରଦ ତିନି | |
| | ୧୧୮ | ୦.୦୪ | ୦.୦୪ | ଶାରଦ ତିନି | |
| ୨ (ରୟତି) | ୧୧୯ | ୦.୦୨ | ୦.୦୨ | ମାହାରା ପାଣି (ମାହାରା) | କାଠିଆ ନାଏକ, ଭୀମ ନାଏକ, ପଙ୍କଜ ନାଏକ, ବାବନ ନାଏକ, ମାଧବ ନାଏକ, ପି.: ପନ୍ଦାରୀ ନାଏକ, ଅଜି ନାଏକ, ସ୍ୱା: ପନ୍ଦାରୀ ନାଏକ, ଜା: ହାଡ଼ି, ବା: ବୋକଡ଼ା |
| | ୧୨୨ | ୦.୪୫ | ୦.୪୫ | ଶାରଦ ତିନି | |
| | ୧୩୩ | ୦.୦୫ | ୦.୦୫ | ଶାରଦ ତିନି | |
| ୩ (ରୟତି) | ୧୩ | ୦.୯୪ | ୦.୯୪ | ବିଆଳି | କୃଷ୍ଣ ଚନ୍ଦ୍ର ପ୍ରଧାନ, ବସନ୍ତ ପ୍ରଧାନ, ପି.: ପଲ୍ଲଭ ପ୍ରଧାନ, ଜା: କନ୍ଧ, ବା: ସିମିଳିବୋଳ |
| | ୧୪ | ୧.୧୫ | ୧.୧୫ | ବିଆଳି | |
| | ୧୫ | ୦.୯୨ | ୦.୯୨ | ବିଆଳି | |
| | ୧୭ | ୦.୫୭ | ୦.୫୭ | ବିଆଳି | |
| | ୨୦ | ୦.୫୮ | ୦.୫୮ | ବିଆଳି | |
| | ୨୮ | ୦.୩୨ | ୦.୩୨ | ଶାରଦ ଦୁଇ | |
| | ୨୯ | ୦.୧୫ | ୦.୧୫ | ଶାରଦ ଦୁଇ | |
| | ୫୦ | ୦.୦୬ | ୦.୦୬ | ଶାରଦ ତିନି | |
| | ୬୨ | ୦.୨୬ | ୦.୨୬ | ଶାରଦ ତିନି | |
| | ୧୫୩ | ୦.୫୨ | ୦.୫୨ | ଶାରଦ ଦୁଇ | |
| ୪ (ରୟତି) | ୬୧ | ୦.୦୯ | ୦.୦୯ | ଶାରଦ ତିନି | କୃଷ୍ଣ ପଧାନ, ପି.: ସପନି ପଧାନ, ବୈଷ୍ଣବ ପଧାନ, ପୂର୍ଣ୍ଣଚନ୍ଦ୍ର ପଧାନ, ପି.: ହରି ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୩ | ୦.୬୫ | ୦.୬୫ | ବିଆଳି | |
| | ୧୧୩ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୧୭ | ୦.୦୫ | ୦.୦୫ | ଶାରଦ ତିନି | |
| | ୧୩୮ | ୦.୧୦ | ୦.୧୦ | ଶାରଦ ତିନି | |
| | ୧୫୦ | ୦.୧୫ | ୦.୧୫ | ଶାରଦ ତିନି | |
| | ୧୫୨ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୬୪ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୮ | ୦.୦୮ | ୦.୦୮ | ଘରବାରି (ବାରି) | |
| | ୧୭୧ | ୦.୦୫ | ୦.୦୫ | ଘରବାରି (ବାରି) | |
| | ୧୮୪ | ୦.୧୮ | ୦.୧୮ | ତଇଳା | |
| | ୧୮୬ | ୦.୧୫ | ୦.୧୫ | ତଇଳା | |
| | ୧୦୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୪ | ୦.୬୩ | ୦.୬୩ | ବିଆଳି | |
| | ୬ | ୦.୨୮ | ୦.୨୮ | ଘରବାରି (ବାରି) | |
| | ୭ | ୦.୩୫ | ୦.୩୫ | ଘରବାରି (ବାରି) | |
| | ୯ | ୦.୨୭ | ୦.୨୭ | ଘରବାରି (ବାରି) | |
| | ୧୮ | ୦.୧୮ | ୦.୧୮ | ବିଆଳି | |
| | ୧୯ | ୦.୨୮ | ୦.୨୮ | ବିଆଳି | |
| | ୩୦ | ୦.୧୬ | ୦.୧୬ | ଶାରଦ ତିନି | |
| | ୩୧ | ୦.୦୯ | ୦.୦୯ | ଶାରଦ ତିନି | |
| | ୩୮ | ୦.୦୬ | ୦.୦୬ | ଶାରଦ ତିନି | |
| | ୩୯ | ୦.୦୮ | ୦.୦୮ | ଶାରଦ ତିନି | |
| | ୫୪ | ୦.୦୬ | ୦.୦୬ | ଶାରଦ ତିନି | |
| | ୫୯ | ୦.୦୯ | ୦.୦୯ | ଶାରଦ ତିନି | |
| | ୬୯ | ୦.୪୩ | ୦.୪୩ | ଶାରଦ ତିନି | |
| | ୪୨ | ୦.୦୩ | ୦.୦୩ | ଶାରଦ ତିନି | |
| | ୭୪ | ୦.୩୦ | ୦.୩୦ | ଶାରଦ ତିନି | |
| | ୯୦ | ୦.୦୪ | ୦.୦୪ | ଶାରଦ ତିନି | |
| | ୯୧ | ୦.୦୪ | ୦.୦୪ | ଶାରଦ ତିନି | |
| | ୬୪ | ୦.୦୫ | ୦.୦୫ | ଶାରଦ ତିନି | |
| | ୭୦ | ୦.୨୪ | ୦.୨୪ | ଶାରଦ ତିନି | |
| | ୧୦୦ | ୦.୦୮ | ୦.୦୮ | ଶାରଦ ତିନି | |
| | ୭୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୧ | ୦.୦୬ | ୦.୦୬ | ଶାରଦ ତିନି | |
| | ୧୦୮ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୧୧ | ୦.୦୮ | ୦.୦୮ | ଶାରଦ ତିନି | |
| ୫ (ରୟତି) | ୧୩୭ | ୧.୮୩ | ୧.୮୩ | ଶାରଦ ତିନି | କୃଷ୍ଣ ପ୍ରଧାନ, ପି.: ସପନି ପ୍ରଧାନ, ବୈଷ୍ଣବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପି.: ହରି ପ୍ରଧାନ, ମଙ୍ଗୁଲୁ ପ୍ରଧାନ, ପି.: ପଞ୍ଚୁ ପ୍ରଧାନ, ଗୌତମ ପ୍ରଧାନ, ଡାଳିମ୍ବ ପ୍ରଧାନ, ପି.: ବରଜୁ ପ୍ରଧାନ, କବିର ପ୍ରଧାନ, ଫକିର ପ୍ରଧାନ, କାଞ୍ଚନ ପ୍ରଧାନ, ରଞ୍ଜନା ପ୍ରଧାନ, ପି.: ଯୋଗି ପ୍ରଧାନ, ବଚନି ପ୍ରଧାନ, ସ୍ୱା.: ଯୋଗି ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ବେଲ ପ୍ରଧାନ, ଗୁଞ୍ଜର ପ୍ରଧାନ, କୁନ୍ତଳା ପ୍ରଧାନ, ପି.: ସଂସାରୀ ପ୍ରଧାନ, ଗରିଆ ପ୍ରଧାନ, ସ୍ୱା.: ସଂସାରୀ ପ୍ରଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୪୦ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୪୧ | ୦.୦୮ | ୦.୦୮ | ଶାରଦ ତିନି | |
| | ୧୪୨ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୪୩ | ୦.୨୧ | ୦.୨୧ | ରାସ୍ତା (ଘରୋଇ ରାସ୍ତା) | |
| | ୧୪୪ | ୦.୧୬ | ୦.୧୬ | ଘରବାରି (ବାରି) | |
| | ୧୪୬ | ୦.୧୯ | ୦.୧୯ | ଘରବାରି (ବାରି) | |
| | ୧୪୭ | ୦.୨୭ | ୦.୨୭ | ଘରବାରି (ବାରି) | |
| | ୧୪୯ | ୦.୯୦ | ୦.୯୦ | ଘରବାରି (ବାରି) | |
| | ୧୮୯ | ୨.୯୧ | ୨.୯୧ | ତଇଳା | |
| | ୧୪୫ | ୦.୧୫ | ୦.୧୫ | ଘରବାରି (ଘର) | |
| | ୧୪୮ | ୦.୩୩ | ୦.୩୩ | ଘରବାରି (ବାରି) | |

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ୬ (ରୟତି) | ୨୨ | ୦.୩୦ | ୦.୩୦ | ଶାରଦ ଦୁଇ | ଖଲେଶ୍ୱର ଦେହୁରୀ, ଚନ୍ଦ୍ରମଣି ଦେହୁରୀ, ମନ୍ଦରଧର ଦେହୁରୀ, ଆର୍ତ୍ତତ୍ରାଣ ଦେହୁରୀ, ପି.: ଅରକ୍ଷିତ ଦେହୁରୀ, ଜା: ସୁଦ, ବା: ଓଲବ |
| | ୨୬ | ୦.୩୬ | ୦.୩୬ | ଶାରଦ ଦୁଇ | |
| | ୪୭ | ୦.୨୧ | ୦.୨୧ | ଶାରଦ ତିନି | |
| | ୮୦ | ୦.୦୬ | ୦.୦୬ | ଶାରଦ ତିନି | |
| | ୮୬ | ୦.୦୫ | ୦.୦୫ | ଶାରଦ ତିନି | |
| | ୮୮ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୫ | ୦.୧୬ | ୦.୧୬ | ଶାରଦ ତିନି | |
| | ୧୩୫ | ୦.୧୨ | ୦.୧୨ | ଶାରଦ ତିନି | |
| | ୫୧ | ୦.୧୨ | ୦.୧୨ | ଶାରଦ ତିନି | |
| | ୫୭ | ୧.୦୨ | ୧.୦୨ | ଶାରଦ ଦୁଇ | |
| ୭ (ରୟତି) | ୮ | ୦.୧୬ | ୦.୧୬ | ଘରବାରି (ଘର) | ଗୌତମ ପଧାନ, ପି.: ବରଜା ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୦ | ୦.୫୯ | ୦.୫୯ | ଘରବାରି (ବାରି) | |
| | ୧୩୪ | ୦.୧୬ | ୦.୧୬ | ଶାରଦ ତିନି | |
| | ୧୬୨ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୬ | ୦.୧୭ | ୦.୧୭ | ଘରବାରି (ଘର) | |
| | ୧୮୭ | ୦.୧୭ | ୦.୧୭ | ତଇଳା | |
| | ୯୪/୨୦୪ | ୦.୨୦ | ୦.୨୦ | ଶାରଦ ତିନି | |
| | ୭୮ | ୦.୦୫ | ୦.୦୫ | ଶାରଦ ତିନି | |
| | ୧୪୯/୨୦୨ | ୦.୦୮ | ୦.୦୮ | ଘରବାରି (ବାରି) | |
| | ୨୩ | ୦.୬୨ | ୦.୬୨ | ଶାରଦ ଦୁଇ | |
| | ୧୧ | ୦.୩୧ | ୦.୩୧ | ବଗାୟତ ଦୁଇ | |
| | ୩୩ | ୦.୪୯ | ୦.୪୯ | ଶାରଦ ତିନି | |
| | ୩୬ | ୦.୦୩ | ୦.୦୩ | ଶାରଦ ତିନି | |
| | ୪୧ | ୦.୦୫ | ୦.୦୫ | ଶାରଦ ତିନି | |
| | ୫୫ | ୦.୧୧ | ୦.୧୧ | ଶାରଦ ତିନି | |
| | ୬୦ | ୦.୦୫ | ୦.୦୫ | ଶାରଦ ତିନି | |
| | ୬୩ | ୦.୩୪ | ୦.୩୪ | ଶାରଦ ତିନି | |
| | ୬୬ | ୦.୦୪ | ୦.୦୪ | ଶାରଦ ତିନି | |
| | ୭୨ | ୦.୧୩ | ୦.୧୩ | ଶାରଦ ତିନି | |
| | ୭୭ | ୦.୦୯ | ୦.୦୯ | ଶାରଦ ତିନି | |
| | ୮୩ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୨ | ୦.୦୬ | ୦.୦୬ | ଶାରଦ ତିନି | |
| | ୯୪ | ୦.୩୬ | ୦.୩୬ | ଶାରଦ ତିନି | |
| | ୯୯ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୦୪ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୭ | ୦.୧୦ | ୦.୧୦ | ଶାରଦ ତିନି | |
| | ୧୧୦ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୧୨ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୧୫ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୨୫ | ୦.୦୧ | ୦.୦୧ | ମାହାରା ପାଣି (ମାହାରା) | |
| | ୧୨୬ | ୦.୨୩ | ୦.୨୩ | ଶାରଦ ତିନି | |
| | ୧୩୦ | ୦.୦୨ | ୦.୦୨ | ଶାରଦ ତିନି | |
| | ୯୩ | ୦.୦୫ | ୦.୦୫ | ପଥର ଟାଙ୍ଗର | |
| ୮ (ରୟତି) | ୧୨୮ | ୦.୩୪ | ୦.୩୪ | ଶାରଦ ତିନି | ପହଲି ବେହେରା, କାଶିନାଥ ବେହେରା, ଦୁଃଶାସନ ବେହେରା, ଜାନକି ବେହେରା, ପି.: ବିଶ୍ୱନାଥ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୯ (ରୟତି) | ୧୭୩ | ୨.୫୦ | ୨.୫୦ | ତଇଳା | ମାନ ଗୋବିନ୍ଦ ସାହୁ, ପି.: ମାଧବ ସାହୁ, ଜା: ତେଲି, ବା: ସିଆରିଆ ତଇଳା |
| ୧୦ (ରୟତି) | ୩୪ | ୦.୦୧ | ୦.୦୧ | ଶାରଦ ତିନି | ରବିନ୍ଦ୍ର ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ପି.: ସଂସାରୀ ପ୍ରଧାନ, ଗରିଆ ପ୍ରଧାନ, ସ୍ୱା.: ସଂସାରୀ ପ୍ରଧାନ, ଜା: କନ୍ଧ, ବା: ନିଜଗାଁ |
| | ୩୭ | ୦.୦୧ | ୦.୦୧ | ଶାରଦ ତିନି | |
| | ୫୨ | ୦.୨୧ | ୦.୨୧ | ଶାରଦ ତିନି | |
| | ୫୬ | ୦.୦୬ | ୦.୦୬ | ଶାରଦ ତିନି | |
| | ୫୮ | ୦.୦୮ | ୦.୦୮ | ଶାରଦ ତିନି | |
| | ୬୭ | ୦.୦୪ | ୦.୦୪ | ଶାରଦ ତିନି | |
| | ୮୨ | ୦.୧୧ | ୦.୧୧ | ଶାରଦ ତିନି | |
| | ୮୪ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୮ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୦୩ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୧୬ | ୦.୦୫ | ୦.୦୫ | ଶାରଦ ତିନି | |
| | ୧୨୧ | ୦.୧୮ | ୦.୧୮ | ଶାରଦ ତିନି | |
| | ୧୨୭ | ୦.୨୮ | ୦.୨୮ | ଶାରଦ ତିନି | |
| | ୧୩୯ | ୦.୨୪ | ୦.୨୪ | ଶାରଦ ତିନି | |
| | ୧୫୪ | ୦.୩୦ | ୦.୩୦ | ଶାରଦ ଦୁଇ | |
| | ୧୫୫ | ୦.୨୩ | ୦.୨୩ | ଶାରଦ ଦୁଇ | |
| | ୧୫୬ | ୦.୦୮ | ୦.୦୮ | ଶାରଦ ତିନି | |
| | ୧୬୭ | ୦.୧୮ | ୦.୧୮ | ଘରବାରି (ଘର) | |
| | ୧୭୦ | ୦.୦୫ | ୦.୦୫ | ଘରବାରି (ବାରି) | |
| | ୧୭୪ | ୦.୬୭ | ୦.୬୭ | ତଇଳା | |
| | ୧୭୫ | ୦.୯୬ | ୦.୯୬ | ଘରବାରି (ବାରି) | |
| | ୧୭୭ | ୦.୧୮ | ୦.୧୮ | ତଇଳା | |
| | ୧୭୮ | ୦.୯୫ | ୦.୯୫ | ତଇଳା | |
| | ୧୮୨ | ୦.୮୩ | ୦.୮୩ | ତଇଳା | |
| | ୧୮୩ | ୨.୦୧ | ୨.୦୧ | ତଇଳା | |
| | ୧୮୮ | ୦.୬୮ | ୦.୬୮ | ତଇଳା | |
| | ୧୫୭ | ୦.୨୭ | ୦.୨୭ | ଶାରଦ ଦୁଇ | |
| | ୧୫୮ | ୦.୪୫ | ୦.୪୫ | ଶାରଦ ଦୁଇ | |
| | ୧୬୧ | ୧.୨୫ | ୧.୨୫ | ଶାରଦ ତିନି | |
| | ୧୭୬ | ୦.୪୪ | ୦.୪୪ | ଘରବାରି (ବାରି) | |
| | ୧୭୨ | ୧.୦୯ | ୧.୦୯ | ଘରବାରି (ବାରି) | |
| ୧୦/୨ (ରୟତି) | ୧/୨୧୩ | ୦.୦୪ | ୦.୦୪ | ଘରବାରି | ଉତ୍ସବ ଦେହୁରି, ପି.: ଚନ୍ଦ୍ର ଦେହୁରି, ଜା: ସୁଦ, ବା: ନିଜଗାଁ |
| ୧୦/୩ (ରୟତି) | ୧/୨୧୪ | ୦.୦୪ | ୦.୦୪ | ଘରବାରି | ପ୍ରହଲାଦ ବେହେରା, ପି.: ବିଶ୍ୱନାଥ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୧୦/୪ (ରୟତି) | ୧/୨୧୫ | ୦.୦୪ | ୦.୦୪ | ଘରବାରି | ନିବାଷ ଦେହୁରି, ପି.: ରାଜନ ଦେହୁରି, କୁନ୍ତ ଦେହୁରି, ସ୍ୱା.: ନିବାଷ ଦେହୁରି, ଜା: କନ୍ଧ, ବା: ନିଜଗାଁ |
| ୧୦/୫ (ରୟତି) | ୧/୨୧୬ | ୦.୦୪ | ୦.୦୪ | ଘରବାରି | ନିରଞ୍ଜନ ବେହେରା, ପି.: ବଶ୍ୱନାଥ ବେହେରା, ଫୁଲ ବେହେରା, ସ୍ୱା.: ନିରଞ୍ଜନ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୧୦/୬ (ରୟତି) | ୧/୨୧୭ | ୦.୦୪ | ୦.୦୪ | ଘରବାରି | ଚୈତନ୍ୟ ଦେହୁରି, ପି.: ରାଜନ ଦେହୁରି, ଗୁମା ଦେହୁରି, ସ୍ୱା.: ଚୈତନ୍ୟ ଦେହୁରି, ଜା: କନ୍ଧ, ବା: ନିଜଗାଁ |

ମୋଟ ରକବା = ଏ.୪୮.୧୯ ଏ.୪୮.୧୯

Sd./- Amin | Sd./- Revenue Inspector | Sd./- Spl. L.A. & R.O. Hadua Irrigation Project Narasinghpur, Cuttack | Sd./- Collector Cuttack

OIPR-24367/14/0013/2324

# ବ୍ରେକ୍‌ଫାଷ୍ଟ

**ଦିନର ପ୍ରଥମ ଖାଦ୍ୟ ବା ବ୍ରେକ୍‌ଫାଷ୍ଟ, ଯାହା ଶରୀରକୁ ଯୋଗାଇଥାଏ ଶକ୍ତି। ହେଲେ ପାଠପଢ଼ା, ଜବ୍ ଆଦି କାର୍ଯ୍ୟବ୍ୟସ୍ତତା ଯୋଗୁ, ରାତିରେ ଅଧିକ ସମୟ ଚେଇଁ ସକାଳୁ ବିଳମ୍ବରେ ଉଠିବା କାରଣରୁ ହେଉ ଅବା ଫିଟ୍‌ନେସ୍ ଲାଗି ଖାଦ୍ୟ କମାଇବା ବା ଡାଏଟିଂ କରିବା ଉଦ୍ଦେଶ୍ୟରେ ଅନେକ ଯୁବତୀ ଯୁବକ ବ୍ରେକ୍‌ଫାଷ୍ଟ ଖାଉ ନ ଥିବା ଦେଖିବାକୁ ମିଳୁଛି, ଯାହାକି ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣୁଛି...**



କାର୍ଯ୍ୟବ୍ୟସ୍ତତା ଭିତରେ ବ୍ରେକ୍‌ଫାଷ୍ଟ ଠିକ୍ ସମୟରେ ନ କରିବା କିମ୍ବା ସ୍ଲିମ୍ ଫିଟ୍ ରହିବା ନିଶାରେ ଜାଣି ଜାଣି ନ ଖାଇବା ଆଜିର ଯୁବପିଢ଼ିଙ୍କର ଏକ ବଦଭ୍ୟାସରେ ପରିଣତ ହୋଇଗଲାଣି। ହେଲେ ଏହାଦ୍ୱାରା ଯେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ, ସେ ଦିଗରେ ସେମାନେ ଆଦୌ ସଚେତନ ନୁହନ୍ତି। ଜାଣିରଖନ୍ତୁ, ବ୍ରେକ୍‌ଫାଷ୍ଟ ନ କଲେ କ'ଣ ହୁଏ ଅସୁବିଧା...

- ସକାଳ ସମୟରେ ବ୍ରେକ୍‌ଫାଷ୍ଟ ନେବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଫଳରେ ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ। ଆମେରିକାନ୍ ମେଡିକାଲ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ।
- ବ୍ରେକ୍‌ଫାଷ୍ଟ ନ କଲେ ଶରୀରର ମେଟାବୋଲିଜମ୍ ସ୍ତର ପ୍ରଭାବିତ ହୋଇଥାଏ। କାରଣ ପେଟ ଖାଲିଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକତାଠାରୁ ଅଧିକ ଖାଇ ହୋଇଯିବା କାରଣରୁ ମେଦବହୁଳତା ଦେଖାଦେଇଥାଏ। ଶରୀରରେ ଅଧିକ ଚର୍ବି ଜମିବା, ମେଦବହୁଳତା ଦେଖାଦେବା ଯୋଗୁ ଅନେକ ସମୟରେ କ୍ୟାନ୍‌ସରର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ।
- ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ଦୀର୍ଘ ସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ।
- ହାର୍ଭାର୍ଡ ୟୁନିଭର୍ସିଟିର ପବ୍ଲିକ୍ ହେଲ୍‌ଥ ଡିପାର୍ଟମେଣ୍ଟ ଦ୍ୱାରା ଦୀର୍ଘ ୬ ବର୍ଷ ଧରି କରାଯାଇଥିବା ଏକ ଗବେଷଣା ମୁତାବକ ବ୍ରେକ୍‌ଫାଷ୍ଟ ନ କରୁଥିବା ଯୁବପିଢ଼ିଙ୍କଠାରେ ଟାଇପ୍ ୨ ଡାଇବେଟିସ୍‌ର ଆଶଙ୍କା ବେଶୀ।



## ବ୍ରେକ୍‌ଫାଷ୍ଟ ସଭିଙ୍କ ପାଇଁ ଆବଶ୍ୟକ



ପ୍ରତ୍ୟେକ ମଣିଷ ପାଇଁ ସନ୍ତୁଳିତ ତଥା ସୁଷମ ଖାଦ୍ୟ ନିହାତି ଆବଶ୍ୟକ। ସକାଳ ଜଳଖିଆଠୁ ଆରମ୍ଭ କରି ରାତ୍ରିଭୋଜନ ପର୍ଯ୍ୟନ୍ତ ସବୁ ଖାଦ୍ୟ ଠିକ୍ ସମୟରେ ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍, କ୍ୟାଲୋରି, ପ୍ରୋଟିନ୍, ମିନେରାଲ୍ସ, କାର୍ବୋହାଇଡ୍ରେଟ୍ ଆଦି ପୋଷକ ତତ୍ତ୍ୱ ମିଳିଥାଏ। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍ ରିପୋର୍ଟ ଅନୁଯାୟୀ, ଦିନର କୌଣସି ଖାଦ୍ୟ ବିଶେଷକରି ବ୍ରେକ୍‌ଫାଷ୍ଟ ମିସ୍ କଲେ ଶରୀରକୁ ଏସବୁ ପୋଷକ ତତ୍ତ୍ୱର ଅଭାବ ହୋଇଥାଏ, ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କାର୍ଯ୍ୟବ୍ୟସ୍ତତା ଭିତରେ କେବେକେବେ ବ୍ରେକ୍‌ଫାଷ୍ଟ ନ କରିପାରିବା ଭିନ୍ନ କଥା, ହେଲେ ଜାଣିଜାଣି କେହିକେହି ସକାଳ ଖାଦ୍ୟ ସ୍କିପ୍ କରିଥା'ନ୍ତି। ଏହାଦ୍ୱାରା ସେମାନଙ୍କଠାରେ ଯଦିଓ କିଛି ପରିମାଣରେ କ୍ୟାଲୋରି କମିଥାଏ ; କିନ୍ତୁ ଏନର୍ଜି କମିବା, ହାଲିଆ ଲାଗିବା, ମୁଣ୍ଡ ବୁଲାଇବା, ଗ୍ୟାସ୍, ଏସିଡିଟି ସହ ଶରୀରରେ ଖାଦ୍ୟ ଅଭାବଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ସେମାନେ ଚାହିଁଲେ ବ୍ରେକ୍‌ଫାଷ୍ଟରେ ଲୋ-କ୍ୟାଲୋରି ଡାଏଟ୍, ପ୍ରୋଟିନ୍ ଏନର୍ଜି ବାର୍, ଲୋ- କ୍ୟାଲେରି ସେକ୍, ଦହି, ଫଳ, ଜୁସ୍, ସ୍ମୁଦି, ହାଇ ଫାଇବର୍ ଟିଫିନ୍ ଆଦି ଖାଇପାରିବେ। ହେଲେ ମନେରଖନ୍ତୁ ବ୍ରେକ୍‌ଫାଷ୍ଟରେ ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ଫ୍ରୋଜେନ୍ ଫୁଡ୍, ହାଇ କ୍ୟାଲେରି ଖାଦ୍ୟ ନ ଖାଇ ଘରୋଇ ସୁଷମ ଖାଦ୍ୟ ଖାଆନ୍ତୁ।

– **ଡା. ଗୁରୁପ୍ରସାଦ ଦାସ**, ସିନିଅର ଡାଏଟିସିଆନ୍, କେୟାର ହସ୍ପିଟାଲ

- ଏହା ମଧ୍ୟ ମାନସିକତାକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ଦିନ ସାରା ଚିଡ଼ିଚିଡ଼ା ଲାଗିବା, ସ୍ମରଣଶକ୍ତି ପ୍ରଭାବିତ ହେବା ଏବଂ କାର୍ଯ୍ୟଦକ୍ଷତା ହ୍ରାସ ପାଇବା ଭଳି ସମସ୍ୟା ଦେଖାଦେଇଥାଏ।
- କେବଳ ଏତିକି ନୁହେଁ, ଏହାଦ୍ୱାରା କେବେକେବେ ଆକସ୍ମିକ ଭାବରେ ବ୍ଲଡ୍‌ସୁଗାର ମାତ୍ରା ହ୍ରାସ୍ ପାଇଥାଏ। ଦେହ ଥରିବା, ମୁଣ୍ଡ ବୁଲାଇ ପଡିଯିବା ଭଳି ଲକ୍ଷଣ ଦେଖାଦିଏ।
- କେଶ ଝଡ଼ିବାର ମଧ୍ୟ ଏହା ଏକ ମୁଖ୍ୟ କାରଣ। କାରଣ ବ୍ରେକ୍‌ଫାଷ୍ଟ ମିସ୍ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ପ୍ରୋଟିନ୍ ମିଳି ପାରି ନ ଥାଏ, ଯାହାକି କେଶରେ ଥିବା କେରାଟିନ୍ ମାତ୍ରା ସହିତ ହେୟାର ଫଲିକ୍ଲସ୍‌ର ବୃଦ୍ଧିକୁ ପ୍ରଭାବିତ କରିଥାଏ।





## ଏ ସପ୍ତାହର ପ୍ରଶ୍ନ

୧– କଳ୍ପସୂତ୍ରର ଲେଖକ ............ ?
୨– ଭାରତର ପ୍ରଥମ ୟୁରାନିୟମ ଖଣି ............... ଠାରେ ପ୍ରତିଷ୍ଠା କରାଯାଇଛି ?
୩– ବ୍ରିଟିଶ୍ କମ୍ପାନୀ ଭାରତର ....... ସହରରେ ସର୍ବପ୍ରଥମେ ନିଜର କାରଖାନା ପ୍ରତିଷ୍ଠା କରିଥିଲା ?
୪– ଆର୍ଜେଣ୍ଟିନାର ଜାତୀୟ ଭାଷା............ ?
୫–କମନ୍‌ୱେଲ୍‌ଥ ଗେମ୍ ........... ମସିହାରେ ଆରମ୍ଭ ହୋଇଥିଲା ?

## ଗତ ସପ୍ତାହର ଉତ୍ତର

୧ ରୁର୍କି
୨ ମିନିଷ୍ଟ୍ରି ଅଫ୍ ହାଉସିଂ ଆଣ୍ଡ ଅର୍ବାନ୍ ଆଫାୟାର୍ସ
୩ ଜିରୋ ଏମିଶନ୍ ଭେହିକିଲ୍।
୪ ସେଲ୍ୟୁଲଏଡ୍
୫ ମୌନା ଲୋଆ।

## ଉତ୍ତରଦାତା


କମଳ ରଞ୍ଜନ ସେଠ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ବିଲ୍ଡିଂ

୧– ବୁର୍ଜ ଖଲିଫା ........ ୮୨୮ ମିଟର
୨– ମେର୍ଡେକା ୧୧୮........ ୬୭୯ ମିଟର
୩– ଶାଙ୍ଘାଇ ଟାୱାର ........ ୬୩୨ ମିଟର
୪– ଆବ୍ରାଜ୍ ଅଲ୍ ବେଟ୍ କ୍ଲକ୍ ଟାୱାର୍........ ୬୦୧ ମିଟର
୫– ପିଙ୍ଗ୍ ଆନ୍ ଇଣ୍ଟରନ୍ୟାଶନାଲ୍ ଫାଇନାନ୍ସ ସେଣ୍ଟର........ ୫୫୯ ମିଟର
୬– ଲୋଟେ ୱାର୍ଲ୍ଡ ଟାୱାର........ ୫୫୫ ମିଟର
୭– ୱାନ୍ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର........ ୫୪୧ ମିଟର
୮– ଗୌଙ୍ଗ୍‌ଝୌ ସିଟିଏଫ୍ ଫାଇନାନ୍ସ ସେଣ୍ଟର........ ୫୩୦ ମିଟର
୯– ତିଆନ୍‌ଜିନ୍ ସିଟିଏଫ୍ ଫାଇନାନ୍ସ ସେଣ୍ଟର........ ୫୩୦ ମିଟର
୧୦– ଚାଇନା ଜୁନ୍........ ୫୨୮ ମିଟର

## ଜାଣନ୍ତୁ ଦୁନିଆ

# ଗଛ

**କୁହାଯାଏ, ବୃକ୍ଷ ଆମର ବନ୍ଧୁ। କାରଣ ଏହାଠାରୁ ଆମେ ଖାଦ୍ୟଠୁ ଆରମ୍ଭ କରି ଜିଇବା ପାଇଁ ଅମ୍ଳଜାନ ପର୍ଯ୍ୟନ୍ତ ଅନେକ ଉପକାର ପାଇଥାଉ। ପରିବେଶ ସୁରକ୍ଷା ଦିଗରେ ଏହାର ବିଶେଷ ଭୂମିକା ରହିଛି। ତେବେ ଜାଣିବା ଗଛ ବିଷୟରେ କିଛି ଜଣାଅଜଣା କଥା...**

– ପୃଥିବୀରେ ପ୍ରାୟ ୬୦ ହଜାର ପ୍ରକାରର ଗଛ ରହିଛି।
– ପୃଥିବୀର ପ୍ରାୟ ୩୦ ଭାଗକୁ ଜଙ୍ଗଲ ଘେରି ରହିଥିଲା। ହେଲେ ଦୁଃଖର କଥା, ୧୨୦୦୦ ବର୍ଷ ପୂର୍ବ ଅପେକ୍ଷା ବର୍ତ୍ତମାନ ଏହାର ପ୍ରାୟ ୪୬ ପ୍ରତିଶତ କମ୍ ବୃକ୍ଷ ପୃଥିବୀ ପୃଷ୍ଠରେ ରହିଛି।
– ପୃଥିବୀରେ ଥିବା ସମୁଦାୟ ଜଙ୍ଗଲରୁ ପ୍ରାୟ ଅଧା କେବଳ ରୁଷିଆ, ବ୍ରାଜିଲ୍, କାନାଡ଼ା, ଆମେରିକା, ଚାଇନା ଆଦି ୫ଟି ଦେଶରେ ରହିଛି।
– ସେହିପରି ସବୁଠୁ କମ୍ ଜଙ୍ଗଲ ରହିଛି ଇଜିପ୍ଟ, ଲିବ୍ୟା ଭଳି ମରୁଭୂମି ଦେଶରେ।
– ବ୍ରାଜିଲ୍‌ରେ ସବୁଠାରୁ ଅଧିକ ପ୍ରଜାତିର ଅର୍ଥାତ୍ ପ୍ରାୟ ୮୭୦୦ ପ୍ରକାରର ବୃକ୍ଷ ଦେଖାଯାଆନ୍ତି।
– ପୃଥିବୀପୃଷ୍ଠରେ ଆବଶ୍ୟକ ହେଉଥିବା ପ୍ରାୟ ୨୦ ପ୍ରତିଶତ ଅମ୍ଳଜାନ ଆମାଜନ ଜଙ୍ଗଲ ଯୋଗାଉଥିବା ବେଳେ ପ୍ରାୟ ୭୦ ଭାଗ ମିଳିଥାଏ ସମୁଦ୍ରରେ ଭାସୁଥିବା ଶୈବାଳରୁ।
– ପାଇନ୍ ଗଛ ହେଉଛି ସବୁଠୁ ସହଜରେ ମିଳୁଥିବା ଗଛ, ଯାହାକି ଆଣ୍ଟାର୍କଟିକା ବ୍ୟତୀତ ଅନ୍ୟ ସବୁ ମହାଦେଶରେ ରହିଛି।
– ସେହିପରି ପେନାନ୍ସିଆ ବେଲିସିଆନା ହେଉଛି ସବୁଠୁ ବିରଳ ପ୍ରଜାତିର ବୃକ୍ଷ, ଯାହାକି ନ୍ୟୁଜିଲାଣ୍ଡର ଏକ ଆଇସ୍‌ଲାଣ୍ଡରେ ମିଳିଥାଏ।
– ମାଞ୍ଚିନିଲ୍ ଗଛ ହେଉଛି ପୃଥିବୀର ସବୁଠୁ ବିଷାକ୍ତ, ଯାହାର ପତ୍ରରୁ ଫଳ, ଫୁଲ, କାଣ୍ଡ ଓ ଚେର ପର୍ଯ୍ୟନ୍ତ ସବୁ ବିଷାକ୍ତ। ଏମିତିକି ଏହାର କାଠକୁ ଜାଳିବା ବେଳେ ନିର୍ଗତ ଧୂଆଁ ହେଉ କିମ୍ବା ଏହାର ପତ୍ରରୁ ଝରୁଥିବା ବର୍ଷାପାଣି ମଣିଷକୁ ମାରିପାରେ।
– କାଲିଫର୍ନିଆରେ ଦେଖାଯାଉଥିବା ୩୮୦ ଫୁଟ୍ ଉଚ୍ଚତା ବିଶିଷ୍ଟ ରେଡ୍‌ଉଡ୍ ପୃଥିବୀର ସବୁଠୁ ଡେଙ୍ଗା ଗଛ ପ୍ରଜାତି ହୋଇଥିବା ବେଳେ ତୁନ୍ଦ୍ରାଞ୍ଚଳରେ ଦେଖାଦେଉଥିବା ୨.୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୱିଲୋ ହେଉଛି ସବୁଠୁ କମ୍ ଉଚ୍ଚତା ଗଛ ପ୍ରଜାତି।
– ତାଳ ଗଛ ବାସ୍ତବରେ ଏକ ବୃକ୍ଷ ନୁହେଁ ବରଂ ବୃହତ୍ ଗୁଳ୍ମ ପ୍ରଜାତି। ସେହିପରି ବାଉଁଶ ମଧ୍ୟ ଗଛ ନୁହେଁ, ବୃହତ୍ ଘାସ ପ୍ରଜାତି।



## ୟୁଥ୍ ଆଲର୍ଟ

# ଜବ୍ ନାଁରେ ଠକେଇ

**ପାଠପଢ଼ା ପରେ ଭଲ ଜବ୍‌ଟିଏ ପାଇବାକୁ ସମସ୍ତଙ୍କର ଲକ୍ଷ୍ୟ। ତେଣୁ ଜବ୍ ଆଶାୟୀ ପ୍ରାର୍ଥୀମାନେ ବିଭିନ୍ନ ସୂତ୍ରରୁ ଜବ୍ ସନ୍ଧାନ କରିଥା'ନ୍ତି। ଆଉ ଏମିତିରେ କୌଣସି ଜବ୍ ଅଫର୍ ପାଇବା ମାତ୍ରେ ବିଳମ୍ବ ନ କରି ଆପ୍ଲାଏ କରିଦିଅନ୍ତି। ହେଲେ ବର୍ତ୍ତମାନ କେତେକ ସଂସ୍ଥା ଜବ୍ ଦେବା ଆଳରେ ଯୁବପିଢ଼ିଙ୍କୁ ଠକୁଥିବାର ଦେଖିବାକୁ ମିଳୁଛି। ତେଣୁ ଜବ୍ ପାଇଁ ଆପ୍ଲାଏ କରିବା ବେଳେ ଠକାମିର ଶିକାର ନ ହେବା ଲାଗି କେତୋଟି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...**



⏭ବର୍ତ୍ତମାନ ଫେକ୍ ଜବ୍ ଅଫର ଦେଇ ଠକିବାର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି ଇ–ମେଲ୍। ତେଣୁ ଇ–ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଙ୍ଗ୍ ଭୁଲ୍ ଥିବା ଡୋମେନ୍ ନେମ୍ ଅବା ଇ–ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।

⏭ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସଙ୍ଗେ ସଙ୍ଗେ ନିଜର ପର୍ସନାଲ୍ ଡାଟା ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ କିମ୍ବା କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଯାଆନ୍ତୁ ନାହିଁ। ନଚେତ୍ ଆପଣ ଠକାମିର ଶିକାର ହୋଇପାରନ୍ତି। ତେଣୁ ସିଧାସଳଖ ଯୋଗାଯୋଗ କରନ୍ତୁ।

⏭ଜବ୍ ଦେବା ପୂର୍ବରୁ ଯଦି କୌଣସି ଜଣାଶୁଣା କମ୍ପାନୀ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।



⏭ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।

⏭ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦେବାକୁ କହି ଅନେକ ଫେକ୍ କମ୍ପାନୀ ଠକିବାର ଚାଲ୍ କରନ୍ତି। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀ ଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନମୁନା ସଂଗ୍ରହ ବୃଦ୍ଧି ପାଇଁ ଏଏଫ୍‌ଆଇର ଅନୁରୋଧ

**ଅମ୍ରିତସର,୨।୧୨(ପି.ଟି.):** ଡୋପିଂ ସମସ୍ୟାକୁ ଦୂର କରିବା ପାଇଁ ନମୁନା ସଂଗ୍ରହ ବୃଦ୍ଧି କରିବାକୁ ନାଡାକୁ ଅନୁରୋଧ କରିଛି ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ(ଏଏଫ୍‌ଆଇ)। ବିଭିନ୍ନ ରାଜ୍ୟସ୍ତରୀୟ ଓ ଜୁନିୟର ପ୍ରତିଯୋଗିତାରୁ ନମୁନା ସଂଗ୍ରହର ପରିମାଣ ବୃଦ୍ଧି କରିବା ଲାଗି ଅନୁରୋଧ କରାଯାଇଛି। ଦେଶରେ ଡୋପିଂକୁ ମୂଳୋତ୍ପାଟନ କରିବାକୁ ହେଲେ ଜୁନିୟର ସ୍ତରରୁ ହିଁ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ ବୋଲି କହିଛନ୍ତି ଏଏଫ୍‌ଆଇ ସଭାପତି ଆଡିଲେ ସୁମେରିୱାଲା। ନାଡାର ଅଧିକାରୀମାନଙ୍କ ସହିତ ଆଲୋଚନା ସମୟରେ ସେ ଏହି ପ୍ରସଙ୍ଗ ଉଠାଇଥିବା କହିଛନ୍ତି। ଏଣିକି ପ୍ରତ୍ୟେକ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ସମ୍ପର୍କରେ ନାଡାକୁ ଆଗୁଆ ସୂଚନା ଦିଆଯିବ। ଫଳରେ ନାଡା ଏହାର ନମୁନା ସଂଗ୍ରହକାରୀ ଟିମ୍‌କୁ ପଠାଇ ସର୍ବାଧିକ ନମୁନା ସଂଗ୍ରହ କରିପାରିବ। ଏହା ଦ୍ୱାରା ଡୋପିଂ ନିଶ୍ଚିତ ଭାବରେ ହ୍ରାସ ପାଇବ ବୋଲି ସୁମେରିୱାଲା କହିଛନ୍ତି। କେବଳ ଟେଷ୍ଟିଂ ନୁହେଁ ଏଏଫ୍‌ଆଇ ପକ୍ଷରୁ ଆଥ୍‌ଲେଟମାନଙ୍କୁ ମଧ୍ୟ ସଚେତନ କରିବାକୁ ପ୍ରୟାସ କରାଯାଉଛି।

## ସାଉଥ୍ ଏସିଆ କରାଟେ

# ଓଡ଼ିଶାର ସୁରୋମିତା, ସୁମନ ଶେଖରଙ୍କୁ ସ୍ୱର୍ଣ୍ଣ



ସୁମନ ଶେଖର ଦାସ



ସୁରୋମିତା ସିହ୍ନା

**ଭୁବନେଶ୍ୱର,୨।୧୨(ସରୋଜ ଜେନା):** ନେପାଳରେ ଅନୁଷ୍ଠିତ ସାଉଥ୍ ଏସିଆ କରାଟେରେ ଓଡ଼ିଆ ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ଓଡ଼ିଶାରୁ ସମୁଦାୟ ୫ ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ସୁରୋମିତା ସିହ୍ନା ଓ ସୁମନ ଶେଖର ଦାସ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। କାଟା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁରୋମିତା ସିହ୍ନା ଓ ୮୪ କିଗ୍ରା ଓଜନ ବର୍ଗରେ ଫାଇଟିଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁମନ ଶେଖର ଦାସ ମଧ୍ୟ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ରବିବାର ଅନ୍ୟ ୩ ଓଡ଼ିଆ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ।

# ଓଡ଼ିଶାରୁ ଭାଗନେବେ ୩ ପ୍ରତିଯୋଗୀ

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରେକିଂ ବା ବ୍ରେକ୍‌ଡ୍ୟାନ୍ସ ଏକ କ୍ରୀଡ଼ା ଇଭେଣ୍ଟଭାବେ ସାମିଲ ହୋଇଛି। ତେଣୁ ଏହାକୁ ନେଇ ଦେଶବ୍ୟାପୀ ଉତ୍ସାହ ପରିଲକ୍ଷିତ ହୋଇଛି। ଜାତୀୟ ସ୍ତରରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନକୁ ନେଇ ଆଗ୍ରହ ବଢ଼ିଛି। ଜାତୀୟ ବ୍ରେକ୍‌ଡ୍ୟାନ୍ସ ଚାମ୍ପିୟନଶିପ୍‌ର ତୃତୀୟ ସଂସ୍କରଣ ମଧ୍ୟପ୍ରଦେଶର ଭୋପାଳସ୍ଥିତ ଏଲଏନ୍‌ସିଟି ୟୁନିଭର୍ସିଟି ପରିସରରେ ଚଳିତ ମାସ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଅଲ୍ ଓଡ଼ିଶା ଡ୍ୟାନ୍ସ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଏକ ଚୟନ ଟ୍ରାଏଲ୍ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଲିଟୁ ଡିଗଲ, ସିଦ୍ଧାର୍ଥ ବେକ୍ ଓ ସ୍ୱପ୍ନଜିତ୍ ଦାସ। ଚୟନ ଟ୍ରାଏଲ୍‌ରେ ମାଷ୍ଟର ବ୍ରେକର ପବିତ୍ର ପଣ୍ଡା ଜଜ୍ ଦାୟିତ୍ୱ ନିର୍ବାହ କରିଥିଲେ।

## ଜାତୀୟ ବ୍ରେକ୍‌ଡ୍ୟାନ୍ସ ଚାମ୍ପିୟନଶିପ୍




ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

ପାଇଁ ମନୋନୀତ ଡ୍ୟାନ୍ସରମାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଧ୍ରୁବ ଚରଣ ବିଷୋୟୀ ଓ ସମ୍ପାଦକ ପାର୍ଥ ସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାପିଟାଲ-କିସ୍ ଫାଇନାଲ



ରାଜୁ ମାରଦିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଆନ୍ତଃ ସ୍କୁଲ ଫୁଟବଲ

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ):** ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ କ୍ୟାପିଟାଲ ହାଇସ୍କୁଲ ଓ କିସ୍ ସ୍କୁଲ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ କ୍ୟାପିଟାଲ ହାଇସ୍କୁଲ ଟାଇବ୍ରେକର ୩-୨ ଗୋଲରେ ୟୁନିଟ-୬ ହାଇସ୍କୁଲକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ରାଧାଶ୍ୟାମ ସାହୁ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ସୁରେଶ ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ କିସ୍ ହାଇସ୍କୁଲ ୪-୦ ଗୋଲରେ କଟକର ସୟଦ ସେମିନାରୀ ସ୍କୁଲକୁ ପରାସ୍ତ କରିଥିଲା। ଅତିଥି ବିବେକାନନ୍ଦ ଦାସ କିସ୍ ସ୍କୁଲର ରାଜୁ ମାରଦିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଜୁନିୟର ମହିଳା ହକି ବିଶ୍ୱକପ୍

# ବେଲଜିୟମଠାରୁ ହାରିଲା ଭାରତ

**ସାଣ୍ଟିଆଗୋ (ଚିଲି), ୨।୧୨ (ପି.ଟି.):** ଅନୁଙ୍କ ଡବଲ୍ ଗୋଲ୍ ସତ୍ତ୍ୱେ ଭାରତ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ଗ୍ରୁପ୍ 'ସି'ରେ ବେଲଜିୟମଠାରୁ ହାରିଯାଇଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମ୍ୟାଚରେ ବେଲଜିମୟ ନୋଆ ସ୍କ୍ୟୁୟର୍ସ (୫ମ ମିନିଟ) ଓ ଫ୍ରାନ୍ସ ଡି' ମଟ୍ (୪୨ତମ)ଙ୍କ ଗୋଲ ସହାୟତାରେ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ତେବେ ପରେ ଅନୁ (୪୭ତମ ଓ ୫୧ତମ) ଦୁଇଟି ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ତନ୍ମଧ୍ୟରୁ ସେ ଗୋଟିଏ ପେନାଲ୍ଟି କର୍ଣ୍ଣର ଏବଂ ଅନ୍ୟଟି ପେନାଲ୍ଟି ଷ୍ଟ୍ରୋକ୍‌ରୁ କରିଥିଲେ। କିନ୍ତୁ ଶନିବାର ଭାରତର ଦିନ ନ ଥିଲା। ଖେଳର ୫୨ତମ ମିନିଟ୍‌ରେ ଅଷ୍ଟ୍ରିଡ୍ ବୋନାମି ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଏକ ଗୋଲ ସ୍କୋର କରି ବେଲଜିୟମକୁ ଜିତାଇଥିଲେ। ସୂଚନାଯୋଗ୍ୟ, କାନାଡା ବିପକ୍ଷରେ ୧୨-୦ଗୋଲ୍‌ରେ ବିଜୟ ହାସଲ କରି ଭାରତ ଟୁର୍ନାମେଣ୍ଟରେ ଭଲ ଆରମ୍ଭ କରିଥିଲା। ମାତ୍ର ପରେ ଜର୍ମାନୀଠାରୁ ୩-୪ ଗୋଲ୍‌ରେ ହାରିଯାଇଥିଲା।

## ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍

# କିଶୋର କ୍ଲବ୍ ବିଜୟୀ



ପପୁ ମାଝି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨।୧୨ (ସରୋଜ ଜେନା)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ଶନିବାର ବିଜୟୀ ହୋଇଛି କିଶୋର କ୍ଲବ୍। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଶନିବାର ଖେଳା ଯାଇଥିବା ମ୍ୟାଚ୍‌ରେ କିଶୋର କ୍ଲବ ୬-୧ ଗୋଲରେ କିସ୍‌କୁ ପରାସ୍ତ କରିଛି। ଗୋଲ ରକ୍ଷକ ଓ ବ୍ୟାକ୍‌ଙ୍କ ମଧ୍ୟରେ ଭୁଲ ବୁଝାମଣାର ସୁଯୋଗ ନେଇ କିସ୍‌ର ବିନୟ ମୁର୍ମୁ ମ୍ୟାଚର ଦ୍ୱିତୀୟ ମିନିଟରେ ଏକ ଗୋଲ ଦେଇଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ କିଶୋର କ୍ଲବ ପ୍ରଥମାର୍ଦ୍ଧରେ ୫ ଗୋଲ ସ୍କୋର କରିଥିଲା। ଭବାନୀ ଶଙ୍କର ବେମାଲ(୧୭), ପପୁ ମାଝୀ(୧୮ ଓ ୨୬), ସୂର୍ଯ୍ୟ ଚୌଧୁରୀ(୩୩) ଓ ଶିବରାମ ମୁର୍ମୁ(୪୩ ମିନିଟ) ରେ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କିସ୍ ସଂଗଠିତ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଭବାନୀ ଶଙ୍କର ବେମାଲ ୭୨ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ସହ କିଶୋର କ୍ଲବ ପକ୍ଷରୁ ଷଷ୍ଠ ଗୋଲ ସ୍କୋର କରିଥିଲେ। ପପୁ ମାଝୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବା' କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା। ଶିବଶଙ୍କର ପଣ୍ଡା ମ୍ୟାଚ ପରିଚାଳନା କରିଥିବା ବେଳେ ଏମ୍ ଏସ୍ ବେଗ ଓ ବିଜୟ ମଙ୍ଗରାଜ ତାଙ୍କୁ ସହଯୋଗ କରିଥିଲେ। ରବିବାର ୟୁନିଟ୍-୬ ଆଥଲେଟିକ ଆସୋସିଏଶନ୍ ଓ ଘାଟିକିଆ ବଜରଙ୍ଗ କ୍ଲବ ମଧ୍ୟରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।


CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ-ସିଟି ସ୍କାନ୍-ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲିସିସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949



MATRIMONIAL

GROOM WANTED

Wanted groom B.Tech 35-38yrs, Govt./Pvt. Job for a beautiful girl by Caste Khajuria (Syala), 35yr., M.Tech, Caste no bar- 8917585202. D-74311

Wanted Brahmin Groom for a beautiful divorce woman, 29yr., B.tech, 5.5" fair, 8637218124. D-74313



REAL ESTATE

SALE

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 6743180297. D-75176

Fully developed residential plots at Dhauli, Balakati, Sundarpada and Rangabazar. Contact: 9438620034. D-1937

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Residential plot for sale gharabari + compound wall + 30 feet road + electricity 7 KM from Nakhara near Pettal English Medium School, 5% Bank interest on 50% cost of land for 5 year's, 12 KM only from BBSR pay 50% & go for registration & take Patta for home construction. Few plots are available cost @ 650per sft. Personal plots no builders. 7809525454.** D-75070

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

**Plot for sale with Gated society near (1) ASBM College, Chandaka, (2) Bikash International School, Kateni Square, (3) Infocity-2, Chhatabar, Bhubaneswar. Cost@ 1300 per Sqft. Contact- 9938867397.** D-1935

**Duplex sale and plot sale near AIIMS Hospital Bhubaneswar. 9777433701.** D-75273

**Plot for sale, plot size-50x40=2000, per sqrft. 3250 near Kesura Chhak Bypass NH Road, up to 100 meters with 5feet. boundary wall. Contact No.- 8328895879 & 7008344856.** D-1923

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

Gharabari Boundary plot sale at- Balianta, Hanspal, Pahal, Benupur and Jaydebpitha @ 350/- 7735940233, 7657095962. D-75275

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




Relax, refresh your body, mind by expert therapist. Contact- 8338800330. D-75175

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Newly open spa positively Heath benefits with expert therapist. 9040286886. D- 75173

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Ashirvaad Salon and SPA get good massage for your health tha best therapy. 7077181074.** D-75069



BUSINESS

Split AC, Gyser, Inverter & home furniture urgent Sale till 8th Dec, 23. Sundarpada, BBSR, Contact: 6370166069. D-1938

AFFIDAVIT

I, Bijay Kumar Mallick, S/o- Late Sukdev Mallick, resident of 5A, Gobinda Sarkar Lane, BOW Bazar, Kolkata, West Bengal, Pin- 700012 declare by this Affidavit No.13AA 479867 Dtd.16.11.2023 that now onwards I shall be known as BIJAYA KUMAR MALLICK for all future purposes. D-1931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Rajanibala Dhal, W/o- Ajay Kumar Dhal, resident of plot No- 578/2804, 577/2805, Niladri Nagar, Jagamara, PS-Khandagiri, Bhubaneswar- 751030, Dist.- Khordha, Odisha declare by this affidavit No- 13 dtd. 02.12.2023 that now onwards I shall be known as Rajani Dhal for all future purposes. D-1930

LEGAL NOTICE

In the Court of the Secretary to R.D.C. (N.D) Sambalpur, In R.P. Case No- 601/2022. Dharmananda Behera, VS. Prafulla Kumar Mishra, & others ଏତଦ୍ୱାରା ପ୍ରଫୁଲ୍ଲ କୁମାର ମିଶ୍ର, ପି:ନିତ୍ୟାନନ୍ଦ ମିଶ୍ର, ସୁଧାକର ମିଶ୍ର, ଯଦୁନାଥ ମିଶ୍ର, ପି. ସତ୍ୟବାଦୀ ମିଶ୍ର, ସା- ସଦାଶିବପୁର, ତହସିଲ- ଓଡାପଡା, ଥା- ଢେଙ୍କାନାଳ ସଦର, ଜି: ଢେଙ୍କାନାଳଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କାମାକ୍ଷାନଗର ତହସିଲ ଅନ୍ତର୍ଗତ ମରାଗାଡ଼ିଆ ମୌଜା: ଖାତା ନଂ. ୨୬ ପ୍ଲଟ୍ ନଂ. ୬୫ ଏ୦.୩୯ ଡେ.ମି. ନିଜନାମେ ରେକର୍ଡ କରାଯିବା ନିମନ୍ତେ ଧର୍ମାନନ୍ଦ ବେହେରା, ପି: ବାଞ୍ଛାନିଧି ବେହେରା, ସା: କୋଟଗରା ଆବେଦନ କରିଅଛନ୍ତି। ଯଦି ଆପଣଙ୍କର କୌଣସି ଅଭିଯୋଗ ଥାଏ ତେବେ ୭ଦିନ ମଧ୍ୟରେ ଜଣାନ୍ତୁ। ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋର୍ଟ ଅଧିକାରୀ ଧ-୧୯୩୨

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ଶଚ୍ଚିନନ୍ଦନ ଦାସ
ଦଇତାପଡ଼ାସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ମାର୍ଗଶିର ଷଷ୍ଠୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
:ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:
ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ଓ ନାତୁଣୀମାନେ
ଧ-୧୯୧୬

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ଡେରାଡୁନ୍‌ଠାରେ ହେବାକୁ ଥିବା ୨ଦିନିଆ ବୈଶ୍ୱିକ ନିବେଶ ସମ୍ମିଳନୀ ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧାମି ନୂଆଦିଲ୍ଲୀଠାରେ ମୋଦିଙ୍କୁ ଏକ ଆକର୍ଷଣୀୟ ଫଟୋଚିତ୍ର ଭେଟି ଦେଉଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୮ ଓ ୯ ଡେରାଡୁନ୍‌ଠାରେ ବୈଶ୍ୱିକ ନିବେଶ ସମ୍ମିଳନୀ ଆୟୋଜନ ହେଉଛି।

# ବେଦାନ୍ତ ଆଲୁମିନିୟମର ୩ୟ ବୈଷୟିକ ମାଷ୍ଟର କ୍ଲାସ୍

**ଭୁବନେଶ୍ୱର,୨।୧୨ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆୟୋଜିତ ୩ୟ ବୈଷୟିକ ମାଷ୍ଟର କ୍ଲାସ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଉକ୍ତ କ୍ଲାସ୍ (କର୍ମଶାଳା) ଏକ୍ସଟ୍ରୁଜନ ଇଣ୍ଡଷ୍ଟ୍ରିରେ ଅଭିନବତା ଓ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଇଥାଏ। ଏପରିକି ମେଟାଲର୍ଜି ଅଫ୍ ଏକ୍ସଟ୍ରୁଜନ ଶୀର୍ଷକ ଅଧିବେଶନରେ ଆମେରିକା, ବ୍ରିଟେନ, ସାଉଦି ଆରବ, ଇଟାଲୀ, ସ୍ପେନ୍, ମେକ୍ସିକୋ, କାତାର, ୟୁଏଇ ଏବଂ ଭାରତରୁ ରେଜିଷ୍ଟ୍ରେଶନ ସହ ୨୦୦ ଅଂଶଗ୍ରହଣକାରୀ ଉକ୍ତ କର୍ମଶାଳାରେ ଯୋଗଦେଇଥିଲେ। ବେଦାନ୍ତ ଆଲୁମିନିୟମ ପାଇଁ ବିଲେଟ ଏକ୍ସଟ୍ରୁଜନ ଉପରେ ସର୍ବଭାରତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାମାନେ ଏହି ଅଧିବେଶନ ପରିଚାଳନା କରିଥିଲେ। ଏଥିରେ ନୂତନ ଜ୍ଞାନର ବିକାଶ, ନୂଆ ପ୍ରୟୋଗ ଓ ବୈଷୟିକ ଜ୍ଞାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଜନ୍ ସ୍ଲାଭେନ

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଗ୍ରାହକଙ୍କ ଗତିଶୀଳ ଆବଶ୍ୟକତାକୁ ଧ୍ୟାନଦେଇ ଆମେ ସାମଗ୍ରୀ ଯୋଗାଇଥାଉ। ଏପରିକି କ୍ରମାଗତ ଭାବେ ଆମ ଉତ୍ପାଦର ଉନ୍ନତି, ଗୁଣବତ୍ତା ପ୍ରତି ଧ୍ୟାନ ଦେବା ସହ ଗ୍ରାହକ ସଶକ୍ତୀକରଣ ପ୍ରତି ମଧ୍ୟ ଆମେ ସଚେତନ ରହିଛୁ। ବେଦାନ୍ତ ଆଲୁମିନିୟମର ବୈଷୟିକ ପରାମର୍ଶଦାତା (ଏକ୍ସଟ୍ରୁଜନ) ଜୋନାଥନ ପାଙ୍ଗବୋର୍ଡ କହିଛନ୍ତି, ମୁଁ ଆଲୁମିନିୟମ ଏକ୍ସଟ୍ରୁଜନକୁ ଆମର ଆଧୁନିକ ଜୀବନରେ ଏକ ପ୍ରମୁଖ ଉପାଦାନ ଭାବେ ଦେଖୁଛି, ଯାହା ଆମର ଅଧିକାଂଶ ଗ୍ୟାଜେଟ, ଯାନ ପ୍ରଭୃତିରେ ଅନ୍ତର୍ଭୁକ୍ତ ହୋଇଛି। ଉକ୍ତ ଜ୍ଞାନ ବାଣ୍ଟିବାର ଆବଶ୍ୟକତା ଉପରେ ଧ୍ୟାନ ଦେଇ ଆମେ ନୂଆ ଶିଳ୍ପପତିମାନଙ୍କୁ ପ୍ରୋତ୍ସାହିତ କରୁଛୁ ଓ ଏକ ସହଭାଗୀ ପ୍ରତିବଦ୍ଧତାକୁ ଉତ୍ସାହିତ କରୁଛୁ। ବେଦାନ୍ତ ଆଲୁମିନିୟମ ହେଉଛି ଭାରତର ଅଗ୍ରଣୀ ଉତ୍ପାଦକ ତଥା ସର୍ବୋଚ୍ଚ ଗୁଣାତ୍ମକ ବିଲେଟ ରପ୍ତାନିକାରୀ, ଯିଏକି ୧ମ, ୩ୟ ଓ ୬ଷ୍ଠ ଆଲୋଇ ସିରିଜ ସହ ବିଭିନ୍ନ ପ୍ରକାର ପସନ୍ଦ ପ୍ରଦାନ କରି ବିଶ୍ୱ ଏକ୍ସଟ୍ରୁଜନ ଶିଳ୍ପକୁ ସେମାନଙ୍କ ଆବଶ୍ୟକତା ଅନୁସାରେ ସାମଗ୍ରୀ ପ୍ରସ୍ତୁତ କରିଥାଏ।

# ଏୟାରଟେଲ୍‌ର ନୂତନ ପ୍ଲାଟ୍‌ଫର୍ମ

**ଭୁବନେଶ୍ୱର,୨।୧୨**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍)ର ନୂତନ ପ୍ଲାଟ୍‌ଫର୍ମ 'ଏୟାରଟେଲ ଆଇକ୍ୟୁ ରିଚ୍'କୁ ନିକଟରେ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି ଦୈନନ୍ଦିନ ବ୍ୟବସାୟିକ କାର୍ଯ୍ୟକଳାପକୁ ଡିଜିଟାଲ ଯୁଗ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଛି। ଏପରିକି ବଢୁଥିବା ପ୍ରତିଯୋଗିତା ଉଦ୍ୟମ ପାଇଁ ବିଶେଷ ଭାବେ ଦୃଢ଼ ଗ୍ରାହକ ସମ୍ପର୍କ ବଜାୟ ରଖିବା ଏବଂ ଉତ୍ପାଦ ଓ ସେବା ବିଷୟରେ ପ୍ରଭାବଶାଳୀ ଯୋଗାଯୋଗ କରିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ଆକାରର ବ୍ୟବସାୟ (ଏସ୍‌ଏମ୍‌ବି) ପାଇଁ ଆହ୍ୱାନ ସୃଷ୍ଟି କରୁଛି। ଉଲ୍ଲେଖଯୋଗ୍ୟ, ଏୟାରଟେଲ ଆଇକ୍ୟୁ ରିଚ୍‌କୁ ଆରମ୍ଭ କରିବା ପାଇଁ ଏୟାରଟେଲ ଆଇକ୍ୟୁ ରିଚ୍‌ର ୱେବ୍‌ସାଇଟ୍ airtel.in/business/b2b/airtel-iq/ କୁ ପରିଦର୍ଶନ କରି ଆଗ୍ରହୀ ଗ୍ରାହକ ସବିଶେଷ ତଥ୍ୟ ପ୍ରଦାନ ସହ ସାଇନ୍ ଅପ୍ କରିପାରିବେ।

# ବ୍ଲିଙ୍କିଟ୍ ସହ ଏନ୍‌ଏସ୍‌ଡିସିର ବୁଝାମଣା

**ଭୁବନେଶ୍ୱର,୨।୧୨**




ଦେଶର ପ୍ରମୁଖ ଘରୋଇ ସଂସ୍ଥା ବ୍ଲିଙ୍କିଟ୍ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଯାଇଛି। ବିଶେଷକରି ରୋଜଗାର ସୃଷ୍ଟି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଉକ୍ତ ବୁଝାମଣା ହୋଇଛି। ସେହିଭଳି ଆପନା ଏବଂ କ୍ୱେସ୍ କର୍ପୋ ସହିତ ଏନ୍‌ଏସ୍‌ଡିସିର ଚୁକ୍ତି ସ୍ୱାକ୍ଷର କରାଯାଇଛି। ଉଲ୍ଲେଖଯୋଗ୍ୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ)ର ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ଏନ୍‌ଏସ୍‌ଡିସି ନିକଟରେ ବ୍ଲିଙ୍କିଟ୍, ଆପନା ଏବଂ କ୍ୱେସ୍ କର୍ପୋ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଫଳରେ ଚାକିରି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ସହ ଭାରତୀୟ ଶ୍ରମିକଙ୍କୁ ସଶକ୍ତ କରାଯାଇପାରିବ। ଏପରିକି ପ୍ରତ୍ୟେକ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବିଭିନ୍ନ ଶିଳ୍ପ ପାଇଁ ସହଜରେ ଉପଲବ୍ଧ କର୍ମଜୀବୀ ସୃଷ୍ଟି କରିବାକୁ ଉକ୍ତ ସହଭାଗିତା ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଡିସିର ସିଇଓ ଏବଂ ଏନ୍‌ଏସ୍‌ଡିସି ଅନ୍ତର୍ଜାତୀୟ ଏମ୍‌ଡି ବେଦ ମଣି ତିୱାରୀ କହିଛନ୍ତି, ବେସରକାରୀ ବ୍ୟବସାୟ ସହିତ ସହଯୋଗ କରି ଏନ୍‌ଏସ୍‌ଡିସି ତାଲିମ ପ୍ରୋଗ୍ରାମଗୁଡ଼ିକ ଡିଜାଇନ ଏବଂ ପ୍ରୟୋଗ କରିଥାଏ, ଯାହା ବିକାଶଶୀଳ ଚାକିରି ବଜାର ଦ୍ୱାରା ଆବଶ୍ୟକ କୌଶଳ ସହିତ ବ୍ୟକ୍ତି ବିଶେଷଙ୍କୁ ସଜ୍ଜିତ କରିଥାଏ। ଏପରିକି ଦକ୍ଷତା ବିକାଶକୁ କାର୍ଯ୍ୟକାରୀ କରିବା ପାଇଁ ସଂଗଠନର ପ୍ରତିବଦ୍ଧତା ଏକ କ୍ୟାଶ କେଡିଂ ପ୍ରଭାବ ପକାଇଥାଏ। ବିଶେଷକରି ଅର୍ଥନୈତିକ ଅଭିବୃଦ୍ଧିକୁ ସକାରାତ୍ମକ ଭାବେ ପ୍ରଭାବିତ କରିଥାଏ ଏବଂ ଭାରତର ବିଭିନ୍ନ କ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ନିଯୁକ୍ତିକୁ ବହୁମାତ୍ରାରେ ବଢ଼ାଇଥାଏ। ଅପରପକ୍ଷରେ ଯେହେତୁ ଭାରତ ସର୍ବଦା ବଦଳୁଥିବା ବିଶ୍ୱର ଗତିଶୀଳତା ସହିତ ମୁକାବିଲା କରୁଛି ଏବଂ ଏହାର ଜନସଂଖ୍ୟା ଗତି ସୁଯୋଗକୁ ବ୍ୟବହାର କରିବାକୁ ଚେଷ୍ଟା କରୁଛି। ତେଣୁ ଏନ୍‌ଏସ୍‌ଡିସି ଦକ୍ଷତା ବିକାଶ ପଦକ୍ଷେପ ଉପରେ ଧ୍ୟାନଦେଇ ସମଗ୍ର ଭାରତରେ ନିଯୁକ୍ତି ସୁଯୋଗକୁ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

# ଟିଏମ୍ ଫୋରମର ପ୍ରଥମ ଇନୋଭେଶନ ହବ୍

Jio

**ଭୁବନେଶ୍ୱର,୨।୧୨**

ରିଲାଏନ୍ସ ଜିଓ ଓ ଟିଏମ୍ ଫୋରମର ମିଳିତ ସହଯୋଗରେ ନଭି ମୁମ୍ବାଇସ୍ଥିତ ରିଲାଏନ୍ସ କର୍ପୋରେଟ୍ ଆଇଟି ପାର୍କଠାରେ ଟିଏମ୍ ଫୋରମ୍‌ର ପ୍ରଥମ ଇନୋଭେଶନ ହବ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆସେଞ୍ଚର, ଟ୍ୟୁସ୍ ଟେଲିକମ୍, ଗୁଗଲ କ୍ଲାଉଡ୍, ଅରେଞ୍ଜ, ଟେଲିନର ଓ ଭୋଡାଫୋନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ଶିଳ୍ପର ପ୍ରଥମ ଧରଣର ଏହି ଇନୋଭେଶନ ହବ୍ ଜେନେରେଟିଭ୍ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ), ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍‌ଏଲ୍‌ଏମ୍) ଓ ଓପନ୍ ଡିଜିଟାଲ୍ ଆର୍କିଟେକ୍ଚର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବ। ଏହାଦ୍ୱାରା ସମଗ୍ର ଶିଳ୍ପଜଗତ ଉପକୃତ ହେବ। ବିଶେଷକରି ଭାରତ ବିଶ୍ୱସ୍ତରୀୟ ସଫ୍ଟୱେର ପ୍ରତିଭାଙ୍କ କେନ୍ଦ୍ରସ୍ଥଳ ହୋଇଥିବାରୁ ପ୍ରଥମ ଇନୋଭେଶନ ହବ୍ ଲାଗି ମୁମ୍ବାଇକୁ ଚୟନ କରାଯାଇଥିଲା। ଉକ୍ତ ହବ୍‌ରେ ଟେଲିକମ୍ ଓ ପ୍ରଯୁକ୍ତି ଶିଳ୍ପର ପ୍ରତିଭାମାନେ ହାଇବ୍ରିଡ୍ ଟିମ୍ ଭାବେ କାମ କରି ଶିଳ୍ପର ଏହି ସବୁଠୁ ବଡ଼ ଆହ୍ୱାନ ଲାଗି ଉପାୟ ଓ ସମାଧାନ ବିକାଶ କରିବେ। ଭାରତରେ ଟିଏମ୍ ଫୋରମ୍‌ର ୩୭,୦୦୦ରୁ ଅଧିକ ସଦସ୍ୟ ରହିଛନ୍ତି।

ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଟିଏମ୍ ଫୋରମ୍ ଇନୋଭେଶନ ହବ୍ ବାସ୍ତବ ଦୁନିଆର ସମାଧାନ ପ୍ରଦାନ କରିବ। ଏହା ଶିଳ୍ପରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆକଳନ କରଯାଉଛି। ଆହ୍ୱାନଗୁଡ଼ିକର ମୁକାବିଲା କରିବା ସହ ଭବିଷ୍ୟତର ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଲାଗି ଉତ୍ତମ ଉପାୟ ବାହାର କରିବା ପାଇଁ ସମଗ୍ର ଶିଳ୍ପଜଗତର ପ୍ରତିଭାମାନଙ୍କୁ ବ୍ୟବହାର କରିବାଠାରୁ ଭଲ ବାଟ ଆଉ କ'ଣ ହୋଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ପ୍ରଥମ ଇନୋଭେଶନ ହବ୍ ଆମର ମୁମ୍ବାଇ କ୍ୟାମ୍ପସରେ ଖୋଲାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। କାରଣ ଆମର ବିଶ୍ୱାସ ରହିଛି ଯେ ନବସୃଜନକୁ ସୁଦୃଢ଼ କରିବା ଲାଗି ମୁମ୍ବାଇ ହେଉଛି ଉପଯୁକ୍ତ ସ୍ଥାନ। ଜିଓ, ଟିଏମ୍ ଫୋରମ୍ ଓ ସମଗ୍ର ଟେଲିକମ୍ ଶିଳ୍ପ ପାଇଁ ଏହା ହେଉଛି ଏକ ଆକର୍ଷଣୀୟ ସମୟ ଏବଂ ଏହା ପ୍ରକଳ୍ପର ଏକ ଅଂଶ ହୋଇଥିବାରୁ ଆମେ ବେଶ୍ ଗର୍ବିତ। ଅପରପକ୍ଷରେ ପ୍ରଥମ ଇନୋଭେଶନ ହବ୍ ଶୁଭାରମ୍ଭକୁ ନେଇ ଟିଏମ୍ ଫୋରମ୍‌ର ଅଧ୍ୟକ୍ଷ ଡ. ଷ୍ଟିଫେନ୍ ରୋହେନ ଓ ସିଇଓ ନିକ୍ ୱିଲେଟ୍ ଉତ୍ସାହ ପ୍ରକଟ କରିଛନ୍ତି।


## NOTICE

No. MM-334:- It is for information of the General public that the following vehicles are involved in transporting of contraband forest produces for which forest offence cases have been registered, as per legal provision confiscation proceeding U/S 56, of Orissa Forest Act, 1972 under trial.

The name and address of the registered owners of some seized vehicles are could not be ascertained by the Regional Transport Authorities despite attempts of several reminders made by the Authorized Officers of Ghumsur South Division, Bhanjanagar. As well as some motor vehicles of Regd. No., some vehicles of Engine Numbers & Chassis Numbers are also not visible.

And, as per received from R.T.O information of the owner details of some seized vehicles, this office has issued a show cause notice to the concern Regd. Owners for submission his representation/claim with substantial proof before the Authorized Officers of Ghumsur South Division, Bhanjanagar for necessary action. But no response has been received in this regard from date of receipt till date to this office.

Further, no claim has been made for the seized vehicles before the Authorized Officers of Ghumsur South Division, Bhanjanagar till yet. Hence, anybody having property rights over the following seized vehicles are hereby invited to file representation/claim petition with substantial proof before the Authorized Officers of Ghumsur South Division, Bhanjanagar **within one month** from the date of publication of this Notice in failing which the seized vehicles along with the seized forest produce will be confiscated to the Govt. & no further claim shall be entertained.

| Sl No. | Case No. with the name of Range | Name of the vehicle with Regd. Number. | Date of seizure |
|---|---|---|---|
| 1. | UD Case No. 55 of 2014-15 of Badagada Range | Maruti Omini Regd. No.OR-07C-0667 | 24.12.2014 |
| 2. | OR Case No. 07 of 2015-16 of Badagada Range | Ashok Leyland Regd. No.OD-07D-9635 & Passion Pro Motor Cycle Regd. No.OD-07D-6997 | 14.08.2015 |
| 3. | UD Case No. 23 of 2020-21 of Aska Range. | TATA EX Pick up Regd. No.OR-02F-8813 | 25.01.2021 |
| 4. | UD Case No. 55 of 2020-21 of Polosara Range. | TATA ACE Regd. No.OR-07Y-3182 | 04.01.2021 |
| 5. | UD Case No. 90 of 2020-21 of Badagada Range | TATA 407 Turbo Mini Truck Regd. No.OR-07G-0111 | 05.03.2021 |
| 6. | UD Case No. 93 of 2020-21 of Buguda Range | TVS XLMotor Cycle Regd. No.OR-07R-6749 | 24.10.2020 |
| 7. | OR Case No. 162 of 2020-21 of Polosara Range | BAJAJ Dala Auto Regd. No. NIL Hero Honda Splendor Plus Regd, No.JH-10-1408 Hero Honda Splendor plus Regd. No.OR-07E-6721 | 15.10.2020 |
| 8. | OR Case No. 176 of 2020-21 of Polosara Range | Tractor & Trolly Regd. No. NIL, Engine No. S324A94350 & Chassis No. 0I9086IMO1PQ10150002 | 07.11.2020 |
| 9. | OR Case No. 291 of 2020-21 of Polosara Range | TATA ACE Regd. No.AP-30W-4832 | 19.02.2021 |
| 10. | OR Case No. 413 of 2020-21 of Buguda Range | TATA 407 Mini Truck Regd. No.OR-07B-1682 | 11.11.2020 |
| 11. | OR Case No. 302 of 2020-21 of Aska Range | TATA 407 Mini Truck Regd. No.OR-07C-4777 | 16.05.2020 |
| 12. | OR Case No. 01 of 2021 -22 of Polosara Range | Atul Dala Auto Regd No.OD-32B-4978 | 08.04.2021 |
| 13. | OR Case No. 22 of 2021-22 of Buguda Range | Hero Honda Splendor Regd. No.OR-02F-6601 | 21.04.2021 |
| 14. | UD Case No. 39 of 2021-22 of Buguda Range | Hero Honda Super Splendor Regd. No. OR-07P-6182 | 23.12.2021 |
| 15. | OR Case No. 40 of 2021-22 of Aska Range | Passenger Auto Regd. No.OD-07B-3273 | 01.06.2020 |
| 16. | OR Case No. 41 of 2021-22 of Aska Range | Bolero Max Pickup Regd. No.OD-20-2050 | 22.10.2020 |
| 17. | OR Case No. 43 of 2021-22 of Aska Range | Bolero Pick-up Regd. No. OR-06K-0706 | 09.11.2021 |
| 18. | OR Case No. 86 of 2021-22 of Badagada Range | Glamour Motor Cycle Regd. No.OD-32E-9097 | 05.08.2021 |
| 19. | OR Case No. 183 of 2021 -22 of Polosara Range | Mahindra Bolero Regd. No.OD-02AS-1070 | 04.10.2021 |
| 20. | OR Case No. 217 of 2021-22 of Surada Range | TATA 407 Mini Truck Regd. No.OR-07A-8124 | 31.12.2021 |
| 21. | OR Case No. 268 of 2021-22 of Polosara Range | TATA ACE Regd. No.OR-05AQ-4858 | 21.12.2021 |
| 22. | OR Case No. 274 of 2021-22 of Aska Range | Max Pickup Van Regd. No.OR-05Y-9174 & 207 Pickup Van Regd. No.OR-07N-4571 | 08.01.2022 |
| 23. | UD Case No. 31 of 2022-23 of Surada Range | Bolero Pickup FB 1.7 TXL Regd. No.OD-07AB-3361 | 17.10.2022 |
| 24. | UD Case No. 02 of 2022-23 of Polosara Range | Mahindra Tractor Regd. No.OR-07E- 4470 & trolley Regd. No.OR-07E-4471 | 01.05.2022 |
| 25. | UD Case No. 03 of 2022-23 of Polosara Range | Dala Auto Regd. No.OD-33N-3577 | 01.05.2022 |
| 26. | UD Case No. 20 of 2022-23 of Buguda Range | Mahindra Tractor & Trolly Regd. No.NIL Chassis No.05557367RI | 27.12.2022 |
| 27. | UD Case No. 25 of 2022-23 of Polosara Range | Sonalika Tractor & Trolley Regd. No. NIL Chassis No.9400030651 Engine No. L01065A27216 | 04.02.2023 |
| 28. | OR Case No. 164 of 2022-23 of Aska Range | Pick up Van Regd. No.OR-07N-4541 | 10.12.2022 |
| 29. | OR Case No. 178 of 2022-23 of Badagada Range | Tata ACE Regd. No.OD-32D-6285 | 24.09.2022 |
| 30. | OR Case No. 276 of 2022-23 of Polosara Range | MAX Pick up Van Regd. No.OR-07P-1904 | 20.12.2022 |
| 31. | UD Case No. 27 of 2022-23 of Polosara Range | Tractor Regd. No.OR-07J-8861 & Trolley Regd. No.OR-07J-8862 | 27.03.2023 |
| 32. | OR Case No. 345 of 2022-23 of Polosara Range | TATA ACE Regd. No.OD-07J-0413 | 24.02.2023 |
| 33. | UD Case No. 15 of 2023-24 of Polosara Range | Mahindra Bolero Pickup Regd. No.OR-02BD-4165 | 13.09.2023 |
| 34. | OR Case No. 92 of 2023-24 of Buguda Range | Tractor Regd. No.OR-07Q-3612 & Trolley Regd. No.OR-07Q-3613 | 25.11.2021 |
| 35. | UD Case No. 02 of 2023-24 of Badagada Range | TATA 407 Mini Truck Regd. No.OR-02H-6538 | 30.08.2023 |
| 36. | UD Case No. 01 of 2023-24 of Badagada Range | TATA ACE Regd. No.OR-07W-1315 | 27.08.2023 |
| 37. | UD Case No. 03 of 2023-24 of Badagada Range | Maruti Omini Regd. No.OR-02AG-0019 | 13.09.2023 |
| 38. | UD Case No. 01 of 2023-24 of Polosara Range | Mahindra Tractor Regd No.OR-07W-2849 & Trolley No. NIL | 19.04.2023 |
| 39. | UD Case No. 03 of 2023-24 of Polosara Range | Tractor Regd. No.OD-07R-5456 & Trolley No.-NIL | 08.05.2023 |
| 40. | UD Case No. 04 of 2023-24 of Polosara Range | Dala Auto Regd. No.OR-07J-5910 | 24.05.2023 |
| 41. | UD Case No. 19 of 2023-24 of Surada Range | Tata 407 Mini Truck Regd. No.OR-07B-0737 | 23.09.2023 |
| 42. | OR Case No. 29 of 2023-24 of Buguda Range | TATA Magic Regd. No.OD-25-3429 | 14.05.2023 |
| 43. | OR Case No. 131 of 2023-24 of Badagada Range | TATA ACE Regd. No.OR-07U-0634 | 16.10.2023 |
| 44. | U D Case No. 10 of 2023-24 of Badagada Range | Maruti Omini Regd. No.OR-07M-7112 | 18.10.2023 |

Sd./- Divisional Forest Officer,
Ghumsur South Division, Bhanjanagar, Ganjam

OIPR-08051/11/0004/2324



## GOVERNMENT OF ODISHA
## HIGHER EDUCATION DEPARTMENT
## (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2023-24)

**No.N-105:** The Higher Education Department, Government of Odisha invites online application for award of scholarship under Mukhyamantri Medhabi Chhatra Protsahan Vojana- Higher Education scheme for the year 2023-24 from eligible students of Odisha who are pursuing general courses, i.e. UG (+3) courses, PG Courses and Technical & Professional Courses in SAMS and Non-SAMS institutions (i.e. UGC/AICTE/MCI affiliated Universities/Management,Engineering, Medical & .other Technical institutions) inside and outside Odisha.

**Students can apply for scholarships under URLwww.scholarship.odisha.gov.in** Detailed guidelines along with the eligibility criteria are also available at the State Scholarship Portal of the Higher Education Department under URL www.scholarship.odisha.gov.in.

The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | No. of Scholarship | Rate of Scholarship per year | Amount of Scholarship to be paid during the whole duration of the course | Remarks |
|---|---|---|---|---|---|
| 1 | e-Medhabruti Scholarship | | | | |
| a. | UG Merit (3 year Degree Course) | 10,000 | Rs.10,000/- | Rs.30,000/- (for 3 years) | |
| b. | PG Merit (2 year course) | 5,000 | Rs.15,000/- | Rs.30,000/- (for 2 years) | |
| c. | Technical & Professional Merit | 10,000 (details streamwise break-up is available on the website | Rs.20,000/- | (Rs.20,000) x (course duration) (Example: for 4 years Engineering courses, Rs.80,000/- will be paid) | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| 2. | Vyasakabi Fakir Mohan Bhasabruti Scholarship | 1,200 (students studying in UG with Odia Honours) 300 (Students studying in PG in Odia) | Rs.20,000/- only once for the entire duration of the course | Rs.20,000/- | |
| 3. | Gopabandhu Sikhya Sahayata Yojana (Both Fresh and Renewal) | | Rs.20,000 | (Rs.20,000) x (Course duration) (Example:- for 3 years +3/Degree courses, Rs.60,000/- will be paid) | Eligible students will get GSSY scholarship irrespective of getting any other scholarship |

NB:(1) Aadhaar is made mandatory for availing scholarship.Please provide correct Aadhaar number of self in the Online Application form. In case it is found that Aadhaar number provided by the student is wrong or is not his/her the application is liable to be rejected. (2) Applicants have to be very careful while furnishing their Bank Account Information in the specified box of the Online Application. Any wrong entry or mismatch of the Savings Bank Account and IFSC Code this Department will not be held responsible for mis-credit/ no credit.

**Scheduled Timeline for Online Application**

| | | |
|---|---|---|
| 01 | Opening date of Online Application for students | 02.12.2023 |
| | Last date of Online Application for students | 31.12.2023 |
| 02 | Validation of students record by Principal/ Head of the Institution | 02.12.2023 to 15.01.2024 |
| 03 | Validation of students record by DWO (only for GSSY) | 02.12.2023 to 31.01.2024 |

**ELIGIBILITY CONDITIONS AND DOCUMENTS TO BE UPLOADED**

- Please see the concerned Guidelines and Bank related Advisory.

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of Sanjog Helpline (Toll Free) Number 155335/ 18003456770 or e-mail on scholarshiped@gmail.com

OIPR-11001/11/0048/2324 — Sd./- Joint Secretary to Government



GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No. A-908 — 'e' Procurement Notice No. ACECIC - 20/2023-24

| Procurement Officer | Bid Identification No. | Name of Work | Cost of Work (Rs. in lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding From | To | Date of Openign of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NID - 13/ 2023-24 | C.C. Lining to Nimapara Branch Canal from RD.0.00 Km to 3.10 Km. | 820.78 | 820800/- (Online) | 10000/- (Online) | "A" & "Special" Class | 02.12.2023 at 10.00 hours | 16.12.2023 at 17.00 hours | 18.12.2023 at 11.00 hours | 12 (Tweleve Calendar Months) |

e-mail ID: **secic_dowr@yahoo.com**
Further details conditions can be seen from Govt. website **www.tenderodisha.gov.in**
OIPR-32160/11/0025/2324 — Sd./- Additional Chief Engineer, Central Irrigation Circle



## GOVERNMENT OF ODISHA
E-mail:eerw_blgr@yahoo.co.in
## OFFICE OF THE EXECUTIVE ENGINEER
## RURAL WORKS DIVISION, BOLANGIR
No.O-1686
## e-Procurement Notice
## IFB IDENTIFICATION NO. EEBLGR-Online-13/2023-24

| | | | |
|---|---|---|---|
| 1. | Name of work | : | Building Works |
| 2. | Total No. of works | : | 4 (Four) Nos. |
| 3. | Approximate Estimated Cost | : | Rs.3.82 Lakh to 11.45 Lakh |
| 4. | Time for completion | : | 1 (One) Calendar month |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follows | : | As per TCN No. **EEBLGR-Online-13/2023-24** |

| Procurement Officer | Bid Identification No. | Availability of Tender online for bidding From | To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Division, Bolangir | EEBLGR-online-13/ 2023-24 | 7.12.2023 at 11.00 A.M. | 22.12.2023 upto 5.00 PM | 21.12.2023 upto 1.00 PM | 26.12.2023 at 11.00 AM |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e-tender website only.

OIPR-25068/11/0020/2324 — Sd./- Executive Engineer, R.W. Division, Bolangir

# ଭିନ୍ନ ଏକ ଗିରିଗୋବର୍ଦ୍ଧନ: ବୀରଖମ୍ଭ ପାହାଡ଼

ପୁରାଣରେ ବର୍ଣ୍ଣିତ ରହିଛି ଦ୍ୱାପରଯୁଗରେ ଭଗବାନ ଶ୍ରୀକୃଷ୍ଣ ଗୋପପୁରବାସୀଙ୍କୁ ଦେବରାଜ ଇନ୍ଦ୍ରଙ୍କ ବଦଳରେ ଗିରିଗୋବର୍ଦ୍ଧନ ପାହାଡ଼କୁ ପୂଜାର୍ଚ୍ଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାକୁ ମାନି ଗୋପପୁରବାସୀ ଦେବରାଜ ଇନ୍ଦ୍ରଙ୍କ ବଦଳରେ ଗିରିଗୋବର୍ଦ୍ଧନକୁ ପୂଜାକଲେ। ଏଥିରେ ରାଗିଯାଇ ଇନ୍ଦ୍ର ପ୍ରବଳ ଝଡ଼ତୋଫାନ କଲେ। ଏହି ସମୟରେ ଗିରିଗୋବର୍ଦ୍ଧନ ସମସ୍ତଙ୍କୁ ସୁରକ୍ଷା ଓ ଆଶ୍ରୟ ଦେଇଥିଲେ। ସେପରି ଏକ ଗିରିଗୋବର୍ଦ୍ଧନ ରହିଛି କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳରେ। ଏହା ବୀରଖମ୍ଭ ପାହାଡ଼ ନାମରେ ପରିଚିତ।

ବୈପାରିଗୁଡ଼ାର ଅନତି ଦୂରରେ ରହିଛି ୨ଟି ପାହାଡ଼। ଦକ୍ଷିଣରେ ରହିଛି ବୀରଖମ୍ଭ ପାହାଡ଼। ଅନ୍ୟଟି ଡାଲଖାଇ ପାହାଡ଼ ନାମରେ ପରିଚିତ। ବୀରଖମ୍ଭ ପାହାଡ଼ ସ୍ଥାନୀୟ ଆଦିବାସୀ ଲୋକଙ୍କ ଆରାଧ୍ୟ ଦେବତା ଭଗବାନ ବୀରଖମ୍ଭ ଠାକୁରଙ୍କ ଆସ୍ଥାନ ସ୍ଥଳ। ଏହି ୨ ପାହାଡ଼ ସ୍ଥାନୀୟ ଅଞ୍ଚଳର ଜଳବାୟୁକୁ ନିୟନ୍ତ୍ରଣ କରେ। ଏହା ହେଉଛି ପାହାଡ଼ର ବିଶେଷ ଗୁଣ। ପାହାଡ଼ିଆ ଅଞ୍ଚଳ ଯୋଗୁ ଏଠାରେ ଚାଷ କାର୍ଯ୍ୟ କେବଳ ବର୍ଷା ଉପରେ ନିର୍ଭରକରେ। ଏହି ୨ ପାହାଡ଼ ହେତୁ ଏଠାରେ ବର୍ଷାଋତୁରେ ଭଲ ବର୍ଷା ହେଉଥିବା ଏବଂ ମରୁଡ଼ି କିମ୍ବା ବନ୍ୟା ହେଉ ନ ଥିବା ଲୋକଙ୍କ ବିଶ୍ୱାସ ରହିଛି। ବର୍ଷାଋତୁରେ କଳାବାଦଲ ପାହାଡ଼ ଶିଖରକୁ ସ୍ପର୍ଶକଲେ ବର୍ଷା ହୋଇଥାଏ। ଖରାଦିନେ ପାହାଡ଼ ପଟୁ ଆସୁଥିବା ଥଣ୍ଡା ପବନ ଏଠାକାର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ।

ବୀରଖମ୍ଭ ପାହାଡ଼ର ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ଶିଆଳିଲତା ତଳେ ଭଗବାନ ବୀରଖମ୍ଭଙ୍କ ଆସ୍ଥାନ ସ୍ଥଳ ରହିଛି। ପ୍ରତି ମଙ୍ଗଳବାର ଓ ଶୁକ୍ରବାର ସ୍ଥାନୀୟ ଭୂମିଆ ସମ୍ପ୍ରଦାୟର ଆଦିବାସୀ ପୂଜକମାନେ ଏଠାରେ ପୂଜା କରିଥାନ୍ତି। ବୀରଖମ୍ଭଙ୍କ ମହିମା ଅପାର। ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ରୁ ଶ୍ରଦ୍ଧାଳୁମାନେ ଏଠାକୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଧାନଚାଷ କରିବା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଏଠାରେ ବିହନ ଅନୁକୂଳ କରିଥାନ୍ତି। ପ୍ରତିବର୍ଷ ଭାଦ୍ରବ ମାସରେ ଏଠାରେ କୃଷିଭିତ୍ତିକ ପର୍ବ ବାଲିଯାତ୍ରା ପାଳିତ ହୋଇଥାଏ। ଠାକୁରଙ୍କ ପ୍ରତୀକ ଲାଠି ନଗର ପରିକ୍ରମା କରିବା ପରେ ବାଲିକୁଡ଼ିଆ ନିକଟରେ ପହଞ୍ଚିଥାଏ। ସେଠାରେ ବାଲିରେ ଥିବା ଅଙ୍କୁରିତ ବିହନକୁ ଲାଠି ନିକଟରେ ପୂଜାକରି କ୍ଷେତରେ




**ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ ୨ ପାହାଡ଼**

**ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ**

**ମଙ୍ଗଳବାର,ଶୁକ୍ରବାର ଭୂମିଆ ଆଦିବାସୀ ପୂଜକ ପୂଜା କରିଥାନ୍ତି**

ପକାଇଲେ ଭଲ ଫସଲ ଅମଳ ହେବାର ବିଶ୍ୱାସ ଚାଷୀଙ୍କର ରହିଛି। ସେହିପରି ପ୍ରତି ୩ ବର୍ଷରେ ଥରେ ଗୁମ୍ମା ଗ୍ରାମର ଆଦିବାସୀ ଲୋକେ ପାହାଡ଼କୁ ଯାଇ ମେରିଆ ପୂଜା କରିଥାନ୍ତି। ରାତିରେ ପୂଜକ ନିବସ୍ତ୍ର ଅବସ୍ଥାରେ ପାହାଡ଼ ଉପରକୁ ଯାଇ ଛାଗବଳି ଦେଇଥାନ୍ତି।

ଭଗବାନ ବୀରଖମ୍ଭକୁ ନେଇ ମଧ୍ୟ ଏକ ସୁନ୍ଦର କାହାଣୀ ମଧ୍ୟ ଉକ୍ତ ଅଞ୍ଚଳରେ ଶୁଣିବାକୁ ମିଳିଥାଏ। ବହୁ ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଆଦିବାସୀ ଯୁବକ ଚୈତ୍ରପର୍ବ ପାଳନ ବେଳେ ଶିକାର ପାଇଁ ଉକ୍ତ ଜଙ୍ଗଲକୁ ଯାଇଥିଲେ। ସେଦିନ କୌଣସି ଶିକାର ନ ମିଳିବାରୁ ନିରାଶ ହୋଇ ସେମାନେ ସେହି ଶିଆଳିଲତା ତଳେ ଆଶ୍ରୟ ନେଇଥିଲେ। ନିକଟରେ ଥିବା ଏକ ଶିଳା ନିକଟରେ ଯଦି ଶିକାର ମିଳେ ଉକ୍ତ ଶିଳା ନିକଟରେ ଏକ ଛାଗବଳି ଦେବାକୁ ସେମାନେ ମନାସିଥିଲେ। ସେମାନଙ୍କ ମାନସିକ ପୂରଣ ହୋଇଥିଲା। ତେବେ କୌତୂହଳବଶତଃ ଜଣେ ଅନ୍ୟ ଜଣକର ବେକକୁ ଏକ ଡାବ ପତ୍ର (ଧାରୁଆ ପତ୍ର)ରେ କାଟିବା ଅଭିନୟ କଲା ବେଳେ ସତକୁ ସତ ବେକ କଟିଗଲା। ସେବେଠାରୁ ଉକ୍ତ ଶିଳାକୁ ଏଠାରେ ପୂଜାର୍ଚ୍ଚନା କରାଯାଉଛି।

**ରିପୋର୍ଟ– କଳ୍ପତରୁ ମହାନ୍ତି, ବୈପାରିଗୁଡା**

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଉପଲକ୍ଷେ ଉଦଳା ବ୍ଲକ ଅଧୀନରେ ଥିବା ସମସ୍ତ ପଞ୍ଚାୟତବାସୀଙ୍କ ସମେତ ଉଦଳା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ରଜନୀ ଦାସ (ଲିଟୁ)
ଉପାଧ୍ୟକ୍ଷ
ଉଦଳା ବ୍ଲକ, ଉଦଳା, ମୟୂରଭଞ୍ଜ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ପ୍ରସନ୍ନ ଦାସ
ଅଧ୍ୟକ୍ଷ, ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ଲାଠୋର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ଅଚ୍ୟୁତାନନ୍ଦ ସାହୁ
ଶିକ୍ଷକ
ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କରୁଆଁଖର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ପବିତ୍ର ଆୟୁର୍ବେଦ
ବୈଦ୍ୟ ଶ୍ରୀ ପବିତ୍ର ବେହେରା
ଡି.ଏନ୍.ୱାଇ.ଏସ୍. ଏଣ୍ଡ ସି.ଏମ୍.ଏସ୍.ଇ.ଡି., ଲାଠୋର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
କିଶୋର ପୁଟେଲ
ଶାଖା ପରିଚାଳକ, ବିଡିସିସିବି, ଲାଠୋର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ସମ୍ବିତ ଭୋଇ
ଶ୍ରୀ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଲାଠୋର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
କୁଳମଣି ଧରୁଆ
ପ୍ରଧାନ ଶିକ୍ଷକ
ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝୁନାମୁଦି

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଉପଲକ୍ଷେ ଉଦଳା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରମିଳା ପଣ୍ଡା
ଅଧ୍ୟକ୍ଷା
ଉଦଳା ଏନ୍.ଏ.ସି., ମୟୂରଭଞ୍ଜ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ଭୂଗୋଳ ବନଗୁଲା
ଅଧ୍ୟକ୍ଷ
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳପଡ଼ା

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ଶୈଳେଶ କୁମାର ବିଶି
ବନାଞ୍ଚଳ ଅଧିକାରୀ, ଲାଠୋର ବନାଞ୍ଚଳ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ତଥା ଦିନ ଦୁଃଖୀ ଗରିବଙ୍କ ସ୍ୱର ହୋଇ ଚିରଦିନ ପାଇଁ ରହୁ।
ମାଧବ ଶବର
ପ୍ରଧାନ ଶିକ୍ଷକ
ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟଙ୍କପାଣି

ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
B.K STONE CARVING CO-OP SOCIETY LTD.
NH 16, SORO, BALASORE

ଅଭିନନ୍ଦନ
ଦୈନିକ ଖବରକାଗଜ 'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ମୋରଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ପାଠକ ପାଠିକାଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ତରୁଣ କୁମାର ଦେ
(ଦେବୁ ଭାଇ)
ଯୁବ ସମାଜସେବୀ
ମୋରଡ଼ା ନିର୍ବାଚନମଣ୍ଡଳୀ

'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁରେନ୍ଦ୍ର ସିଂ ଭୋଇ
ପୂର୍ବତନ ମନ୍ତ୍ରୀ
ମୋନିକା ସିଂ ଭୋଇ
ବ୍ଲକ ଅଧ୍ୟକ୍ଷା, ସଇଁତଲା

ଧରିତ୍ରୀ ର ୫୦ତମ ଜନ୍ମବାର୍ଷିକ ଅବସରରେ ସମସ୍ତ ପାଠକ ଓ ପାଠିକା ମାନଙ୍କୁ ଶ୍ରୀରାମ ରେସିଡେନସିଆଲ କଲେଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅନେକ ଅନେକ ଶୁଭେଚ୍ଛା।
SRIRAM GROUP OF INSTITUTIONS 2013
Eng. Indrajeet Kumar Dey
(Chairman)
Sriram Group of Institutions
Soro, Balasore
+2 Science & +3 Science

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଉପଲକ୍ଷେ ଉଦଳାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଧନେଶ୍ୱର କିସ୍କୁ
କନିଷ୍ଠ ଯନ୍ତ୍ରୀ
ଉଦଳା ଏନ୍.ଏ.ସି., ଉଦଳା, ମୟୂରଭଞ୍ଜ

ବିଜୁ ଜନତା ଦଳ
ଦୀର୍ଘ ୫୦ ବର୍ଷର ଜୟ ଯାତ୍ରା, ଖବର ପରିବେଷଣର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଢେର ସାରା ଶୁଭେଚ୍ଛା.
ପ୍ରଭୁ ଜଗନ୍ନାଥ "ଧରିତ୍ରୀ" ର ଚଲାପଥ ସଦା କୁସୁମିତ କରନ୍ତୁ
ଶୁଭ ଅଭିନନ୍ଦନ
ଶ୍ରୀଯୁକ୍ତ ପର୍ଶୁରାମ ଧଡ଼ା
ବିଧାୟକ ସୋର

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଓଡ଼ିଆ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏସନ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା।
ସଞ୍ଜୟ ଲାଠ
ସମ୍ପାଦକ
ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏସନ, ଓଡ଼ିଶା

# ଓମେନ୍ସ ପ୍ରିମିୟର ଲିଗ୍ ନିଲାମି ୯ରେ

ମୁମ୍ବାଇ,୨।୧୨(ପି.ଟି.): ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମି ଆସନ୍ତା ୯ ତାରିଖରେ ମୁମ୍ବାଇରେ ଅନୁଷ୍ଠିତ ହେବ। ଏଥିପାଇଁ ୧୬୫ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଛି। ଡବ୍ଲ୍ୟୁପିଏଲ୍ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ହେବ। ପଞ୍ଜୀକୃତ ଖେଳାଳିଙ୍କ ମଧ୍ୟରେ ୧୦୪ ଭାରତୀୟ ଓ ୬୧ ବିଦେଶୀ ଖେଳାଳି ଅଛନ୍ତି। ବିଦେଶୀଙ୍କ ମଧ୍ୟରେ ସହଯୋଗୀ ରାଷ୍ଟ୍ରର ୧୫ କ୍ରିକେଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୬ ଜଣ ସେମାନଙ୍କ ଦେଶ ତରଫରୁ ଖେଳିଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶନିବାର ପ୍ରକାଶ କରାଯାଇଛି। ୫ଟି ଦଳରେ ସର୍ବାଧିକ ୩୦ଟି ସ୍ଥାନ ଖାଲି ରହିଛି। ତନ୍ମଧ୍ୟରୁ ୯ଟି ବିଦେଶୀଙ୍କ ପାଇଁ ସଂରକ୍ଷିତ ରହିଛି। ଅଷ୍ଟ୍ରେଲିଆ ଅଲରାଉଣ୍ଡର ଆନାବେଲ୍ ସଦରଲାଣ୍ଡ ଓ ଜର୍ଜିଆ ୱାରେହାମ୍, ଇଂଲିଶ ଉଇକେଟକିପର ଆମି ଜୋନ୍ସ ଏବଂ ଭେଟେରାନ ସାଉଥ ଆଫ୍ରିକାନ ପେସ୍ ବୋଲର ସବନିମ ଇସ୍‌ମାଇଲ ପ୍ରମୁଖ କେବଳ ୪ ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ୪୦ ଲକ୍ଷ ଟଙ୍କା ରହିଛି। ଭାରତୀୟ ମହିଳା ଟି୨୦ ଲିଗ୍‌ରେ ଭାଗ ନେଉଥିବା ୫ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଜାଏଣ୍ଟ୍ସ, ୟୁପି ୱାରିଅର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ ମୋଟ ୩୦ ସ୍ଥାନ ଖାଲି ରହିଛି। ତନ୍ମଧ୍ୟରୁ ୯ଟି ବିଦେଶୀ ଖେଳାଳିଙ୍କ ଲାଗି ସଂରକ୍ଷିତ ରହିଛି। ୨୧ ବିଦେଶୀ ଖେଳାଳିଙ୍କ ସମେତ ମୋଟ ୬୦ଜଣ ଖେଳାଳି ଏହି ୫ଟି ଦଳରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଦଳରେ ୧୦ଟି ସ୍ଥାନ ପୂରଣ କରିବା ଲାଗି ଜାଏଣ୍ଟ୍ସ ଦଳ ନିକଟରେ ସର୍ବାଧିକ ଅର୍ଥ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ୩ଟି ସ୍ଥାନ ପୂରଣ କରିବାକୁଥିବା ବେଳେ ହାତରେ ରହିଛି ୨.୨୫କୋଟି ଟଙ୍କା। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ୫ଟି ସ୍ଥାନ ଖାଲି ରହିଥିବା ବେଳେ ପାଖରେ ରହିଛି ୨.୧ କୋଟି ଟଙ୍କା। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଖରେ ୩.୩୫ କୋଟି ଟଙ୍କା ରହିଥିବା ବେଳେ ଦଳ କ୍ରୟ କରିବ ୭ ଜଥଣ ଖେଳାଳି। ନିଲାମିରେ ୟୁପି ୱାରିୟର୍ସ ୫ଖେଳାଳି କ୍ରୟ କରିବାକୁ ଥିବାବେଳେ ପାଖରେ ରହିଛି ୪ କୋଟି ଟଙ୍କା।

# ଶ୍ରାବଣୀ ନନ୍ଦଙ୍କୁ ୯ଲକ୍ଷ ୪୦ ହଜାର ଟଙ୍କା ପୁରସ୍କାର

ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)

ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ା-୨୦୨୩ ଏବଂ ଅନ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଆଥ୍‌ଲେଟ ଶ୍ରାବଣୀ ନନ୍ଦଙ୍କୁ ଶନିବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପୁରସ୍କାର ଆକାରରେ ୯ଲକ୍ଷ ୪୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଶ୍ରାବଣୀଙ୍କୁ ଅର୍ଥରାଶି ସହ ରୁପା ତାରକସି ଫଳକ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରାବଣୀଙ୍କ କୋଚ ନୀଳମାଧବ ଦେଓ ଏବଂ ଫିଜିଓ ଅର୍ଜିତା ଲେଙ୍କାଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଗୋଆ ଜାତୀୟ କ୍ରୀଡ଼ାର ୨୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ପାଇଁ ଶ୍ରାବଣୀଙ୍କୁ ଯଥାକ୍ରମେ ୫ଲକ୍ଷ ଓ ୩ଲକ୍ଷ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ୬୧ ତମ ଜାତୀୟ ଓପନ ଚାମ୍ପିୟନଶିପ -୨୦୨୨ରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଁ ଯଥାକ୍ରମେ ୬୦ ହଜାର ଓ ୪୦ ହଜାର ଅର୍ଥରାଶି ଏବଂ ୬୨ ତମ ଜାତୀୟ ଓପନ ଚାମ୍ପିୟନଶିପ ୨୦୨୩ରେ ରୌପ୍ୟ ପଦକ ପାଇଁ ୪୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

"ନିଷ୍ଠା ଓ କଠିନ ପରିଶ୍ରମ ବଳରେ ଶ୍ରାବଣୀ କେବଳ ନିଜ ପାଇଁ ପଦକ ଅର୍ଜନ କରି ନାହାନ୍ତି ବରଂ ସାରା ଓଡ଼ିଶାକୁ ଗର୍ବିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଭିତ୍ତିଭୂମି ନିର୍ମାଣ, ବିଶ୍ୱସ୍ତରୀୟ ତାଲିମ, କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଏବଂ ନିଯୁକ୍ତି ପ୍ରଦାନ ନେଇ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଆଜି ଓଡ଼ିଶାକୁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି" ବୋଲି ଶ୍ରାବଣୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଶ୍ରାବଣୀ ନନ୍ଦ ଏହି ପୁରସ୍କାର ପାଇଁ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। କ୍ରୀଡ଼ା ଓ ଯୁବସେବା ସଚିବ ଆର୍. ଭିନୀଲ କ୍ରିଷ୍ଣା ଶ୍ରାବଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ କ୍ରୀଡ଼ା ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ନିଜର କଠିନ ପରିଶ୍ରମ ଓ ନିଷ୍ଠା ବଳରେ କିପରି ସଫଳତା ହାସଲ କରିହୁଏ, ଶ୍ରାବଣୀ ହିଁ ତାହାର ବଳିଷ୍ଠ ଉଦାହରଣ ବୋଲି କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରକାଶ କରିଛନ୍ତି।



ଶ୍ରାବଣୀ ନନ୍ଦଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କୃତ କରୁଛନ୍ତି।

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ଏନଏସିର ୮ ନମ୍ବର ୱାର୍ଡର ସମସ୍ତ ଜନ ସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
କେ. ରମେଶ
କାଉନସିଲର, ୮ ନମ୍ବର ୱାର୍ଡ ଛତ୍ରପୁର ଏନଏସି

ଅଭିନନ୍ଦନ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅନୀଲ ପଟେଲ
ବେଲଗାଁ ଓ ଘୁନସର ଗ୍ରାମ ରୋଜଗାର ସେବକ, ସଇଁତଲା ବ୍ଲକ

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବୀଣା ନାଗ
କନିଷ୍ଠ ଯନ୍ତ୍ରୀ
ଜାତୀୟ ସ୍ୱାସ୍ଥ୍ୟ ମିଶନ
ବଲାଙ୍ଗୀର

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଇତିଶ୍ରୀ ଦେହୁରୀ
କନିଷ୍ଠ ଯନ୍ତ୍ରୀ
ଜଳ ଓ ପରିମଳ ବିଭାଗ, ସଇଁତଲା

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କପିଳ ଏଣ୍ଡ ସନ୍ସ
ସମାଜସେବୀ, ସଇଁତଲା

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶୁଭେଚ୍ଛା।
Bapi Steel & Electronics
Main Road Saintala
Mob-9437638054
ଏସ୍‌ବିଆଇ ଏଟିଏମ୍ ପାଖ, ମେନ୍ ରୋଡ୍, ସଇଁତଲା

ଅଭିନନ୍ଦନ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଚନ୍ଦ୍ରବଦନ ପୁରୋହିତ
ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି

ଅଭିନନ୍ଦନ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ହିମାଞ୍ଚଳ ବୁଡେକ
ଜିଲ୍ଲା ପରିଷଦ ସଭ୍ୟ
ଜୋନ୍-୩୦

ଅଭିନନ୍ଦନ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସୋନୁ ସିଂ ବାବୁ
ଗଣ୍ଡପତ୍ରାପାଲି ଗ୍ରାମ ରୋଜଗାର ସେବକ, ସଇଁତଲା ବ୍ଲକ

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତା'ର ସମସ୍ତ ପାଠକ ପାଠିକା ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
JESRAJ FILLING POINT
Bharat Petroleum
BADMAL,PHAPSI
ଫପସୀ, ବଡ଼ମାଳ, ସଇଁତଲା
Contact- 7978016575 (Mr-Tapan Dash)

ଅଭିନନ୍ଦନ
ଧରିତ୍ରୀ ସ୍ୱନକ୍ଷତ୍ର ଉତ୍ସବର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତା ନବବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।
ଦୟାନିଧି ମହାପାତ୍ର
ସଭାପତି,ବଡ଼ାପାଳ ସେବା ସମବାୟ ସମିତି,ବଡ଼ାପାଳ, ବାଲିଆପାଳ

୫୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ତା'ର ସଫଳତା କାମନା କରୁଛି। ଏଥିସହ ପରିବେଶ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରହିଲେ ଆମେ ସୁରକ୍ଷିତ ରହିବା, ଏକ ସୁସ୍ଥ ସମାଜ ପାଇଁ ସୁନ୍ଦର ଓ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି।
ମନୋରଞ୍ଜନ ଦାସ
(ମନୁଦା)
ଇକୋ ଟୁରିଷ୍ଟ ଗାଇଡ୍ କୁଲଡିହା
ପଞ୍ଚଲିଙ୍ଗେଶ୍ୱର, ନୀଳଗିରି, ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀ ସ୍ୱନକ୍ଷତ୍ର ଉତ୍ସବର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତା ନବବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।
ସୁଧୀର କୁମାର ବିଶ୍ୱାଳ
ସାମାଜିକ କର୍ମୀ,ଜଗାଇ, ପ୍ରତାପୁର

ବହୁଳ ପ୍ରସାରିତ ଓ ପ୍ରଚାରିତ ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ କଳମ୍ବ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।
ଶ୍ରୀ କାହ୍ନୁଚରଣ ଗୌଡ଼
ଯୁବ ସମାଜସେବୀ
କଳମ୍ବ ଗ୍ରାମପଞ୍ଚାୟତ ବିଜୁ ଜନତା ଦଳ (ବୁଗୁଡ଼ା)

ଅଭିନନ୍ଦନ
ଧରିତ୍ରୀ ସ୍ୱନକ୍ଷତ୍ର ଉତ୍ସବର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତା ନବବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।
ପ୍ରଶାନ୍ତ କୁମାର ଜେନା
ବାଲିଆପାଳ ଥାନା ଭାରପ୍ରାପ୍ତ ଅଧିକାରୀ, ବାଲିଆପାଳ

ଅଭିନନ୍ଦନ
ଧରିତ୍ରୀ ସ୍ୱନକ୍ଷତ୍ର ଉତ୍ସବର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଆସନ୍ତା ନବବର୍ଷ ୨୦୨୪ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।
ଇଂ.ଅବନୀ କୁମାର ରାଉତ
ସହକାରୀ ନିର୍ବାହୀ ଅଧିକାରୀ,ଗ୍ରାମ୍ୟ ନିର୍ମାଣ,ଉପ ବିଭାଜନ,ବାଲିଆପାଳ

ଓଡ଼ିଶାର ଅଗ୍ରଣୀ ଓ ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଅବସରରେ ନୀଳଗିରି ମାଟିର ସନ୍ତାନ ୰ଶିବାଶିଷ ଦ୍ୱିବେଦୀ (ବାପୁଲୁ)ଙ୍କ ପରିବାର ଓ ବନ୍ଧୁଜନଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା।
୰ ଶିବାଶିଷ ଦ୍ୱିବେଦୀ
(ବାପୁଲୁ)
ମିରିଗିଣି, ନୀଳଗିରି, ବାଲେଶ୍ୱର
ଧରିତ୍ରୀର ଶୁଭଚିନ୍ତକ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବିନିକା ସିଦ୍ଧାର୍ଥ ଜୁନିୟର କଲେଜର ସମସ୍ତ ଛାତ୍ରୀଛାତ୍ର ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ ଶୁଭେଚ୍ଛା ।
ରେଖା ପ୍ରଧାନ (ଅଧ୍ୟକ୍ଷା)

ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ମହାବୀର ଫାଉଣ୍ଡେସନ ନୀଳଗିରି ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ବାଲେଶ୍ୱରବାସୀଙ୍କୁ ସୁସ୍ଥ, ନୀରୋଗ, ନିରାମୟ ଜୀବନ ବଞ୍ଚିବାରେ ସହାୟକ ହୁଅନ୍ତୁ।
ବିଦ୍ୟାଧର ବାରିକ
ମହାବୀର ଫାଉଣ୍ଡେସନ ପ୍ରତିଷ୍ଠାତା
ନୀଳଗିରି, ବାଲେଶ୍ୱର
ଧରିତ୍ରୀର ଶୁଭଚିନ୍ତକ

## ଜାତୀୟ ବେଞ୍ଚପ୍ରେସ୍‌ରେ ଓଡ଼ିଶାକୁ ୭ ପଦକ

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ବେଙ୍ଗାଲୁରୁଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ବେଞ୍ଚପ୍ରେସ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ୭ ପଦକ ମିଳିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ ଏବଂ ୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ। ସିନିୟର ପୁରୁଷ ବିଭାଗ ୮୩ କେଜି ଓଜନ ବର୍ଗରେ ମହେନ୍ଦ୍ର ରାଉତ ୧୭୦ କେଜି ଏବଂ ଆୟୁଷ କୁମାର ସବ୍‌ଜୁନିୟର ୯୩ କେଜି ଓଜନ ବର୍ଗରେ ୧୪୨.୫ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ବଇବ କୁମାର ତାଣ୍ଡି ମାଷ୍ଟର ପୁରୁଷ-୩ ବିଭାଗର ୭୪ କେଜି ବର୍ଗରେ ୧୧୭.୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ଶ୍ରାବଣୀ ଜେନା ମହିଳା ଜୁନିୟର ବିଭାଗର ୬୯ କେଜି ବର୍ଗରେ ୬୭.୫ ଓ ମାଷ୍ଟର-୨ ମହିଳା ବିଭାଗର ୮୪ କେଜି ବର୍ଗରେ ଗୀତାଞ୍ଜଳି ନାୟକ ୪୫ କେଜି ଉଠାଇ ରୌପ୍ୟ ଏବଂ ସନ୍ତୋଷ ଦାସ ମାଷ୍ଟର-୧ବିଭାଗ ୬୬ କେଜି ବର୍ଗରେ ୧୧୨ କେଜି ଉଠାଇ ଓ ମହିଳା ସିନିୟର ୮୪ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ନଜ୍‌ମା ଆରା ବେଗମ ୮୨.୫ କେଜି ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରମେଶ ଶତପଥୀଙ୍କ ନେତୃତ୍ୱରେ ଓଡ଼ିଶାର ୨୦ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପଦକ ବିଜେତାମାନଙ୍କୁ ରାଜ୍ୟ ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ୱାଶିଂଟନ୍‌ଙ୍କୁ ମିଳିପାରେ ସୁଯୋଗ

**ବେଙ୍ଗାଲୁରୁ,୨।୧୨(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍ ରବିବାର ବେଙ୍ଗାଲୁରୁରେ ଖେଳାଯିବ। ଭାରତ ଆଗୁଆ ଏହି ସିରିଜ୍ ଜିତି ସାରିଥିବା ବେଳେ ଏହି ମ୍ୟାଚ୍‌ର ଫଳାଫଳକୁ ନେଇ ଭାରତ ଚିନ୍ତାମୁକ୍ତ ରହିବ। ତେଣୁ ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ ଏକାଧିକ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ସିରିଜ୍‌ରେ ଅଦ୍ୟାବଧି ଖେଳିବାକୁ ସୁଯୋଗ ପାଇ ନ ଥିବା ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦରଙ୍କୁ ଏକ ସୁଯୋଗ ମିଳିପାରେ। ସେହିପରି ଆଗକୁ ଦକ୍ଷିଣ ଆଫ୍ରିକା ସିରିଜ୍ ଆସୁଥିବା ବେଳେ ଶ୍ରେୟସ ଆୟର ଓ ଦୀପକ ଚହରଙ୍କ ଉପରେ ମଧ୍ୟ ଭାରତୀୟ ଥିଙ୍କ ଟ୍ୟାଙ୍କରଙ୍କ ନଜର ରହିବ। ଆୟର ଦିନିକିଆ ବିଶ୍ୱକପ୍‌ରେ ଚମତ୍କାର ଫର୍ମରେ ରହିଥିଲେ ମଧ୍ୟ ଦୀର୍ଘ ୧ ବର୍ଷର ବ୍ୟବଧାନ ପରେ ଟି୨୦ କ୍ରିକେଟ ଖେଳିଥିଲେ। ସେହିପରି ନିୟମିତ ଫିଟ୍‌ନେସ ସମସ୍ୟା ଦେଇ ଗତି କରୁଥିବା ଦୀପକ ଚହର ମଧ୍ୟ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ତାଙ୍କ ଉପରେ ମଧ୍ୟ ନଜର ରହିବ। ରବି ବିଷ୍ଣୋଇ ଓ ଅକ୍ଷର ପଟେଲଙ୍କ ଉପସ୍ଥିତିରେ ୱାଶିଂଟନ୍ ସୁନ୍ଦରଙ୍କୁ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ମିଳି ନ ଥିଲା। ତେବେ ଅନ୍ତିମ ମ୍ୟାଚଟି ପ୍ରଭାବହୀନ ରହିଥିବାରୁ ଉଭୟ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦେଇ ୱାଶିଂଟନଙ୍କୁ ପ୍ଲେଇଙ୍ଗ ଇଲେଭେନ୍‌ରେ ସାମିଲ କରାଯିବ।

ଦୀର୍ଘ ୧ ବର୍ଷ ପରେ ଟି୨୦ ଖେଳୁଥିବା ଆୟରଙ୍କ ବ୍ୟାଟିଂ ମଧ୍ୟ ଅତ୍ୟନ୍ତ ସାମାନ୍ୟ ରହିଥିଲା। ୭ ବଲ ଖେଳି ଗୋଟିଏ ଚୌକା ସହ ସେ ୮ ରନ୍ ସ୍କୋର କରିଥିଲେ। ଚିନ୍ନାସ୍ୱାମୀର ଛୋଟ ଗ୍ରାଉଣ୍ଡରେ ଏକ ବଡ ଇନିଂସ ଖେଳି ଆତ୍ମବିଶ୍ୱାସ ଫେରି ପାଇବାକୁ ଚେଷ୍ଟା କରିବେ ଆୟର। ଦିନିକିଆ ବିଶ୍ୱକପ୍‌ରେ ସମାନ ଷ୍ଟାଡିୟମରେ ଆୟର ଏକ ଶତକ ହାସଲ କରିଥିଲେ। ଅନ୍ୟପକ୍ଷରେ ୩୧ ବର୍ଷୀୟ ଚହର ମଧ୍ୟ ନିଜ ବୋଲିଂ ରିଦିମ୍ ଫେରି ପାଇବାକୁ ଚେଷ୍ଟା କରିବେ। ୪ ଓଭରରେ ସେ ୪୪ ରନ୍ ବ୍ୟୟ କରିଥିଲେ ମଧ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ପାଇଁ ଅକ୍ଷର ପଟେଲ ଭାରତୀୟ ଦଳରେ ନାହାନ୍ତି।

**ଭାରତ-ଅଷ୍ଟ୍ରେଲିଆ ଟି୨୦**
ମ୍ୟାଚ୍ ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୦୦
ପ୍ରସାରଣ: ସ୍ପୋର୍ଟ୍ସ ୧୮।

## ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲାଦେଶ

**ସିଲହଟ୍(ବାଂଲାଦେଶ),୨।୧୨(ଏପି)**

**ପ୍ରଥମ ଟେଷ୍ଟ**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ବାଂଲାଦେଶ ୧୫୦ରନରେ ବିଜୟ ହାସଲ କରିଛି। ଘରୋଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ। ମ୍ୟାଚରେ ସେ ମୋଟ ୧୦ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ସେ ୧୦୯ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ସେ ୭୫ରନ ଦେଇ ୬ ଉଇକେଟ ନେବା ଦ୍ୱାରା ୩୩୨ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ଶନିବାର ଅନ୍ତିମ ଦିବସ ଖେଳର ପ୍ରଥମ ସେସନରେ ୧୮୧ ରନରେ ଅଲଆଉଟ ହୋଇଯାଇଥିଲା। ଅନ୍ୟ ବୋଲରଙ୍କ ମଧ୍ୟରେ ଅଫ୍‌ସ୍ପିନର ନଇମ ହସନ ୪୦ ରନ ଦେଇ ୨ଟି ଉଇକେଟ ନେଇଥିବା ବେଳେ ପେସ୍ ବୋଲର ଶୋରିଫୁଲ୍ ଇସ୍‌ଲାମ (୧/୧୩) ଏବଂ ଅଫ୍ ସ୍ପିନର ମେହିଦି ହସନ (୧/୪୪) ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳର ଟପ୍ ସ୍କୋରର ରହିଥିଲେ ଡେରିଲ ମିଚେଲ। ସେ ୧୨୦ ବଲ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ୫୮ ରନ ସଂଗ୍ରହ କରିଥିଲେ। ଶନିବାର ସକାଳେ ନ୍ୟୁଜିଲାଣ୍ଡ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୧୩/୭ରୁ ଖେଳ ଆରମ୍ଭ କରିଥିଲା। ମିଚେଲ କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ କିଛି ନ ହେଲେ ମ୍ୟାଚ ଡ୍ର ରଖାଯାଇପାରିବ ବୋଲି ଦଳ ଆଶା କରୁଥିଲା। ସେ ୯୯ ବଲ୍‌ରେ ତାଙ୍କ ୯ମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଅଫ୍ ସ୍ପିନର ନଇମ ହସନଙ୍କ ଏକ ବଲ୍ ସୁଇପ ଶଟ ଖେଳିବାକୁ ଯାଇ ତାଇଜୁଲ ଇସ୍‌ଲାମଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।













1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ